RNI No.ODIODI/2010/33031
୧୬ ବର୍ଷ | Volume-16
ISSUE -301 | ସଂଖ୍ୟା-୩୦୧
ଭୁବନେଶ୍ୱର, ସୋମବାର ୧୬ ଫେବୃଆରୀ ୨୦୨୬
Bhubaneswar, Monday 16 February, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# କେନ୍ଦୁଝରରେ ଟେକ୍ସଟାଇଲ୍ ପାର୍କ, ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର

ଭୁବନେଶ୍ୱର/କେନ୍ଦୁଝର, ୧୫।୨(ନି.ପ୍ର.): କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି।



ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍ ?ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍କ ? ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ।"

ସ ଆହୁରି କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି।ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଡଉଇଉ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ ।

ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍ ଓଓ) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି । ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ?୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା।ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡଃ ଫକୀର ମୋହନ ନାଏକ ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଂଡାଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।



ଶ୍ରୀ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠୁଥିବାର ଦୃଶ୍ୟ।

## ଲିଙ୍ଗରାଜ ମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଭୁବନେଶ୍ୱର ୧୫।୦୨ : ଲିଙ୍ଗରାଜ ମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ । ଭିଆଇପି ଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଭକ୍ତ । ତେବେ ଜାଗର ପାଇଁ ରାଜ୍ୟର ସମସ୍ତ ଶୈବପୀଠ ଚଳଚଞ୍ଚଳ । ଲିଙ୍ଗରାଜ ମନ୍ଦିରରେ ଚାଲିଥିଲା ଦର୍ଶନ । ହେଲେ ଭିଆଇପିଙ୍କ ଦର୍ଶନ ପାଇଁ ହୋଇଥିବା ଲାଇନ୍‌ରେ ଜଣେ ମହିଳା ଭକ୍ତ ପ୍ରବେଶ କରିଥିଲେ । ଯାହାକୁ ନେଇ ସେଠାରେ ଉପସ୍ଥିତ ଥିବା ଲୋକେ ଏବଂ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି ।କିଛି ସମୟରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେପଟେ ଧାଡ଼ି ଦର୍ଶନରେ ଯାଉଥିବା ବେଳେ ଜଣେ ମହିଳା ଭକ୍ତ ହଠାତ୍ ଅସୁସ୍ଥ ହୋଇପଡିଥିବା ଜଣାପଡିଛି । ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବା ଲାଗି ମହିଳା ଜଣଙ୍କ ଅସୁସ୍ଥ ହୋଇଥିଲେ । ଏହାପରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ହେରିଟେଜ୍ ହ୍ରଦ ହେବ ବିନ୍ଦୁସାଗର

## ପାର୍କିଂରେ ଲିଙ୍ଗରାଜଙ୍କ ବିରାଟ ମୂର୍ତ୍ତି

ଭୁବନେଶ୍ୱର, ୧୫।୨(ନି.ପ୍ର.): ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଥିବା ବିନ୍ଦୁସାଗର ପୁଷ୍କରିଣୀ ହେବ ଐତିହ୍ୟ ହ୍ରଦ । ଏ ନେଇ ସୂଚନା ଦେଇଛନ୍ତି ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ମନ୍ତ୍ରୀ କହିଛନ୍ତି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏକାମ୍ର ହେରିଟେଜ୍ ପ୍ରକଳ୍ପ କାମ ଶେଷ ହେବ । ସେଥିରେ ନୂଆ ପ୍ରକଳ୍ପ ଯୋଡ଼ା ଯାଇଛି।



ନୂଆ କରି ଏକ ଇଣ୍ଟରପ୍ରିଟେସନ୍ ସେଣ୍ଟର କରାଯିବାର ପ୍ରସ୍ତାବ ରହିଛି । ପାର୍କିଂ ଶେଷରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ ହେବ । ଦ୍ୱିତୀୟରେ ବିନ୍ଦୁ ସାଗର ପୁଷ୍କରିଣୀର ପାରିପାର୍ଶ୍ୱିକର ଉନ୍ନତି କରଣ । ବିନ୍ଦୁସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ । ଯେଉଁ ପୁରୁଣା ଏଜେନ୍ସି କାମ ନ କରିବାରୁ ନୂଆ ଏଜେନ୍ସି କାମ କରିବ । ୨ଟି ନୂଆ ପ୍ରକଳ୍ପ ମିଶିଛି ସେଥିପାଇଁ ବଜେଟ ଆହୁରି ବଢିବ । ଅତିରିକ୍ତ କାମ ପାଇଁ ବଜେଟର କିଛି ଅସୁବିଧା ହେବନି ବୋଲି ଆଇନମନ୍ତ୍ରୀ କହିଛନ୍ତି । ଆଇନମନ୍ତ୍ରୀ ଆଜି ଜାଗର ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଛନ୍ତି । ନୀତିକାନ୍ତି ଶାନ୍ତି ଶୃଙ୍ଖଳାର ସହିତ ଚାଲିଛି। ନିର୍ଦ୍ଧାରିତ ସମୟ ଅନୁସାରେ ମହାଦୀପ ଉଠିବା ନେଇ ସେ ଆଶା ରଖିଛନ୍ତି ।

# ଜଳିଗଲା ଶୀତଳ ଭଣ୍ଡାର

## ୧୦ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ସମ୍ବଲପୁର, ୧୫।୨(ନି.ପ୍ର.): ଜିଲ୍ଲାର ବାମରା ବ୍ଲକ ବାଉଁଶଲଗା ଗ୍ରାମ ପଞ୍ଚାୟତ ନୁନିଆଁମୁଣ୍ଡା ସ୍ଥିତ ଲାଠ ଶୀତଳ ଭଣ୍ଡାରରେ ଭୟାବହ ଅଗ୍ନିକାଣ୍ଡ ହୋଇଛି । ନିଆଁରେ ଜଳି ପୋଡ଼ି କିଛି ଛାରଖାର ହୋଇଯାଇଛି



। ପ୍ରାୟ ୬ଟା ଦମକଳ ଗାଡ଼ି ନିଆଁକୁ ଆୟତ୍ତ କରିଛନ୍ତି । ସୂଚନା ଅନୁସାରେ ଅନୁଭବ ଲାଠଙ୍କର ବାଉଁଶଲଗା ଗ୍ରାମ ପଞ୍ଚାୟତ ନୁନିଆଁମୁଣ୍ଡାରେ ଏକ ଶୀତଳ ଭଣ୍ଡାର ରହିଥିଲା । ଆଜି ସକାଳ ପ୍ରାୟ ୬ଟା ସମୟରେ କର୍ମଚାରୀ ମୋଟର ଚାଲୁ କରିବାକୁ ଯାଇଥିଲେ। ମୋଟର ମାତ୍ର ୧୦ ମିନିଟ ଚାଲି ବନ୍ଦ ହୋଇ ଯାଇଥିଲା । ପରେ ଆଉ ବିଲକୁଲ ଚାଲି ନ ଥିଲା । କର୍ମଚାରୀ ଭିତରକୁ ଯାଇ ଦେଖିବାରୁ ଧୂଆଁ ବାହାରୁଥିଲା। ଏ ନେଇ କର୍ମଚାରୀମାନେ ମାଲିକଙ୍କୁ ଖବର ଦେଇଥିଲେ । ମାଲିକ ତୁରନ୍ତ ଗୋବିନ୍ଦପୁର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସେପଟେ ଚାହୁଁ ଚାହୁଁ ନିଆଁ କ୍ଷିପ୍ର ବେଗରେ ବ୍ୟାପିଯାଇଥିଲା । ପ୍ରଥମେ ଗୋଟିଏ ଦମକଳ ଗାଡ଼ି ଆସି ପହଁଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ନିଆଁର ଭୟବହତା ଏତେ ଥିଲା ଯେ ପରେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଓ କିରମିରା ଅଗ୍ନିଶମ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା । ପ୍ରାୟ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ୬ଟି ଦମକଳ ଗାଡ଼ି ନିଆଁକୁ ଲିଭାଇଥିଲେ । ଅଗ୍ନିକାଣ୍ଡରେ ୧୦ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଗୋଦାମରେ ଥିବା ସାମଗ୍ରୀ ଯଥା ମହୁଲ, ଆମ୍ବ ଚକଡ଼ା, ଲଙ୍କା ଇତ୍ୟାଦି ଏବଂ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି ।

## ମୃତ ଦଶମ ଛାତ୍ରଙ୍କ ପରିବାର ପାଇଁ ୪ ଲକ୍ଷ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଗଞ୍ଜାମ, ୧୫।୨(ନି.ପ୍ର.): ଗଞ୍ଜାମ ଖଲ୍ଲିକୋଟର ଦଶମ ଶ୍ରେଣୀ ଛାତ୍ରଙ୍କ ଆକସ୍ମିକ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏହା ସହିତ ମୃତ ଛାତ୍ର ମିହିର ପ୍ରଧାନଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ସହାୟତା ରାଶି ଘୋଷଣା କରିଛନ୍ତି । ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ଚାରି ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଗଞ୍ଜାମ ଜିଲ୍ଲା ବାଗଲପୁର ଗାଁର ମିହିର ପ୍ରଧାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ରହି ପାଠ ପଢୁଥିଲେ । ତିନି ବର୍ଷ ହେଲାଣି ସେ ସେଠାରେ ରହି ପାଠ ପଢୁଥିଲେ । ପ୍ରତ୍ୟେକ ଦିନ ଭଳି ଆଜି ସକାଳୁ ମଧ୍ୟ ଛାତ୍ର ଜଣ ପ୍ରାତଃ ଭ୍ରମଣରେ ଯାଇଥିଲେ । କିଛି ବାଟ ଯିବା ପରେ ସେ ହଠାତ ଚେତା ଶୂନ୍ୟ ହୋଇ ତଳେ ପଡିଯାଇଥିଲେ । ଏହା ପରେ ଉପସ୍ଥିତ ଥିବା ଶିକ୍ଷକ ତୁରନ୍ତ ଛାତ୍ରଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ପୋଲିସ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି ।

## ତାରିକଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ଓମ୍ ବିର୍ଲା

ନୂଆଦିଲ୍ଲୀ, ୧୫।୨ : ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ପରେ ବିଏନପି ଅଧ୍ୟକ୍ଷ ତାରିକ ରହମାନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କର ଶପଥ ଗ୍ରହଣ ସମାରୋହ ଫେବୃଆରୀ ୧୭ ଅର୍ଥାତ ମଙ୍ଗଳବାର ଢାକାରେ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସାମିଲ ହେବେ। ଗୋଟିଏ ଦିନ ପୂର୍ବରୁ, ବିଏନପି ନେତା ଇଘଗ ଏହସାନୁଲ୍ ହକ୍ ମିଲନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାରିକ ରହମାନଙ୍କ ଶପଥ ଗ୍ରହଣ ସମାରୋହକୁ ନିମନ୍ତ୍ରଣ କରିବାକୁ ଦାବି କରିଥିଲେ ।ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି କହିଛି ଯେ,'ଲୋକସଭା ବାଚସ୍ପତି ଓମ୍ ବିର୍ଲା ଫେବୃଆରୀ ୧୭, ୨୦୨୬ରେ ଢାକାରେ ତାରିକ ରହମାନଙ୍କ ନେତୃତ୍ୱରେ ନବନିର୍ବାଚିତ ବାଂଲାଦେଶ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଭାରତ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

# ପାରାଦୀପ ଇଫକୋରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ବୈଠକ

ପାରାଦୀପ, ୧୫।୨(ନି.ପ୍ର.): ପାରାଦୀପକୁ ଦିନିକିଆ ଗସ୍ତରେ ଆସିଥିବା ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଇଫକୋ ପାରାଦୀପ ୟୁନିଟ ବୋର୍ଡ ରୁମରେ ଶୁକ୍ରବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ । ଉକ୍ତ ବୈଠକ ରେ ୟୁନିଟ୍ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ପ୍ରମୁଖ ଶିଳ୍ପ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଇଫକୋ ପାରାଦୀପ, ପିପିଏଲ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ଏଏମଏନଏସ ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ର ସମୀକ୍ଷା କରିଥିଲେ ଏବଂ ସେମାନଙ୍କର ତ୍ୱରିତ ସମାଧାନ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯାହା ପାରାଦୀପର ସାମଗ୍ରିକ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା। ମୁଖ୍ୟ ସଚିବ ସଡ଼କ



ସଂଯୋଗୀକରଣ, ସହରାଞ୍ଚଳ ବିକାଶ, ହସ୍ପିଟାଲ ଭିତ୍ତିଭୂମି, ନୂତନ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ଏବଂ ପାରାଦୀପରେ ପ୍ରସ୍ତାବିତ ବିମାନବନ୍ଦର ସମେତ ପ୍ରମୁଖ ବିକାଶମୂଳକ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଅତିରିକ୍ତ ଶିଳ୍ପ ସଚିବ ଅରିନ୍ଦମ ଡାକୁଆଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ,ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଏବଂ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ୟୁନିଟ୍ ମୁଖ୍ୟ ଏବଂ ସମସ୍ତ ଶିଳ୍ପ ମୁଖ୍ୟ ଉପସ୍ଥିତ ଥିଲେ।

# ୧୭ରେ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୫।୨(ନି.ପ୍ର.): ଆସନ୍ତା ୧୭ରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ । ନୂଆ ବିଧାୟକ, ନୂଆ କର୍ଯ୍ୟକର୍ତ୍ତା ନେବେ ପ୍ରଶିକ୍ଷଣ। ଏନେଇ ସୂଚନା ଦେଇଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ । ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ପଞ୍ଚାୟତ ପୂର୍ବରୁ ସଂଗଠନ ସଜାଡ଼ିବା ପାଇଁ ଏହି ପ୍ରଶିକ୍ଷଣ ଶିବିର । ସବୁ ସ୍ତରରେ ପ୍ରଶିକ୍ଷଣ ଶିବିର ହେବ । ଏଥର ଭିନ୍ନ ଧରଣର ହେବ। ପ୍ରଥମେ ରାଜ୍ୟ ଏବଂ ପରେ ଜିଲ୍ଲା ପରେ ୨୫ ତାରିଖରେ ଜୋନାଲ ସ୍ତରୀୟ ଶିବିର ଆୟୋଜନ କରାଯାଇଛି । ଝାଡ଼ଖଣ୍ଡ, ସିକ୍କିମ, ଆଣ୍ଡାମାନ ସମେତ ପୂର୍ବାଞ୍ଚଳ ରାଜ୍ୟର ବିଜେପି ନେତା ଯୋଗ ଦେବେ । ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁଁ ସେ ରାଜ୍ୟର ପ୍ରତିନିଧି ଜୋନାଲ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ନାହିଁ । ଜୋନାଲ ପ୍ରଶିକ୍ଷଣ ଶିବିରରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓଡ଼ିଶା ଆସିବା ନେଇ ତାରିଖ ନିର୍ଦ୍ଧାରିତ ହୋଇ ନାହିଁ । ତେବେ ନୀତିନ ନବୀନ ଖୁବଶୀଘ୍ର ଓଡ଼ିଶା ଆସିବେ ବୋଲି ମଧ୍ୟ କହିଛନ୍ତି ମନମୋହନ ।

## ଡାହୁକ



ଏପଷ୍ଟିନ ଫାଇଲି ଖୋଲିଲା ପରେ
ପୋଡା ଜ୍ୱାଳା ହୁଏ ଭାରି ଜୋରେ
ଭବିଷ୍ୟତ ଚିନ୍ତା ଘାରିଚି
ନୀଳ ଶୃଗାଳର ଅସଲ ଚେହେରା
ସମସ୍ତଙ୍କୁ ଜଣା ପଡିଚି
-ବିଧୂ

# 'ସିଆଇଆଇ ସମ୍ବଲପୁର ଇନିସିଏଟିଭ'ର ଶୁଭାରମ୍ଭ

ସମ୍ବଲପୁର/ହୀରାକୁଦ, ୧୫।୨(ନି.ପ୍ର.): କୋଇଲା, ଉର୍ଜା, ଶିକ୍ଷାନୁଷ୍ଠାନ ଏବଂ ସମୃଦ୍ଧ ଟେକ୍ସଟାଇଲ ପରମ୍ପରାର ସମନ୍ୱୟରେ ସମ୍ବଲପୁର ନୂତନ ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପୂର୍ବ ଭାରତର ପରବର୍ତ୍ତୀ 'ଗ୍ରୋଥ୍ ଇଞ୍ଜିନ' ଭାବେ ଉଭା ହେବ ବୋଲି ଆଜି ସମ୍ବଲପୁରରେ 'ସିଆଇଆଇ ସମ୍ବଲପୁର ଇନିସିଏଟିଭ୍'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶିଳ୍ପ ଜଗତ, ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କ ସହ ଆୟୋଜିତ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବଲପୁରର ଶିଳ୍ପ ବିକାଶ, ଯୁବଶକ୍ତିର ସଶକ୍ତିକରଣ ଏବଂ ଆଗାମୀ ଦିନର ରୋଡମ୍ୟାପ୍ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର କେବଳ ପ୍ରାକୃତିକ ସମ୍ପଦର କେନ୍ଦ୍ର ନୁହେଁ, ବରଂ ଏହା ମାନବ ପ୍ରତିଭା, ନବସୃଜନ ଏବଂ ଉଦ୍ୟମିତାର ଏକ ସୁଦୃଢ଼ ଭୂମି । କୋଇଲା, ଶକ୍ତି, ଉନ୍ନତ ଶିକ୍ଷାନୁଷ୍ଠାନ, ସମୃଦ୍ଧ ଟେକ୍ସଟାଇଲ ପରମ୍ପରା ଏବଂ ବିକଶିତ ହେଉଥିବା ଔଦ୍ୟୋଗିକ ଭିତ୍ତିଭୂମି ସହ ଏହି ଅଞ୍ଚଳ ଆଗାମୀ ଦିନରେ ପୂର୍ବ ଭାରତର ଅନ୍ୟତମ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ' ଭାବେ ଉଭା ହେବାକୁ ଯାଉଛି । ରାଜ୍ୟ ସରକାର କଟକ-ଭୁବନେଶ୍ୱର-ପାରାଦୀପ-ପୁରୀକୁ ପ୍ରଥମ 'ଇକୋନୋମିକ ଜୋନ' ଭାବେ ଗଠନ କରିବା ପାଇଁ




ପଦକ୍ଷେପ ନେଉଥିବା ବେଳେ ରାଜ୍ୟର ଦ୍ୱିତୀୟ ଅର୍ଥନୈତିକ ଜୋନ୍ ଭାବେ ସୁନ୍ଦରଗଡ଼-ଝାରସୁଗୁଡ଼ା-ସମ୍ବଲପୁର-ବରଗଡ଼ କରିଡରକୁ ବିକଶିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି, ଯାହା ଅଞ୍ଚଳରେ ବ୍ୟାପକ ପୁଞ୍ଜି ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ସମ୍ବଲପୁରର ନୂତନ ରୂପାନ୍ତରଣ ବିଷୟରେ ସୂଚନା ଦେଇ ସେ କହିଛନ୍ତି ଯେ ସହରର ଗମନାଗମନ ସୁବିଧା ପାଇଁ ପାଖାପାଖି ୫୦ କିଲୋମିଟର ବିଶିଷ୍ଟ ଏକ ଆଉଟର ରିଙ୍ଗ ରୋଡ୍ ନିର୍ମାଣ ହେଉଛି । ଏହା ସହିତ ଭବିଷ୍ୟତର ଶିଳ୍ପ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଇଣ୍ଡଷ୍ଟ୍ରିଆଲ ପ୍ଲଟ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ ବିଶେଷ ଭାବେ ଦକ୍ଷତା ବିକାଶ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଆଧୁନିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ କେବଳ ପୁରୁଣା ପଦ୍ଧତିରେ କାର୍ଯ୍ୟ କଲେ ହେବ ନାହିଁ, ବରଂ ସ୍ଥାନୀୟ ଯୁବକମାନଙ୍କୁ ନୂତନ କାପାସିଟି ଏବଂ ଟାଲେଣ୍ଟ ମାଧ୍ୟମରେ ବିଶ୍ୱସ୍ତରୀୟ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବାକୁ ହେବ । ସମ୍ବଲପୁରର ସାଂସ୍କୃତିକ ଓ ଅର୍ଥନୈତିକ ଗୁରୁତ୍ୱ ରହିଥିବା ବେଳେ ଏଠାରେ ଦେବ୍ରିଗଡ଼ ପରି ପର୍ଯ୍ୟଟନ ସ୍ଥଳୀ ଏବଂ ହସ୍ପିଟାଲିଟି କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି । ଶିଳ୍ପ, ଦକ୍ଷତା ଏବଂ ସନ୍ତୁଳିତ ବିକାଶ ସହ ସମ୍ବଲପୁର ନୂତନ ଭାରତର ବିକାଶ ଯାତ୍ରାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ କେତେକ ପ୍ରମୁଖ ସିଆଇଆଇ ସେଣ୍ଟର ଇନିସିଏଟିଭ୍ ?ର ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ ଲାଇବ୍ରେରୀ ଠାରେ 'ସିଆଇଆଇ ଏଜୁକେସନ ଟୁ ଏମ୍ପ୍ଲୟମେଣ୍ଟ (ଇଟୁଇ) କ୍ୟାରିୟର ଲାଉଞ୍ଜ' ଏବଂ ସମ୍ବଲପୁର ଠାରେ 'ସିଆଇଆଇ ନ୍ୟାସନାଲ କୌଶଳ କେନ୍ଦ୍ର'ର ଉଦଘାଟନ କରାଯାଇଛି । ଏଥିସହିତ ଓଡ଼ିଶାରେ ଉଦ୍ୟମିତାର ବିକାଶ ପାଇଁ 'ଓଡ଼ିଶା ଏଣ୍ଟ୍ରପ୍ରିନରସ ଡେଭଲପମେଣ୍ଟ ଫୋରମ' ଏବଂ 'ସିଆଇଆଇ ସେଲ୍ ମାଇକ୍ରୋ ଏବଂ ସ୍ମଲ ଏଣ୍ଟ୍ରପ୍ରିନରସ ପ୍ରୋଜେକ୍ଟ'ର ମଧ୍ୟ ଶୁଭାରମ୍ଭ ହୋଇଛି । କୃଷି, ମତ୍ସ୍ୟ ଏବଂ ଦୁଗ୍ଧ ଜୀବିକା ପ୍ରଣାଳୀର ବଜାରଭିତ୍ତିକ ରୂପାନ୍ତରଣ ପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ସିଆଇଆଇ ଫୁଡ୍ ଆଣ୍ଡ ଏଗ୍ରିକଲଚର ସେଣ୍ଟର ଅଫ୍ ଏକ୍ସଲେନ୍ସ (ଫେସ) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି ।



# ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବୈଠକ

କେନ୍ଦ୍ରାପଡ଼ା,୧୫।୨:(ମନ୍ଥନ)ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ସାଧାରଣ ପରିଷଦ ବୈଠକ ଗରାପୁର କାର୍ଯ୍ୟାଳୟରେ ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସ୍ୱାଗତ ଭାଷଣ ଦେବା ସହ ପୂର୍ବ ବାର୍ଷିକ ଉତ୍ସବର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରି ଆୟବ୍ୟୟର ତଥ୍ୟ ଉପସ୍ଥାପନ କରିଥିଲେ। ସଂଗଠନର ମୁଖ୍ୟ ମାର୍ଗଦର୍ଶକ ବରିଷ୍ଠ ଶିକ୍ଷାବିତ ମନ୍ମଥ କୁମାର ରାୟ ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷା ଅବକ୍ଷୟ ହେବା ସହ ଏହାର ଭବିଷ୍ୟତ ଦିଗହରା ହୋଇ ଯାଉଛି ବୋଲି କହି ବହୁ ପ୍ରମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ପିଲାମାନେ କିପରି ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ପବ୍ଲିକ ସ୍କୁଲ ଅଭିମୁଖେ ଧାଉଁଛନ୍ତି ତାହାର ଉଦାହରଣ ଦେଇଥିଲେ। ଏଥିପ୍ରତି ସରକାରୀ ସ୍ତରରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ସଚେତନତା ସହ ଉପଯୁକ୍ତ କର୍ମଶାଳା ଆୟୋଜନ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଗାମୀ ବାର୍ଷିକ



ଉତ୍ସବ ଉପଲକ୍ଷେ ସଂଗଠନର ବାର୍ଷିକ ପତ୍ରିକା ପ୍ରକାଶନ ପାଇଁ ଚଳିତମାସ ୨୬ତାରିଖ ସୁଦ୍ଧା ଲେଖା ପଠାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ଉପସଭାପତି ଚୌଧୁରୀ କୈଳାସ ଚନ୍ଦ୍ର ପଟ୍ଟନାୟକ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଦୋଳଗୋବିନ୍ଦ ସାହୁ, ନିରଞ୍ଜନ ନାୟକ, ନରହରି ପାତ୍ର, ଅକ୍ଷୟ କୁମାର ସ୍ୱାଇଁ, ସୋମନାଥ ପଢିହାରୀ, ସନାତନ ତରାଇ, ନିରଞ୍ଜନ ସାମଲ, ଭାଗୀରଥି ନନ୍ଦ, ମାଗୁଣି ଚରଣ ବିଶ୍ୱାଳ, ଚନ୍ଦ୍ରଭାନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବାର୍ଷିକ ଉତ୍ସବର ସଫଳତା କାମନା କରିଥିଲେ। ପତ୍ରିକା ତଥା ମିଡିଆ ସମ୍ପାଦକ କାଶିନାଥ ରାଉତରାୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲାକଡେରେ ଗୋପରେ ପୁଲଓ୍ୱାମା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତ ସଂଗ୍ରହ

ଗୋପ,୧୫।୨:(ମନ୍ଥନ)ଫେବୃଆରୀ ୧୪ ତାରିଖକୁ ସମଗ୍ର ବିଶ୍ୱର ଅଧିକାଂଶ ଯୁବପିଢ଼ିମାନେ ମଉଜ ଓ ମଜଲିସ ଏବଂ ଆନନ୍ଦ ଉଲ୍ଲାସ ରେ ପ୍ରେମ ଦିବସକୁ ନେଇ ବ୍ୟସ୍ତ ଥିବାବେଳେ ୧୯୯୦ ମସିହା ମାଟ୍ରିକ ବ୍ୟାଚ ର ଛାତ୍ର ଛାତ୍ରୀ ଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଉକ୍ତ ରକ୍ତଦାନ ଶିବିର କୁ ପୁରୀ ଜିଲ୍ଲାର ଗୋପ ବ୍ଲକ ଅଧିନସ୍ଥ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗୋପ ନିଗମାନନ୍ଦ ହାଇସ୍କୁଲ ର ଛାତ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଙ୍କ ମିଳିତ ସହଯୋଗ ରେ ଆୟୋଜିତ ହୋଇଥିଲା । ପୁଲଓ୍ୱାମା ରେ ଆତଙ୍କବାଦୀ ଙ୍କ ଦ୍ୱାରା ଶହୀଦ ହୋଇଥିବା ୪୦ ଜଣ ବୀର ଯବାନ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହା ଗୋପ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶନିବାର ସକାଳ ୯ ଟା ୩୦ ମିନିଟ ରୁ ଆରମ୍ଭ ହୋଇ ଦିନ ଦୁଇଟା ପର୍ଯ୍ୟନ୍ତ ଚାଲିଥିଲା । ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ଭୁବନେଶ୍ୱର ବ୍ଲଡ଼ ବ୍ୟାଙ୍କ ସହାୟତା ରେ । ପରବର୍ତ୍ତୀ ସମୟରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏକ ମାନପତ୍ର ଓ ଟ୍ରଫି ଛାତ୍ର ସଂସଦ କୁ ପ୍ରଦାନ କରାଯାଇଥିଲା । ପୁରାତନ ଛାତ୍ର ଛାତ୍ରୀ ଙ୍କ ପକ୍ଷରୁ



ପ୍ରଥମେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ତାପରେ ସହିଦ ଙ୍କ ଫୋଟୋ ଚିତ୍ର ରେ ପୁଷ୍ପ ଓ ଧୂପ ଅର୍ପଣ କରିବା ସହିତ ଏକ ସ୍ମୃତି ସଭାର ଅନୁଷ୍ଠିତ ହୋଇଥିଲା । ତାପରେ ନିଗମାନନ୍ଦ ହାଇସ୍କୁଲ ର ପୁରାତନ ଓ ଅବସର ପ୍ରାପ୍ତ ଶିକ୍ଷକ ପଣ୍ଡିତ ସନାତନଶର୍ମା, ଦିଲ୍ଲୀପ କୁମାର ଦଳାଇ ଓ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ମହାପାତ୍ର ଏବଂ ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପ ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ପଡିଆରୀ ଏବଂ ନୂଆ। କରି ଯୋଗ ଦେଇଥିବା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଙ୍କ ସମେତ ଅବସରପ୍ରାପ୍ତ ସେନା ଅଧିକାରୀ ସତ୍ୟନାରାୟଣ ସେନାପତି ଙ୍କୁ ମଧ୍ୟ ଛାତ୍ର ସାଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ରକ୍ତଦାତା ଙ୍କୁ ସାଂସଦ ପକ୍ଷରୁ ଏକ ମାନପତ୍ର ଓ ଭୁବନେଶ୍ୱର ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏକ ମାନପତ୍ର ସହିତ ଏକ ଆଇ କାର୍ଡ ପ୍ରଦାନ କରାଯାଇଥିଲା । ପୁରାତନ ଛାତ୍ର ସଂସଦ ର ସଭାପତି ଶ୍ରୀମତୀ ଜୟନ୍ତୀ ବାରିକ କାର୍ଯ୍ୟକାରୀ ସଭାପତି ମିଳନ କୁମାର ମହାନ୍ତି, ସମ୍ପାଦକ ଡ଼ଃ ଭବାନୀ ଶଙ୍କର ସାମନ୍ତରାୟ, କୋଷାଧ୍ୟକ୍ଷ ସନାତନ କୁମାର ସେନାପତି, ଙ୍କ ସମେତ ବୈଲୋଚନ , ପ୍ରଦୀପ୍ତ , ଅମର , ରଶ୍ମିତା, ଜୟନ୍ତ, ମାନସୀ, ସହଦେ, ପାଗୁଲ, ଦିନା, ଅଜିତ, ରମେଶ, ବାବୁଆ, ଗୋପୀ, ପ୍ରଭୃତି ଶତାଧିକ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ରମ ଟି ସୁନ୍ଦର ରୂପେ ପରିଚାଳିତ ହୋଇଯାଇଛି ।

# ଅସ୍ତରଙ୍ଗରେ ବେଆଇନ କାଠ ମାଫିଆଙ୍କ ରାଜ୍

ଅସ୍ତରଙ୍ଗ,୧୫।୨:(ମନ୍ଥନ)ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆପଟା ମଠ ବିରଞ୍ଚି ନାରାୟଣୀ ଠାକୁରାଣୀଙ୍କ ମନ୍ଦିର ନିକଟସ୍ଥ ସରକାରୀ ଜମିରୁ ଦିନ ଦିପହରରେ ବ୍ୟାପକ ଗଛ କଟା ଚାଲିଥିବା ଅଭିଯୋଗ ହୋଇଛି । କାଠ ମାଫିଆମାନେ ନିର୍ଭୟରେ ଲକ୍ଷାଧିକ ଟଙ୍କାର ଆକାଶି ଗଛ କାଟି ଚୋରା ଚାଲାଣ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ଏବଂ ବନ ବିଭାଗର ନିରବତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୌଣସି ଲୁଚଛପା ନୁହେଁ, ବରଂ ଦିନ ଦିପହରରେ ମାଫିଆମାନେ ସକ୍ରିୟ ରହୁଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ବି ପ୍ରଶାସନ କୌଣସି ଦୃଢ଼ ପଦକ୍ଷେପ ନେଉନାହିଁ ।



ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏହି ଗଛଗୁଡ଼ିକ ପ୍ରାକୃତିକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରନ୍ତି । ମାତ୍ର ମାଫିଆମାନେ ନିଜର ଆର୍ଥିକ ଫାଇଦା ପାଇଁ ଏହି ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାରେ ଲାଗିଛନ୍ତି । ଯଦି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଆଗାମୀ ଦିନରେ ଏହି ଅଞ୍ଚଳ ଲଣ୍ଡା ହୋଇଯିବାର ଆଶଙ୍କା ରହିଛି । ଏହି ବେଆଇନ କାର୍ଯ୍ୟ ପଛରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥାଇପାରେ । ସେମାନେ ଦାବି କରିଛନ୍ତି ଯେ ବନ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କଟାଯାଇଥିବା ଗଛକୁ ଜବତ କରୁ । ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ମାଫିଆଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସ୍ଥାନୀୟ ତହସିଲଦାର ଓ ପୋଲିସ ଏଥିରେ ହସ୍ତକ୍ଷେପ କରି ସରକାରୀ ଜମିକୁ ସୁରକ୍ଷିତ ରଖନ୍ତୁ । ଯଦି ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ ନ ହୁଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଆଗାମୀ ନିର୍ବାଚନ ଉପଲକ୍ଷେ କଂଗ୍ରେସର ପ୍ରସ୍ତୁତି ବୈଠକ

ଯୋଡ଼ା,୧୫।୨:(ମନ୍ଥନ)କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି ଅନ୍ତର୍ଗତ କଲ୍ୟାଣ ମଣ୍ଡପ ଠାରେ କଂଗ୍ରେସ ପାର୍ଟି ତରଫରୁ ଆଗାମୀ ନିର୍ବାଚନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ରେ ଦଳର କେନ୍ଦୁଝର ଜିଲ୍ଲା ସଭାପତି ମନୋଜ କୁମାର ଜେନା,ପୂର୍ବତନ ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶବନ୍ତ ନାରାୟଣ ସିଂ ଲାଗୁରୀ,ଜିଲ୍ଲା ସାଧାରଣ ସମ୍ପାଦକ ବିକାଶ ବଳ,ଯୋଡ଼ା ନଗର କଂଗ୍ରେସ ସଭାପତି ସୁବ୍ରତ କୁମାର ନାୟକ ପ୍ରମୁଖ ମଞ୍ଚ ସିନ ଥିଲେ । ତଦ ସହିତ ବଡବିଲ ନଗର କଂଗ୍ରେସ ସଭାପତି ଅମିତ୍ର କୁମାର ମହନ୍ତ,ଯୋଡ଼ା ବ୍ଲକ ସଭାପତି ଚନ୍ଦ୍ରବିର ମହନ୍ତ,ଚମ୍ପୁଆ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ପତି ଓ କଂଗ୍ରେସ ର ପୂର୍ବତନ ଯୋଡ଼ା ମ୍ୟୁନିସିପାଲଟି ଚେୟାରମେନ କରୁଣାକର ପାତ୍ର ସଭାରେ



ଉପସ୍ଥିତ ଥିବା ବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ଓ ବସ୍ତି ର ତୃଣମୂଳ ସ୍ତରୀୟ କଂଗ୍ରେସ ର କର୍ମୀ ମାନେ ଉପସ୍ଥିତ ଥିଲେ । ସୁବ୍ରତ କୁମାର ନାୟକ ଏହି ସଭା କୁ ପରିଚାଳନା କରିଥିବା ବେଳେ ଶ୍ରୀ ଲାଗୁରୀ ସଭାକୁ ଉଦବୋଧନ ଦେଇଥିଲେ ଯେ ଆମେ ହାତର ମୁଠା କୁ ଏକାଠି ରଖିବା ପରି ଏକତ୍ର ରହି ଦଳ କୁ ମଜଭୁତ କରିବା ଦରକାର । ଜନସାଧାରଣଙ୍କ ମୌଳିକ ସୁବିଧା,କର୍ମନିଯୁକ୍ତି, ଶିକ୍ଷା,ସ୍ୱାସ୍ଥ୍ୟ ଉପରେ ଜନଜାଗରଣ ସୃଷ୍ଟି କରିବା ଦରକାର । ଯାହା ଏ ଠାରେ ସରକାରଙ୍କ ବିଫଳତା ଦେଖେଇ । ଆଗାମୀ ଦିନରେ ହଜାର ହଜାର ସଂଖ୍ୟାରେ କିପରି ସାମିଲ ହେବା ତାହା ତୃଣମୂଳ ସ୍ତରରୁ ସୃଷ୍ଟି କରିବା ଦରକାର । ତେବେ ଏହି ସଭାରେ ଶତାଧିକ କର୍ମୀ ଯୋଗ ଦେଇ ଥିବା ଦେଖାଯାଇଥିଲା ।ଏହି ସଭା ଦିବା ଏଗାର ଘଟିକା ରୁ ଆରମ୍ଭ ହୋଇ ଦୁଇଟା ରେ ଶେଷ ହୋଇଥିଲା ।

# ସରକାରୀ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

ବଲାଙ୍ଗୀର,୧୫।୨:(ମନ୍ଥନ):ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ସରକାରୀ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ର ଶିଶୁ ବାଟିକା ଶ୍ରେଣୀ ରୁ ୧୨ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ନାଗ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସେବାଶ୍ରୀ ଦେଭାଇ ଯୋଗଦେଇଥିଲେ ।



କାର୍ଯ୍ୟକ୍ରମ ରେ ରାଧାରାଣୀ ପଡା କ୍ଲଷ୍ଟର ର ସିଆରସିସି ଗିରିଶ ରାମ ବେହେରା,ବିଦ୍ୟାଳୟ ର ଶିକ୍ଷୟତ୍ରୀ ଯମୁନା ।ଲା ମଲ୍ଲିକ,ଯୋଗମୟୀ ଗେଜୋ,ମମତା ରଣା,ପାଚିକା ଜୟ ଘିବେଲା, ଯଶୋବନ୍ତୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ମେଧାବୀ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଚେଷ୍ଟା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର-ତା.୧୪ଯ୦୨ଯ୨୦୨୬:ଆସନ୍ତା ମ୍ୟାଟ୍ରିକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ମାନଙ୍କ ମନରେ ଥିବା ଭୟ ଓ ଚପକୁ ଦୂର କରିବା ସହ ସଫଳତା ର ସଠିକ ଦିଗ ଦେଖାଇବା ପାଇଁ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ 'ପ୍ରଚେଷ୍ଟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାଯବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ ଙ୍କ




ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ସଦର ବ୍ଲକ ଓ ପୌର ପରିଷଦ ଅଧିନସ୍ଥ ସମସ୍ତ ହାଇସ୍କୁଲ ର ୭୮ଜଣ ମେଧାବୀ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେଯବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପଟେଲ ପରିଶ୍ରମ ଓ ନିଷ୍ଠା ହେଉଛି ସଫଳତାର ମୂଳ ମନ୍ତ୍ର ବୋଲି କହିଥିଲେଯନିୟମିତ ପୁନରାବୃତ୍ତି,ସମୟର ସଠିକ ବ୍ୟବହାର କଲେ ଶ୍ରେଷ୍ଠ ଫଳାଫଳ ଆସିବ ବୋଲି ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର କହିଥିଲେଯ ସାଧନକର୍ମୀ ମାନେ ବିଭିନ୍ନ ବିଷୟର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ଲେଖନୀ ଶୈଳୀ ଓ ମାର୍କ ଆଣିବାର କୌଶଳ, ମନୋବୈଜ୍ଞାନିକ ପରାମର୍ଶ ଓ ମଡେଲ ଟେଷ୍ଟ ଆୟୋଜନ କରିଥିଲେଯଏହି 'ପ୍ରଚେଷ୍ଟା' କାର୍ଯ୍ୟକ୍ରମ ରେ ୨୦ ଜଣ ବିଷୟ ଭିତ୍ତିକ ସାଧନକର୍ମୀ ଯୋଗଦେଇଥିଲେଯପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର,ରାଜ ପ୍ରସାଦ ପ୍ରଧାନ, କିଶୋର ହନୁମାନ,ସୁନୀଲ ବେହେରା,ସରୋଜ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେଯ

# ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରୁଛନ୍ତି ନୃସିଂହ

କେନ୍ଦ୍ରାପଡ଼ା,୧୪।୨:ପରିବେଶର ସୁରକ୍ଷା ନିମନ୍ତେ ଅଣ୍ଟା ଭିଡିଛନ୍ତି ସମାଜସେବୀ ନୃସିଂହ ଚରଣ ଦାସ। ଗାଁକୁ ଗାଁ ବୁଲି ବିଭିନ୍ନ ଫଳ ଓ ଫୁଲର ଗଛର ଚାରା ରୋପଣ କରୁଛନ୍ତି ନୃସିଂହ। ପରିବେଶ ଓ ପାରିପାର୍ଶ୍ୱିକ ଅବସ୍ଥାର ପୁନରୁଦ୍ଧାର ପାଇଁ ସଦା ଚେଷ୍ଟିତ ଅଛନ୍ତି ନୃସିଂହ। କେବଳ



ବିଭିନ୍ନ ବୃକ୍ଷର ଚାରା ରୋପଣ କରୁନାହାନ୍ତି ନୃସିଂହ ସେହି ଚାରାଟି କିଭଳି ବଞ୍ଚିରହି ମହାଦ୍ରୂମରେ ପରିଣତ ହେବ ସେଥିପାଇଁ ମଧ ପ୍ରଚେଷ୍ଟା ଜାରି ରଖିଛନ୍ତି ସେ। ଗଛରେ ପାଣି ଦେବା ଠାରୁ ଆରମ୍ଭ କରି ସେହି ଗଛର ଚର୍ତୁପାର୍ଶ୍ୱରେ ବାଡ ଦେଇ ତାକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା ଚଳାଇଛନ୍ତି ନୃସିଂହ। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ପ୍ରତ୍ୟେକ ଲୋକକୁ ଭେଟି ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ବୁଝାଉଛନ୍ତି ସେ। ଏଭଳି ଜଣେ ସମାଜସେବୀ ପ୍ରକୃତରେ ଆଜିର ଦୁନିଆରେ ବିରଳ ବୋଲି ଲୋକେ କହୁଛନ୍ତି।

# ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୧୫।୨:(ମନ୍ଥନ) ସ୍ଥାନୀୟ ଏମକେସିଜି ମେଡିକାଲର ମୁଖ୍ୟ ଫାଟକ ନିକଟରେ ଶନିବାର ସନ୍ଧ୍ୟାରେ ଟିମ କ୍ଲିନ୍ ସିଟିର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଙ୍ଗଠନ, ସାମ୍ବାଦିକ ଓ ସହରବାସୀ ସାମିଲ ହୋଇ କ୍ୟାଣ୍ଡେଲ ଜାଳି ଦୁଇ ମିନିଟି ନୀରବ ପ୍ରାର୍ଥନା କରି ଶହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତି ଚାରଣ କରାଯାଇଥିଲା । ପରେ ସମସ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମେଡିକାଲ ଭିତରେ କିଛି ବାଟ ପରିକ୍ରମା କରି ଶହିଦ ଜବାନ ଅମର ରହେ ଓ ଆତଙ୍କବାଦୀ ହାମଲାରେ ପାକିସ୍ତାନର ହାତ ଥିବା ଦର୍ଶାଇ ପାକିସ୍ତାନ ହାଏ ହାଏ ନାରାରେ ସମସ୍ତେ ଶ୍ଲୋଗାନ ଦେଇଥିଲେ ।ପ୍ରକାଶ ଥାଉ କି, ୨୦୧୯ ମସିହା ଆଜିର ଦିନରେ ସିଆରପିଏଫର ୪୦ଜଣ ଜବାନଙ୍କୁ ହରାଇଥିଲା ଭାରତ । ଆତଙ୍କବାଦୀ ସଙ୍ଗଠନ ଆକ୍ରମଣରେ ଶହିଦ ହୋଇଥିଲେ ସମସ୍ତ ଜବାନ, ଯାହା ଭାରତ ପାଇଁ ସବୁ ଠାରୁ ବଡ ଆକ୍ରମଣ ଓ ଶକ୍ତ ଧକ୍କା ଥିଲା । ଅବଶ୍ୟ ଏହି ଆକ୍ରମଣ ଘଟଣାର ମାତ୍ର ଦୁଇ ସପ୍ତାହ ମଧ୍ୟରେ ଭାରତ ପକ୍ଷରୁ ମଧ ପାଲଟା ଆକ୍ରମଣ କରାଯାଇ ଆତଙ୍କବାଦୀ ସଙ୍ଗଠନର ଆଡ୍ଡାକୁ ଧ୍ୱସ୍ତ ବିଧ୍ୱସ୍ତ କରାଯାଇଥିଲା । ଏହି ଘଟଣାକୁ ଇତି ମଧ୍ୟରେ ଦିର୍ଘ ୭ ବର୍ଷ ବିତି ଯାଇଥିଲେ ସୁଦ୍ଧା ଫେବୃଆରୀ ୧୪ ତାରିଖକୁ ଭାରତରେ ଶହୀଦଙ୍କୁ ସମ୍ମାନ ଜଣାଇ ଏହି ଦିନକୁ କଳା ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଦକ୍ଷିଣ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମପୁରର ଟିମ କ୍ଲିନ ସିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କଳା ଦିବାସ ପାଳିତ କରାଯାଇଥିବା କୁହାଯାଇଛି ।

# ପୁଲଓ୍ୱାମରେ ସହିଦ ସୁରକ୍ଷା କର୍ମୀଙ୍କ ଉଦ୍ଦେଶ୍ୟରେ ଦୀପ ଦାନ

କନ୍ଧମାଳ,୧୫।୨:(ମନ୍ଥନ)୨୦୧୯ ମସିହା ଫେବୃଆରୀ ୧୪ ତାରିଖ ଦିନ ଜାମ୍ମୁ କଶ୍ମୀର ର ପୁଲବାମା ଠାରେ ହୋଇଥିବା ଭାରତର ସୁରକ୍ଷା କର୍ମୀ ଙ୍କ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣରେ ଦେଶ ପାଇଁ ସହିଦ ହୋଇଥିବା ସୁରକ୍ଷା କର୍ମୀ ଙ୍କ ଉଧେଶ୍ୟ ରେ ଜିଲ୍ଲା ସଦର ମହକୁମାସ୍ଥିତ ଆନନ୍ଦ ବଜାର ଠାରେ ବରିଷ୍ଠ ନାଗରିକ ଓ ଦୋକାନୀ ଭାଇ ମାନଙ୍କ ପକ୍ଷରୁ ଦୀପ ଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ସେହିଦିନ ସି.ଆର.ପିଫ ଯବାନ ମାନଂକୁ ନେଇ ଯାଉ ଥିବା ଏକ ମିଲିଟାରୀ ଗାଡି ଉପରେ ଅତର୍କିତ ଆତଙ୍କୀ ଆକ୍ରମଣ ଯୋଂଗୁ ପ୍ରାୟ ୪୦ ଜଣ ଯବାନ ସହିଦ ହୋଇଥିଲେ । ଏହି ଦିବସ କୁ ସ୍ମରଣ କରି ସାରା ଦେଶରେ ଏହାକୁ ସହିଦ ଦିବସ ପାଳନ କରିଛନ୍ତ । ଏହି କାର୍ଯ୍ୟ କ୍ରମ ରେ ଅସିତମେକାପ, ଏ ସାଇରାମ ପାତ୍ର, ପ୍ରଶାନ୍ତ ପାଣଗ୍ରାହୀ,ମଧୁ ରଥ, ପିଣ୍ଟୁ,ଟୁଲୁ ସାହୁ, ବଜାର ର ସମସ୍ତ ସଦସ୍ୟ ଉପତିସ୍ଥ ରହି ଦୀପ ଦାନ କରି ଥିଲେ ।

# ତୃତୀୟ ବାର୍ଷିକ ବେଗୁନିଆ ମହୋତ୍ସବ ୨୦୨୬ ଉଦ୍‌ଯାପିତ

ଗୋପ,୧୫।୨:(ମନ୍ଥନ)ପବିତ୍ର ଗୁପ୍ତକ୍ଷେତ୍ର ତଥା ଭକ୍ତ କବି ବଳରାମ ଦାସ ଙ୍କ ସମାଧି ପୀଠ ଠାରେ ଆୟୋଜିତ ବେଗୁନିଆ। ତୃତୀୟ ବାର୍ଷିକ ମହୋତ୍ସବ ଉଜ୍ଜାପିତ ହୋଇଯାଇଛି। ଗତ ୯ ତାରିଖ ସନ୍ଧ୍ୟା ରୁ ଆରମ୍ଭ ହୋଇଥିବା ବେଗୁନିଆ। ମହୋତ୍ସବ ର ଅନ୍ତିମ ସନ୍ଧ୍ୟାରେ ପ୍ରାୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ,ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଗୋପ ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଗା ଚରଣ ମହାପାତ୍ର । ମୁଖ୍ୟବକ୍ତା ଭାବେ ଶିଶୁ ସାହିତିକ ତଥା ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଖଟୋଇ କ୍ଷ ସଂମ୍ମାନିତ




ଅତିଥିଭାବେ ବେଗୁନିଆ। ଠାରେ ଥିବା ଇଣ୍ଡିଆନ ଓଭରସିସ ବ୍ୟାଙ୍କ ର ଶାଖା ପରିଚାଳିକା ରୋଜାଲିନି ମହାପାତ୍ର, ଗୋପ ଥାନାର ସବଇନ୍ସପେକ୍ଟର ବୌଦ୍ଧରାମ ମାଝି ଓ ମହାନ୍ତ ବିଭୁ ପ୍ରସାଦ ଦାସ, ମହେନ୍ଦ୍ର କୁମାର ପାଢ଼ୀ, ମହୋତ୍ସବ ର ସଭାପତି ନିରଞ୍ଜନ ସାହୁ ପ୍ରମୁଖ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ । ମଞ୍ଚ ସଂଯୋଜନା କରିଥିଲେ ଗୋପ ଅଞ୍ଚଳ ସୁନାମଧନ୍ୟ ଭାଷ୍ୟକାର ସଂଗ୍ରାମ କେଶରୀ ଭୋଳ । ଏହି ମାଟି ଭକ୍ତ ବଳରାମ ଦାସଙ୍କ ମାଟି ହୋଇଥିବା ବେଳେ ତାଙ୍କ ଦ୍ୱାରା ରଚିତ ଦାଣ୍ଡି ରାମାୟଣ ଓ ଲକ୍ଷ୍ମୀ ପୁରାଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ବଞ୍ଚି ରହିଥିଲା । ଆଜିର ଉଜ୍ଜାପିତ ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟ ର ଛାତ୍ରୀମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ଅନୁଷ୍ଠାନ ପକ୍ଷ୍ୟ ରୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ସେଥିମଧ୍ୟରୁ ଗଣମାଧ୍ୟମ ର ପ୍ରତିନିଧି ଉଲ୍ଲାସ ପ୍ରଧାନ, ସଚ୍ଚିଦାନନ୍ଦ ଗୋଛାୟତ ଓ ନୃତ୍ୟ ଶିଳ୍ପୀ ଙ୍କ ସମେତ ଜଣେ ଛାତ୍ରୀ ଅନ୍ତର୍ଭୂକ୍ତ ଥିଲେ ।

# ଅସାନ୍ତ ସହର ପାଲଟିଛି ପୁରୀ

ପୁରୀ,୧୫।୨:(ମନ୍ଥନ)ନିସାକାରବାର, ଚୋରୀ, ଡକାଇତି ଓ ଦାଦାବଟି ହଣାକଟା ଶ୍ରମନ୍ଦିର ଚତୃ ପାର୍ଶରେ ଅଟୋ ଚାଳକ ଙ୍କ ରାଜୁତି ବିଚି ରାସ୍ତା ଘାଟରେ ନିସାଗ୍ରସ୍ତରେ ପଡିରହୁଛନ୍ତି। ଏକାଧିକ ମଦୁଆ। ଶ୍ରୀମନ୍ଦିର ସିଙ୍ଘଦ୍ୱାରକୁ କିପରି ଆସୁଛନ୍ତି. ଚାରିଚକିଆ। ଗାଡି ସୁରଖିତ ରହୁନି. ପୁରୀ ବାସିନ୍ଦାବିଜେଡି ସମୟରେ ବିଜେଡି ସୁପ୍ରିମ ତଥା ପୁର୍ବର୍ତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ପୁରୀ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର କୂ ବିଶ୍ୱରେ ୧ନମ୍ବର କରିଥିଲେ । କିନ୍ତୁ ସରକାର ବଦଳିବା ପରେ ବିଜେପି ସରକାର ସମୟରେ ପୁରୀ ଜଗନ୍ନାଥ ଧାମ କୂ ସମ୍ପୂର୍ଣ ନଷ୍ଟ କରିବା ସହିତ ରାସ୍ତା ଘାଟର ମରାମତି ଅଭାବର ସମ୍ପୂର୍ଣ ନଷ୍ଟ ହେବା ଶ୍ରୀମନ୍ଦିର ଚତୁପାର୍ଷ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଇଥିବା ଉନ୍ନତି କରଣ ବର୍ତ୍ତମାନ ଉଠାଦେକାନ ଅଟୋ ଚାଳକ କବଜାରେ । ବତ୍ତମାନ ଚାରି ଚକିଆ। ଗାଡି ଅରଣସ୍ତମ୍ଭ ପାଖକୁକିପରି ଆସୁଛି ଏଂବ ସାଧାରଣତଃ ଜଣଗହଳି ଛକ ମାନଙ୍କ ରେ ଖୋଲାଖୋଲି ମଦ୍ୟପାନ କରି ରାସ୍ତାରେ ଗଡିବା ସବୁଠୁ ବଡକଥା । ପୁରୀ ଏସିପି ଅଫିସି ର ୧୦୦ ମିଟର ଭିତରେ ମୋଚିସାହି ଛକ, ହରିହର ଛକ ରାସ୍ତା ଉପରେ ଏମ୍ପ ଅବକାରୀ ବାରିକେଟେ ଅଫିସି ଆଗରେ ମଦ୍ୟପାନ କରି ରାସ୍ତା ଉପରେ ଗହଳି କରିବା ବର୍ତ୍ତମାନ ଇନ୍ଦ୍ରଜମୁନା ପୋଖରି ପାଖରେ ୨ଜଣ ଜୁବକ ରାକେସ, ରଞ୍ଜିତି କୁ ଗୋଡାଇ ଗୋଡାଇ ହାଣିବା ପୁରୀ ବାସିନ୍ଦା କେତେ ସୁରଖିତ ପୁରୀ ପୋଲିସ ପ୍ରସାଶନ, ଏମ୍ପ ଓଡିଶା ର ବିଜେପି ସରକାର କ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ପତ୍ରିପାଲି ଚୈତ୍ରେଶ୍ୱର ବାବାଙ୍କ ମନ୍ଦିର ରେ ମହାଶିବରାତ୍ରି ପାଳିତ

କୁଚିଣ୍ଡା,୧୫।୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଚୈତ୍ରା ପର୍ବତ ପରିସର ପାଦଦେଶରେ ପ୍ରାକୃତିକ ପରିବେଶ ତଥା ଘଞ୍ଚ ଅରଣ୍ୟ ସବୁଜ ବନାନୀ ମଧ୍ୟରେ ଅବସ୍ଥିତ ଦେବ ଦେବ ମହାଦେବ ଶ୍ରୀ ଶ୍ରୀ ଚୈତ୍ରେଶ୍ୱର ବାବାଙ୍କ ମନ୍ଦିର । କୁଚିଣ୍ଡା ଅଞ୍ଚଳରେ ଏହି ମନ୍ଦିର ଟି ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବାରୁ ମହାଶିବରାତ୍ରି ଅବସରରେ ବ୍ରାହ୍ମ ମୁହୂର୍ତ୍ତ ରୁ ଶ୍ରଦ୍ଧାଳୁମାନଙ୍କ ବହୁତ ଭିଡ ଦେଖିବାକୁ ମିଳିଥିଲା । ଆଖପାଖର ତଥା ଦୂରଦୂରାନ୍ତର ରୁ ଅନେକ ଶ୍ରଦ୍ଧାଳୁମାନେ ଧୂପ,ଦୀପ, ଫୁଲ,ନାରିକେଳ, କ୍ଷୀର, ବେଲପତ୍ର ଧରି ଶ୍ରୀ ଚୈତ୍ରେଶ୍ୱର ବାବାଙ୍କ ଠାରେ ପୂଜାର୍ଚ୍ଚନା ସହିତ ଜଳ ଲାଗି କରିଥିଲେ । ମହାଶିବରାତ୍ରି ଅବସରରେ ଦିନ ସାରା ଭକ୍ତ ମାନେ ଦେବ ଦେବ ମହାଦେବ ଙ୍କ ପାଖରେ ଜଳ ଲାଗି କରିଥିଲେ । ପତ୍ରାପାଲି ଚୈତ୍ରେଶ୍ୱର ବାବା ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ର ଶୃଙ୍ଖଳିତ ଭାବେ ବ୍ୟବସ୍ଥା କରାଯାଇଥିଲା । ଦିନସାରା ମହାମନ୍ତ୍ର କିର୍ତ୍ତନ୍ୟ,ଶିବ ଭଜନ ରେ ଆସର ଖୁବ ଜମିଥିଲା । ଏହା ସହିତ ରାତ୍ରରେ ଆଧୁନିକ କୃଷ୍ଣଗୁରୁ ଭଜନ ସହିତ ଅନେକ ସଦସ୍ୟ ଦୟାସାଗର ପୃଷେଠ, ଚତୁର୍ଭୁଜ ବାରିକ,ଜୟମଙ୍ଗଳ ନାଏକ, କ୍ଷେତ୍ରବାସୀ ପୃଷେଠ, କୃଷ୍ଣଚନ୍ଦ୍ର ପୃଷେଠ, ସଞ୍ଜୟ ମାଝୀ,ଲଲିନ୍ଦ୍ର ମାଝୀ,କେଦାର ପୃଷେଠ,କୁନାଲ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମନ୍ଦିର କମିଟି ସଭାପତି ଲଳିତ ମୋହନ ପୃଷେଠ, ସମ୍ପାଦକ ଭବାନୀ କାନ୍ତ ନାଏକ, ସଂଯୋଜକ ହରେଶ ସାହୁ,ମୁଖ୍ୟ କର୍ତ୍ତା କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ,ପୂଜକ ଭାଗିରଥି ଦାଶ, ମହାଦେବ ନାଏକ,କମିଟି ସା ପ୍ରମୁଖ କର୍ମକର୍ତ୍ତା ତଥା ପତ୍ରାପାଲି ର ଗ୍ରାମବାସୀ ସହଯୋଗ କରିଥିଲେ । ମନ୍ଦିର ଟି ଚୈତ୍ରା ପର୍ବତ ପରିସର ମଧ୍ୟରେ ରହିଥିବାରୁ କୁଚିଣ୍ଡା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣ ଙ୍କୁ ଡ଼ାକବାଜି ଯନ୍ତ୍ରରେ ସଚେତନ କରିଥିଲେ ।

# ବିଦ୍ୟା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ଗଞ୍ଜାମ,୧୫।୨:(ମନ୍ଥନ)ଗଞ୍ଜାମ ସହର ସ୍ଥିତ ବିଦ୍ୟା ପବ୍ଲିକ ସ୍କୁଲ ପକ୍ଷର ୧୦ ମ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ବିଡିଓ ଅଚ୍ୟୁତାନନ୍ଦ ଯାନୀ ଏହାର ଉଦଘାଟନ କରିଥିଲେ କ୍ଷ ମୁଖ୍ୟ ଅତିଥି ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ସନମାନିତ ଅତିଥି ଭାବେ ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ, ସ୍କୁଲ ସଭାପତି ରାମଚନ୍ଦ୍ର ସାହୁ, ମହିଳା ସାମାଜିକ କର୍ମୀ ଅଳକା ସାହୁ, ସ୍କୁଲ ପ୍ରତିଷ୍ଠାତା ଅଞ୍ଜନ କୁମାର ପଣ୍ଡା, ସ୍କୁଲ ପ୍ରିନ୍ସପାଲ ଜ୍ୟୋସ୍ନା ରାଣୀ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ଆକାଶ ବାଣୀ ଉପସ୍ଥାପିକା ରଶ୍ମିତା କୁମାରୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାର୍ଥକ ଟିଭି ସିଙ୍ଗର ମୌସୁମୀ ପ୍ରିୟ ଦର୍ଶନୀ ଦାଶ ଓ ବ୍ରହ୍ମପୁର ସିଙ୍ଗରଙ୍କ ସଙ୍ଗୀତରେ ଝୁମିଥିଲେ ଉପସ୍ଥିତ




ଅଭିଭାବିକା ଅଭିଭାବକ । ଏଥିସହ କୁନି କୁନି ପିଲାମାନଙ୍କ ନୃତ୍ୟ ବେଶ ରୋମାଞ୍ଚକର ହୋଇଥିଲା । ବିନୋଦ ପଲାଇ, ଶିବ ଶଙ୍କର ଦାସ, ସ୍କୁଲ ଶିକ୍ଷୟତ୍ରୀ ରଶ୍ମିତା ସ୍ୱାଇଁ, ସୁଜାତା ରେଡି,ଜ୍ୟୋସ୍ନା ରାଣୀ ପଣ୍ଡା ପ୍ରଣିତକ୍ଷ ଦାସ, ରଶ୍ମିତା ସାହୁ, ପଲବି ପଣ୍ଡା ରାଜଲକ୍ଷ୍ମୀ ରାଓ ସଞ୍ଜନା ଆଚାର୍ଯ୍ୟ ପ୍ରମୁଖ ସହଯୋଗ ପରିଚାଳନା କରିଥିଲେ ।



# ଏସଆଇ ମମତା ବିଶ୍ୱାଳ ଡେଲାଙ୍ଗ ଥାନା ଓଆଇସି ଭାବେ କାର୍ଯ୍ୟରେ ଯୋଗଦେଲେ

ଡେଲାଙ୍ଗ,୧୫।୨:(ମନ୍ଥନ)ପୁରୀ ଜିଲ୍ଲା ଚରିଛକ ଥାନା ର ମହିଳା ଏସଆଇ ମମତା ବିଶ୍ୱାଳ ଡେଲାଙ୍ଗ ଥାନାର ଓଆଇସି ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି । ଓଡିଶା ପୋଲିସ ଜିଲ୍ଲା ମୁଖ୍ୟାଳୟ ପୁରୀ ପକ୍ଷରୁ ଡିଓ ନମ୍ବର ୨୩୬ ତା ୫ ୨ ୨୬ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ଦ୍ୱାରା ୧୩ ଜଣ ଥାନା ଅଧିକାରୀ ଓ ଜଣେ ଏସଆଇଙ୍କ ବଦଳୀ କରାଯାଇଥିଲାୟ ବଦଳି ନିର୍ଦ୍ଦେଶ ପାଇବା ପରେ ଶୁକ୍ରବାର ଡେଲାଙ୍ଗ ଥାନାରେ ପହଂଚି ଶ୍ରୀମତି ବିଶ୍ୱାଳ କାର୍ଯ୍ୟରେ ଯୋଗଦେଇଛନ୍ତି । ସେ ପୁର୍ବରୁ ପିପିଲି ଓ ସତ୍ୟବାଦୀ, ଛାରିଛକ ଓ ନିମାପଡା ଥାନାରେ କାର୍ଯ୍ୟ କରିବାର ଦକ୍ଷତା ରହିଥିବା ବେଳେ ଡେଲାଙ୍ଗ ଥାନାରେ ନୁତନ ଭାବେ ଯୋଗଦେଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରାଧାନ୍ୟ ଦେଇ କାମ କରିବେ ବୋଲି ସେ କହିଛନ୍ତି ।

# ରାଇବଣିଆ ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

ଜଳେଶ୍ୱର,୧୫।୨:(ମନ୍ଥନ)ରାଇବଣିଆ ଲୋକ ମହୋତ୍ସବର ୮ମ ସନ୍ଧ୍ୟାରେ ରାଇବଣିଆକୁ ଏକ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଓ ଏକ କ୍ଷୁଦ୍ର କିମ୍ବା ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବକ୍ତା ମାନେ ଦାବୀ କରିଥିଲେ । ଆୟୋଜିତ ସଭାରେ ଲୋକ ମହୋତ୍ସବ କମିଟିର ସଭାପତି ଅନନ୍ତ କୁମାର ବିଶ୍ୱାଳ ପୌରହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ



କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ । ଉପ ସଭାପତି ବଂଶୀଧର ବାରିକ ଅତିଥି ପରିଚୟ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ ଓ ଉପ ସଭାପତି ସୁକୁମାର ପ୍ରଧାନ ସମ୍ବର୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ବ୍ରଜ କିଶୋର ମଲ୍ଲିକ,ମୁଖ୍ୟ ବକ୍ତା ଭାବେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଆଇନଜୀବି ସୁକୁମାର ରଣା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜଳେଶ୍ୱରର ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି ଓଅମର କୁମାର ଆଚାର୍ଯ୍ୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ୧୨ ତମ ସମାବର୍ତ୍ତନ ଉତ୍ସବରେ ଗୋଲ୍ଡ ମେଡାଲ ପାଇଥିବା ଉଦୟ ନାରାୟଣ ରଣାଙ୍କୁ ଲୋକ ମହୋତ୍ସବ କମିଟି ପକ୍ଷରୁ ମାନପତ୍ର,ଉତ୍ତରୀୟ, ମୋମେଣ୍ଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୫।୨:(ମନ୍ଥନ)ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳି ପୁର ଗ୍ରାମରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ପୁରଖା କ୍ରିକେଟ ଖେଳାଳିଙ୍କ ପାଇଁ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକର ଟିଚର୍ସ କ୍ଲବ , ମାଳି ପୁର ,ବାଲିପଡ଼ା,ନୀଳକଣ୍ଠ ପୁର,ମୂଳବସନ୍ତ,ଗାଙ୍ଗ ପଡା , ଅଢାଜୋରି ,ବାଲି ପାଟଣା ଗ୍ରାମର ୮ଟି ଦଳ ଭାଗ ନେଇଥିଲା । ଆଜିର ଉଦ୍‌ଘାଟନୀ ଦିବସରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳି ବାଲି ପଡା,ଟିଚର୍ସ କ୍ଲବ,ନୀଳକଣ୍ଠ ପୁର, ବାଲି ପାଟଣା ଟିମ ବିଜୟ ଲାଭ କରି ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।ଆଜି ଖେଳା ଯାଇଥିବା ୪ଟି ମ୍ୟାଚରେ ଅବନୀ ପାତ୍ର,କମଳାକାନ୍ତ ବେହେରା,ସତୀକାନ୍ତ ଆଚାର୍ଯ୍ୟ ଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯିବା ସହ ଟ୍ରଫି ପ୍ରଦାନ କରା ଯାଇଥିଲା । ସାମ୍ବାଦିକ ପ୍ରଶାନ୍ତ ମହାନ୍ତି ମୁଖ୍ୟ ଅତିଥି



ଏବଂ ସମାଜ ସେବୀ,ରମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ ।ଅଣାକର ମଳିକ ଏବଂ ସୌମ୍ୟ ରଞ୍ଜନ ବେହେରା ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ମାଳିପୁର ପାଣ୍ଡ ଗୋସ୍ୱାମୀ କ୍ରିକେଟ କ୍ଲବର ସମୀର ମଳିକ, ନିରଞ୍ଜନ ସେଠୀ କ୍ଷୀରୋଦ ମଲ୍ଲିକ ଙ୍କ ସହିତ ସମସ୍ତ ସଭ୍ୟ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।

# ଶିକ୍ଷକ କାଳୀ ଚରଣ ତ୍ରିପାଠୀଙ୍କ ବିୟୋଗରେ ଶୋକସଭା

ବୁଗୁଡା, ୧୫।୨:(ମନ୍ଥନ)ଶିକ୍ଷକ ସୌରଭ ସମ୍ମାନରେ ସମ୍ମାନିତ ଅବସରପ୍ରାପ୍ତ ଶିକ୍ଷକ କାଳୀ ଚରଣ ତ୍ରିପାଠୀଙ୍କ ଦେହାନ୍ତରେ ବୁଗୁଡା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସ ପକ୍ଷରୁ ଏକ ଶୋକସଭା ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନ୍ୟାସ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱର୍ଗତ ଶିକ୍ଷକ କାଳୀ ଚରଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ରଥ,ସାଧାରଣ ସମ୍ପାଦକ ହରେକୃଷ୍ଣ ପାତ୍ର, ଯୁଗ୍ମ ସଚିବ ଗୌରୀପତି ଦାଶ,କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ନାୟକ ,ସଦସ୍ୟ ଲକ୍ଷ୍ମଣ କୁମାର ଜେନା,ପଦ୍ମନାଭ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ ।

# ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ 'ସ୍ୱର୍ଶ'ର ମିଳିତ ଆନୁକୂଲ୍ୟରେ 'ଯୁବ ସମ୍ବଳ କେନ୍ଦ୍ର' ଉଦଘାଟିତ

ରାୟଗଡ଼ା, ୧୫।୨:(ମନ୍ଥନ) ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜେ.କେ. ପେପରରର ସାମାଜିକ ସଂଗଠନ 'ସ୍ୱର୍ଶ' ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ (DSDEO ଅଫିସ ଉପରେ) ଏକ 'ଯୁବ ସମ୍ବଳ କେନ୍ଦ୍ର' (Youth Resource Centre) ଉଦଘାଟିତ ହୋଇଯାଇଛି । ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣୀ (IAS) ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ କୁମାରୀ ସ୍ୱର୍ଣ୍ଣଲତା ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକ ଏବଂ ଜେ.କେ. ପେପର୍ ମିଲ୍ର ବାଣିଜ୍ୟିକ ବିଭାଗ ଉପ-ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଶ (ଜେ.କେ. ପେପର୍ ସି.ଏସ.ଆର) ର ପରିଚାଳକ ଶ୍ରୀଯୁକ୍ତ ଆଦିତ୍ୟ ପଟ୍ଟନାୟକ




କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।ଏହି ଯୁବ ସମ୍ବଳ କେନ୍ଦ୍ର ବିଶେଷ କରି ଜିଲ୍ଲାର ଅବହେଳିତ ତଥା ଆର୍ଥିକ ଅନଗ୍ରସର ପରିବାରର୫୦ ଜଣ ଆକାଂକ୍ଷୀ ଶିକ୍ଷିତ ଯୁବତୀଙ୍କୁ ମାଗଣାରେ ବ୍ୟାଙ୍କିଙ୍ଗ୍, SSC, ରେଳବାଇ, OSSC, OSSSC ଏବଂ ପୋଲିସ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବ । ୯ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ, ଓଡ଼ିଆ । ବ୍ୟାକରଣ ଏବଂ କମ୍ପ୍ୟୁଟର ଶିକ୍ଷା ସହିତ ବ୍ୟକ୍ତିତ୍ୱ ବିକାଶ (Personality Development) ଉପରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟର କନିଷ୍ଠ ନିଯୁକ୍ତି ଅଧିକାରୀ ଶ୍ରୀ ସନ୍ତୋଷ ନନ୍ଦ, ଅଧ୍ୟାପିକା ଶାନ୍ତିଲତା ଓ ଅଧ୍ୟାପକ ରମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ସ୍ୱର୍ଶ ସୋସିଆଲ୍ ଫାଉଣ୍ଡେସନ୍ ଟିମ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି କେନ୍ଦ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ସୁଯୋଗର ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଖଣ୍ଡପଡ଼ାର ଅବଦାନ ସଂପର୍କୀତ କର୍ମଶାଳା ଅନୁଷ୍ଠିତ

ଖଣ୍ଡପଡ଼ା,୧୫।୨:(ମନ୍ଥନ)ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଗଡିଆସାହି ପଞ୍ଚାୟତର ନଟରପୁର ଶାସନ ସ୍ଥିତ ବେଦଶାସ୍ତ୍ର ପାଠଶାଳା ପକ୍ଷରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଖଣ୍ଡପଡ଼ାର ଅବଦାନ ସଂପର୍କରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଆନ୍ଧ୍ର ପ୍ରଦେଶର ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ସଂଯୋଜନାରେ ଅନ୍ୟମାନଙ୍କ ମଧ୍ୟରେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡିଆ ପ୍ରଫେସର ସୁଶାନ୍ତ କୁମାର ତ୍ରିପାଠୀ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଉତ୍କଳ ପୀଠର ନିର୍ଦ୍ଦେଶକ ଡଃ ଭାରତ ଭୂଷଣ ରଥ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦ ବିଭାଗର ଅଧକ୍ଷା ଡଃ ପରମ୍ ଯୋଗମାୟା, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ରଶ୍ମି ରଂଜନ ଶତପଥୀ, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ସ୍ଥାନୀୟ ତହସିଲଦାର ବିଶ୍ୱଶୃତ ତ୍ରିପାଠୀ, ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଡଃ ଜ୍ୟୋତ୍ସ୍ନାରାଣୀ ପାତ୍ର, ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ, ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ତଥା ବାହାରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସାହିତ୍ୟ ଓ ସଂସ୍କୃତ ବିଭାଗର ଶିକ୍ଷକ, ଅଧ୍ୟାପକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗଡ଼ଜାତ ଖଣ୍ଡପଡ଼ାର ଐତିହାସିକ ସୁସମୃଦ୍ଧ ସଂସ୍କୃତି,ଗଣିତ, ଜ୍ୟୋତିଷ ଶାସ୍ତ୍ର,ଢୁମ୍ପା ସଂଗୀତ ଓ ଖାଡଙ୍ଗା ଭାଗବତ ଆଦିର ଅବଦାନ ସହିତ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କର ସିଦ୍ଧାନ୍ତ ଦର୍ପଣ ପାଇଁ ଖଣ୍ଡପଡ଼ା ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଥିବା ସଂପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ସଂସ୍କୃତିଦ ଡଃ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନୁଷ୍ଠାନର ସଚିବ ଶିବ ନାରାୟଣ ଆଚାର୍ଯ୍ୟ ଓ ଆବାହକ ରମେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିବା ଜଣାଯାଇଛି ।

## ବହୁ ଚର୍ଚ୍ଚିତ ଦୁଇ ନାବାଳକ ନିଖୋଜ ଘଟଣା

# ସାଢେ ଚାରିମାସ ପରେ ନିଖୋଜ ନାବାଳକକୁ ଉଦ୍ଧାର କଲା ପୋଲିସ

ଡେଲାଙ୍ଗ,୧୫।୨:(ମନ୍ଥନ) ଡେଲାଙ୍ଗ ଥାନା ଅଂଚଳର ବହୁ ଚର୍ଚ୍ଚିତ ଦୁଇ ନାବାଳକ ନିଖୋଜ ହେବା ଘଟଣାରେ ଦୀର୍ଘ ସାଢେ ଚାରିମାସ ପରେ ପୋଲିସ ନାବାଳକକୁ ଉଦ୍ଧାର କରିବାରେ ସଫଳ ହୋଇଛି । ଏନେଇ ଜିଲ୍ଲା ଅତିରିକ୍ତ ଏସ୍ପି ସଚିନ ପଟେଲ ଡେଲାଙ୍ଗ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୁଚନା ଦେଇଛନ୍ତି । ଦୁଇ ନାବାଳକ ନିଖୋଜ ହେବା ନେଇ ସେପ୍ଟେମ୍ବର ୩୦ତାରିଖରେ ଉଭୟଙ୍କ ମା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ଏସଂକ୍ରାନ୍ତରେ ମାମଲା ରୁଜୁ କରାଯାଇ ପୁରୀ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ତଥା ରାଜ୍ୟ ବାହାରକୁ ପୋଲିସ ଟିମ ପଠାଯାଇ ଘଟଣାର ତଦନ୍ତ ଚାଲିଥିଲା । ଜଣେ ନାବାଳକକୁ ନିଖୋଜ ହେବାର ଦୁଇ ମାସ ପରେ ଡିସେମ୍ବର ୧୯ ତାରିଖରେ ବିଶାଖାପାଟଣାରୁ ପୋଲିସ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ସେଠାରୁ ଦୁଇଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିଲା ।ଅଭିଯୁକ୍ତ ହେଲେ ମାୟାଳପଲ୍ଲି ମହେଶ ଓରଫ ରାଜ ଏବଂ ଏମଭିଲାପଲ୍ଲି ମାଲେଶ୍ୱର ରାଓ ଉଭôଜୟଙ୍କ ଘର ଡାମଲଗୁଡା ଥାନା ହୁମାୟୁନଗର,ଜିଲ୍ଲା




ହାଇଦ୍ରାବାଦ ତେଲଙ୍ଗନା ରାଜ୍ୟ ଅଟେ । ସେବେ ଠାରୁ ଅନ୍ୟଜଣେ ନାବାଳକ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିବା ବେଳେ ଦୀର୍ଘ ୪ମାସ ପରେ ହାଇଦ୍ରାବାଦରୁ ଡେଲାଙ୍ଗ ପୋଲିସ ଅନ୍ୟଜଣେ ନିଖୋଜ ନାବାଳକୁ ଉଦ୍ଧାର କରିଥିବା ନେଇ ଅତିରିକ୍ତ ଏସ୍ପି ଶ୍ରୀପଟେଲ ସୁଚନା ଦେଇଥିଲେ । ଦୁଇ ନାବାଳକ ପ୍ରଥମେ ଘରୁ ଚାଲି ଆସି ଡେଲାଙ୍ଗ ଠାରୁ ଟ୍ରେନ ଯୋଗେ ଜଟଣୀ ପରେ ବିଶାଖାପାଟଣା ଅଭିମୁଖେ ଟ୍ରେନ ଯୋଗେ ଯାଇଥିଲେ । ପୁରୀ ଏସ୍ପି ଙ୍କ ନିର୍ଦ୍ଦେଶକ୍ରମେ ଦୁଇ ନିଖୋଜ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯିବା ସହ ବିଭିନ୍ନ ଛକ ବଜାର ,ବସ ଷ୍ଟାଣ୍ଡ, ରେଳ ଷ୍ଟେସନ ମାନଙ୍କରେ ସେମାନଙ୍କର ଫଟୋ ମରାଯିବା ସହ ବିଭିନ୍ନ ସ୍ଥାନରେ ପୋଲିସ ସିସି ଟିଭି ଯାଂଚ କରିଥିଲା । ଏନେଇ ତାଙ୍କର ଘର ଲୋକ , ସମ୍ପର୍କୀୟ ଗ୍ରାମବାସୀ ଏବଂ ପୋଲିସଙ୍କୁ ନେଇ ଏକ ହ୍ୱାଟସପ ଗ୍ରୁପ ମଧ୍ୟ ଖୋଲାଯାଇଥିଲା । ନାବାଳକୁ ଉଦ୍ଧାର କରିବା ପରେ ଆଇନଗତ ତଦନ୍ତ କରାଯାଇ ଶିଶୁ ଯତ୍ନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଶ୍ରୀପଟେଲ ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ଉପସ୍ଥିତ ଥିଲେ । ନିଖୋଜ ନାବାଳକକୁ ପାଇବା ପରେ ପରିବାର ସମେତ ଗ୍ରାମ ଓ ଅଂଚଳରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା ।

# ପ୍ରକାଶ ପାଇଲା କବିସୂର୍ଯ୍ୟନଗର ନୂଆ ମୁନିସିପାଲଟିର ୱାର୍ଡ ସଂରକ୍ଷଣ ତାଲିକା

କବିସୂର୍ଯ୍ୟନଗର,୧୪।୨:(ମନ୍ଥନ)ପ୍ରକାଶ ପାଇଲା କବିସୂର୍ଯ୍ୟନଗର ନୂଆ ମୁନିସିପାଲଟି ର ୱାର୍ଡ ସରକ୍ଷଣ ତାଲିକା । ପୂର୍ବରୁ ୧୮ ଟି ୱାର୍ଡକୁ ନେଇ ଗଠିତ ଥିବା କବିସୂର୍ଯ୍ୟନଗର ଏନଏସି ଏବେ ମୁନିସିପାଲଟି ଘୋଷଣା ହେବା ପରେ ୱାର୍ଡ ସଂଖ୍ୟା ୨୬ କୁ ବୃଦ୍ଧି ପାଇଛି । ଯାହା ସୂଚନା ରହିଛି ଗଞ୍ଜାମ ଜିଲ୍ଲାପାଳ ଙ୍କ ପତ୍ର ସଂଖ୍ୟା ୨୪୭/୧୨ ଫେବୃଆରୀ ୨୦୨୬ ରେ ଓଡିଶା ମୁନିସିପାଲ ଧାରା ୧୯୫୦,ଉପଧାରା (୧) ରୁଲ ୨-(କ) ଅନୁଯାୟୀ ନୂଆ ୱାର୍ଡ ସୀମା ନିର୍ଧାରଣ, ୱାର୍ଡ ପୁନର୍ଗଠନ ଏବଂ ସଂରକ୍ଷଣ ତାଲିକା.... କବିସୂର୍ଯ୍ୟନଗର, ଗୁଡ଼ିଆଳି, ବଡ଼ ଆଗୁଳ, ବଙ୍କିପଲ୍ଲୀ କୁ ମିଶାଇ ୨୬ ଟି ନୂଆ ୱାର୍ଡ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶିତ ତାଲିକା ଅନୁଯାୟୀ ୱାର୍ଡ ନଂ ୭, ୧୩,ହରିଜନ ବର୍ଗଙ୍କ ପାଇଁ ସରଂକ୍ଷିତ ଥିବା ବେଳେ ୧୯ ଓ ୨୬ ନଂ ୱାର୍ଡ ହରିଜନ ମହିଳାଙ୍କ ପାଇଁ ରହିଛି ସେହିପରି ୧୮ ନଂ ୱାର୍ଡ ଆଦିବାସୀ ମହିଳାଙ୍କ ପାଇଁ ସରଂକ୍ଷିତ ରହିଥିବା ବିଜ୍ଞପ୍ତିରୁ ଜଣାଯାଇଛି । ସେହିପରି ୧୨,୧୪,୧୫,୧୭,୨୦,୨୧,୨୨,୨୩,୨୪, ୨୫ ନଂ ୱାର୍ଡ ଗୁଡିକ ସାଧାରଣ ମହିଳାଙ୍କ ପାଇଁ ରହିଛି ଏବଂ ୧,୨,୩,୪,୫,୬,୮,୯,୧୦,୧୧ଓ ୧୬ ନଂ ୱାର୍ଡ ଅଣ ସରଂକ୍ଷିତ ବର୍ଗଙ୍କ ପାଇଁ ରହିଥିବା ଆଜି ଗଞ୍ଜାମ ଜିଲ୍ଲାପାଳ ଙ୍କ ବିଜ୍ଞପ୍ତି ରୁ ଜଣାଯାଇଛି,ହେଲେ ନୂଆ ମୁନିସିପାଲଟି ପାଇଁ ନୂଆ ୱାର୍ଡ, ପରିସୀମା ଓ ସରଂକ୍ଷଣ ସମ୍ପର୍କରେ ଆସନ୍ତା ଫେବୃଆରୀ ୨୧ ତାରିଖ ସୁଦ୍ଧା ମତାମତ, ଅଭିଯୋଗ କରିବା ପାଇଁ କୁହାଯାଇଛି,ହେଲେ ପ୍ରକାଶିତ ତାଲିକାକୁ ନେଇ କୌଣସି ଅଭିଯୋଗ ନଥିବା ବେଳେ ଧନେଇ ରୁ ବଡ ଆଗୁଳ ଯାଏଁ କ୍ରମନ୍ୱୟରେ ୱାର୍ଡ ଗଠନ ପାଇଁ ମତ ପ୍ରକାଶ ପାଇଛି ।

# ପୋଲିସର ୨୪ ଘଣ୍ଟିଆ ପ୍ରହରା ସହ କଡା ସୁରକ୍ଷା ମଧ୍ୟରେ +୨ ପ୍ରଶ୍ନପତ୍ର

ବୁଗୁଡ଼ା,୧୫।୨:(ମନ୍ଥନ) ସ୍ଥାନୀୟ ପିପୁଲ୍ସ କଲେଜ ହବ୍ ସେଣ୍ଟରରେ +୨ ବିଜ୍ଞାନ ଓ କଳା ସହିତ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର ଶନିବାର ଅପରାହ୍ନରେ ଆସି ପଗହଞ୍ଚିବା ପରେ ସେଗୁଡିକ ପୋଲିସର ୨୪ ଘଣ୍ଟିଆ ପ୍ରହରା ସହ କଡା ସୁରକ୍ଷା ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି । ଚଳିତ ମାସ ୧୮ ତାରିଖରୁ +୨ ବିଜ୍ଞାନ ଓ ୧୯ ତାରିଖରୁ +୨ କଳାର ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ବୁଗୁଡ଼ାର ପିପୁଲ୍ସ କଲେଜ ଓ ବଳଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାଙ୍ଗକୁ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କରଚୁଲି ଶକୁନ୍ତଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ଏବଂ ପିପୁଲ୍ସ କଲେଜର ଧନ୍ଦାମୂଳକ ଶିକ୍ଷାର୍ଥୀ ନିଜ ନିଜର ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ପାଇଁ ଏହି ହବ୍ ସେଣ୍ଟରରେ ପରୀକ୍ଷା ପ୍ରଶ୍ନପତ୍ର ଗଚ୍ଛିତ ରହିଛି । ଅନ୍ୟପକ୍ଷରେ ବାଲିପଦରସ୍ଥ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପିପୁଲ୍ସ କଲେଜ କେନ୍ଦ୍ରରେ ପରୀକ୍ଷା ଦେବା ନେଇ ଜଣାଯାଇଛି । ଉକ୍ତ ହବ୍ ସେଣ୍ଟରର ସୁପରଭାଇଜର ଓ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଯଥାକ୍ରମେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଅଧ୍ୟାପକ ଡ. ଜୟରାମ ବିଷୋୟୀ ରହିଥିବା ବେଳେ ସହଯୋଗୀ ଭାବେ କନିଷ୍ଠ କିରାଣୀ ହର ପ୍ରସାଦ ମହାପାତ୍ର ଓ ପିଅନ ଯୁଗଳ କିଶୋର ଜେନା ନିୟୋଜିତ ଥିବା ଜଣାଯାଇଛି ।



# କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୧୫।୨:(ମନ୍ଥନ)କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ଓ ପରିଚାଳନା ବିଭାଗ ପକ୍ଷରୁ "ବାଣିଜ୍ୟ ଦୋଛକିରେ: ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଓ ଧାରଣୀୟ ବିକାଶର ଅନ୍ତଃବିଭାଗୀୟ ଦୃଷ୍ଟିକୋଣ(କମର୍ସ ଆଟ୍ ଦ କ୍ରସରୋଡସ :ଇଣ୍ଟର ଡିସପ୍ଲିନାରୀ ପ୍ରସପେକ୍ଟିଭ ଅଫ କମର୍ସ, ଟେକନୋଲୋଜି ଆଣ୍ଡ ସଷ୍ଟେନବିଲିଟି)" ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀର ଯୁଗ୍ମ ସାଂଗଠନିକ ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରେଜିଷ୍ଟ୍ରାର ଏବଂ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ମଳୟ କୁମାର ମହାନ୍ତି ଉଦଘାଟନ କରି କହିଲେ ଚାକିରୀ ପାଇଁ ଯୋଗ୍ୟତା ପରିବର୍ତ୍ତେ ଦକ୍ଷତାର ଆବଶ୍ୟକତା ବେଶି । ବାଣିଜ୍ୟ ସର୍ବାଧାର ଏବଂ ବାଣିଜ୍ୟ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୃଜନର ପୃଷ୍ଠଭୂମି ହେବା ଆବଶ୍ୟକ । ମୁଖ୍ୟବକ୍ତା ଭାବେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସୁନିଲ କୁମାର




ଧଳ ଯୋଗଦେଇ ବାଣିଜ୍ୟ ଓ ପ୍ରଯୁକ୍ତିବିଜ୍ଞାନ କିପରି ପରସ୍ପର ନିର୍ଭରଶୀଳ ତାହା ବର୍ଣ୍ଣନା କରିଥିଲେ । ସମ୍ମାନିତ ବକ୍ତା ଭାବେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଗିରିଶ ଚନ୍ଦ୍ର ପାତ୍ର ଯୋଗଦେଇ ପରିବର୍ତ୍ତନ ହିଁ ସ୍ଥିର ଏବଂ ନିଯୁକ୍ତି ସୃଜନ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରଦ୍ୟୋତ କେଶରୀ ପ୍ରଧାନ ଆବର୍ଜନା ପରିଚାଳନା ଓ ଧାରଣୀୟ ବିକାଶ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ଦାସ ଦୁଇଦିନିଆ ସମ୍ମିଳନୀର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଏହି ଦୁଇଦିନିଆ ସମ୍ମିଳନୀରେ ୩ଟି ବୈଷୟିକ ଅଧିବେଶନ ସମେତ ବାଣିଜ୍ୟ ବିଭାଗ ବିଶେଷଜ୍ଞମାନଙ୍କ ମଧ୍ୟରେ ସଂପୃକ୍ତ ବିଷୟବସ୍ତୁ ଉପରେ ଏକ ସାରଗର୍ଭକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅଧ୍ୟାପକ ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାଣିଜ୍ୟ ବିଭାଗ ମୁଖ୍ୟ ତଥା ସମ୍ମିଳନୀର ସାଂଗଠନିକ ସମ୍ପାଦକ ପ୍ରାଧ୍ୟାପିକା ୱାଇ. ପଦ୍ମାବତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ ରିସର୍ଚ୍ଚସ୍କଲାରମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ଆୟୋଗ ସଂଯୋଜକ ଡ. ଦେବକାନ୍ତ ଷଡଙ୍ଗୀ ଓ ଆଇକ୍ୟୁଏସି ସଂଯୋଜିକା ଡ. ଦିପ୍ତୀ ରାୟ, କଲେଜ ବାଣିଜ୍ୟ ବିଭାଗ ଅଧ୍ୟାପକ ମନୋଜ ପ୍ରଧାନ, ବାବୁଲା ବେହେରା, ଗିରିଶ କୁମାର ସାହୁ, ସୁକାନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବାଲିପଡ଼ା ପିଏମ୍ ଶ୍ରୀ ସରକାରୀ ଘାଟିପାରି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

କୁକୁଡ଼ାଖଣ୍ଡି,୧୫।୨:(ମନ୍ଥନ)ପିଏମ୍ ଶ୍ରୀ ସରକାରୀ ଘାଟିପାରି ଉଚ୍ଚ ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଓ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଜ୍ୟୋତି




କୁମାରୀ ପଣ୍ଡାଙ୍କ ସଭାପତିତ୍ୱରେ ପାଳନ ହୋଇ ଯାଇଅଛି । ବାର୍ଷିକ କ୍ରୀଡ଼ା ଉତ୍ସବ ରେ ମୁଖ୍ୟ ଅତିଥି ରୁପେ କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ,ମୁଖ୍ୟ ବକ୍ତା ରୁପେ ଗଂଜାମ ଜିଲ୍ଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗିରଥୀ ସ୍ୱାଇଁ ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ରୂପେ ଅକ୍ଷୟ କୁମାର ପଟ୍ଟନାୟକ ଅବସର ପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଡ: ସୂର୍ଯ୍ୟ ନାରାୟଣ ଦାଶ ଅବସର ପ୍ରାପ୍ତ ଅଧକ୍ଷ ମହୁରୀ କାଲୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଗୋକୁଳ କ୍ରିଷ୍ଣା ପଣ୍ଡା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରୁଣାପାଟଣା, ଆଦି ଯୋଗ ଦେଇଥିଲେ ସେହିପରି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗଞ୍ଜାମ ବସନ୍ତ କୁମାର ପଣ୍ଡା , ମୁଖ୍ୟ ବକ୍ତା ରୂପ ଡ.ଶଙ୍କର ନାରାୟଣ ବେଜ ଗୋଷ୍ଠୀ ଶିକ୍ଷାଧିକାରୀ ଦିଗପହଣ୍ଡି ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ବିଷ୍ଣୁପ୍ରିୟା ପାତ୍ର ଭାରପ୍ରାପ୍ତ ଅଧକ୍ଷା କୁକୁଡାଖଣ୍ଡି ବ୍ଲକ, ଶିବାନୀ ସେଠୀ ଜିଲ୍ଲା ପରିଷଦ ସଭ୍ୟା , ଝିଲି ସେଠୀ ସରପଞ୍ଚ ବାଲିପଡ଼ା ଗ୍ରାମପଞ୍ଚାୟତ, ପ୍ରତିମା ମଲ୍ଲିକ ସମିତି ସଭ୍ୟା ବାଲିପଡ଼ା ଗ୍ରାମ ପଞ୍ଚାୟତ,ଡ: ପ୍ରସନ୍ନ କୁମାର ବିଷୋୟୀ ଅଧକ୍ଷ ମହୁରୀ କାଲୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ବିଶ୍ୱନାଥ ମହାକୁଡ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, କିରଣ କୁମାର ମିଶ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗୋକୁଳ କ୍ରିଷ୍ଣା ପଣ୍ଡା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଏ ବିଇଓ ବସନ୍ତ କୁମାର ସେଠୀ , ସଞ୍ଜୟ କୁମାର ପାଣିଗ୍ରାହି, ନିରଞ୍ଜନ ମହାନ୍ତି , ସମାଜସେବୀ ଲଳିତ ମୋହନ ବିଷୋୟୀ ,ଶିକ୍ଷକ ଶିକ୍ଷୟିତ୍ରୀ,ସମସ୍ତ ଛାତ୍ର ସଂସଦ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶେଷ ରେ ଧନ୍ୟବାଦ୍‌ଅର୍ପଣ କରିଥିଲେ ।



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ହେ ମୋର ସମ୍ମାନୀୟ ଭାଇ ସମ୍ମାନୀୟ ଭଉଣୀ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଯଦି ପାଦ ଆପଣମାନଙ୍କ ତୀର୍ଥ ମାଟି ମାଡିଲା ତେବେ ଟିକେ ହେଜ, ଅନେକ ଟିକେ ପଛକୁ ଯାଇ ଭାବ ଆପଣମାନେ ଜନ୍ମହୋବ ପୂର୍ବରୁ ଆପଙ୍କ ମା’ବାପା ସନ୍ତାନଟିଏ ହେଉ ଏ ପାଇଁ ଏହି ପରି ତୀର୍ଥ ଦିଅଁଙ୍କୁ କେତେ ମନେପକାଇଛନ୍ତି କେତେ ଦେବତାଙ୍କୁ ମାନସିକ ଆପଣମାନେ ମାତୃଗର୍ଭରେ ସଂଚାର କାଳ ପୂର୍ବରୁ ସଂଚାର ଠାରୁ ଗର୍ଭ ମୋକ୍ଷ ବେଳେ ଆଉ ଜନ୍ମ ପରଠାରୁ ରୋଗ ବୈରାଗ୍ୟରୁ ଉଦ୍ଧାର ପାଇଁ ବାପା ମା’କେତେ ମାନସିକ ଦିଅଁ ଡାକି ନାହାନ୍ତି, ମା’କେତେ ବ୍ରତ ଉପବାସ କରିନାହାନ୍ତି, ଘରକୁ ପୁରୋହିତ ଆସି ଦୀର୍ଘାୟୁ ସୁସ୍ଥତା ପାଇଁ ପୂଜାପାଠ କରି, ହରିବୋଲ ଧ୍ୱନି ଦେଇନାହାନ୍ତି, ଏହା ଦେବା କାରୁଣା, ବ୍ରାହ୍ମଣଙ୍କ ଆଶୀର୍ବାଦ, ପିତାମାତାଙ୍କ ସେବା ସଦିଚ୍ଛା ଆପଣଙ୍କ ଜନ୍ମ ପୂର୍ବରୁ ଏ ପର୍ଯ୍ୟନ୍ତ ରହିଛି। କିନ୍ତୁ ମା’ସରସ୍ୱତୀ ଆପଣମାନଙ୍କୁ ବିଦ୍ୟା ଦେଲେ ଆପଣ ସଂସାରରେ ଠିଆ ହୋଇ କଣ ସେହି ପରମ୍ପରା ଆଶୀର୍ବାଦ ସଦିଚ୍ଛାର ହାନି ଇଛୁକ କି? ଆପଣମାନେ ଟିକେ ନିଜ ମନକୁ ପ୍ରଶ୍ନ କରନ୍ତୁ କରୁଥିବା କାର୍ଯ୍ୟରେ ଅଭିଶାପ ଆସୁନାହିଁତ? ଯେପରି ଲୁହାକୁ ଲୁହା କାଟେ, ସେପରି କର୍ମକୁ କର୍ମ କାଟେ, ଦେଖିଥିବ ପଥର କେତେ ଟାଣ ବହିବା ଜଳ ବି ପଥରକୁ କାଟୁଛି କ୍ଷୟ କରୁଛି, ଅତଏବ ଆପଣମାନଙ୍କର ପଛ ଧର୍ମ କ୍ରିୟାର ଲୁହା ପଥର ପରି ସ୍ଥିତିକୁ ଆପଣମାନଙ୍କର ଲୋଭ, ପର ପୀଡ଼ଶ ନୀରୀହମାନଙ୍କୁ ହଇରାଣ ହରକତ, ଆଗପଛ ନ ଅନାଇ କାମ କରିଯିବା କାଟି ଦେବ। ଆଗ ହେଉଛି ଆପଣଙ୍କ ଉତ୍ତର ପୁରୁଷ ପୁଅ ନୀତି ଇତ୍ୟାଦି, ପଛ ହେଉଛନ୍ତି ବାପା ମାଆ ବଂଶ ପରମ୍ପରା, ଅଭିଜାତ୍ୟ, ଏସବୁକୁ ଆପଣମାନେ କିପରି ବଞ୍ଚାଇବେ ଟିକେ ଭାବି ମନୋଜ୍ଞ କାମରେ ଆଗାନ୍ତୁ, ଆପଣମାନେ ଜାଣନ୍ତି, ବେଶ୍ୟା ଦ୍ୱାରା ମାଟି କୌଣସି ପ୍ରତିଷ୍ଠା, ଦୁର୍ଗା ପୂଜାରେ ଲାଗୁଛି ଏହାର କାରଣ, ଯେଉଁମାନେ ବେଶ୍ୟାଳୟକୁ ଯାଆନ୍ତି, ବେଶ୍ୟାଘର ମୁଖ୍ୟ ଦ୍ୱାରରେ ଯେଉଁଠି ଚପଲ ଜୋତା ରଖି ଯାଆନ୍ତି ସେଠାରେ ବ୍ୟକ୍ତିର ପୁଣ୍ୟ ରହିଯାଏ ଫେରିଲାବେଳେ ସେ ପୁଣ୍ୟ ଆଉ ସାଥିରେ ଆସେ ନାହିଁ, ସେଥିପାଇଁ ବେଶ୍ୟ ଦ୍ୱାର ମାଟି ପବିତ୍ର। ବେଶ୍ୟାଶକ୍ତ ବ୍ୟକ୍ତିମାନେ ପୁଣ୍ୟହୀନ, ତାଙ୍କର ପିତୃ ତର୍ପଣ, ଶ୍ରାଦ୍ଧ, ଅର୍ଘ୍ୟ, ନିଷ୍ଫଳ। ପ୍ରତ୍ୟେକଙ୍କ ହେଜ ଏହିପରି ପୁଣ୍ୟ କ୍ଷୟସ୍ଥାନଗୁଡ଼ିକ ଜାଣି ସାବଧାନ ଆବଶ୍ୟକ କ୍ଷଣିକ ମୋହରେ ସବୁ ଉଜୁଡ଼ି ଯାଇପାରେ। ମଦରେ ଏବେ ଅନେକ ମଜଗୁଲ, ପାନକୁ ପାଗଳ।

ବିକ୍ରି କରିବା ପଟ୍ଟା ପାଇଁ ପ୍ରତିଯୋଗିତା, ସରକାରଙ୍କୁ ଦରଖାସ୍ତରେ ପିସି। ମଦ ଥିଲା ଷୁଣ୍ଡି ଜାତିର ବୃତ୍ତି ଏହାକୁ ସର୍ବ ଜାତିମାନେ ବୃତ୍ତି କରିବା ପାଇଁ ଲାଳାୟିତ, କେହି ବୁଝି ନାହାନ୍ତି ଏ ବୃତ୍ତି ଏହାର ପେୟପାନ ପାଇଁ ପୂର୍ବେ କିପରି ଘୃଣା ଥିଲା ନିନ୍ଦା ଥିଲା। ତାଙ୍କୁ ଅଛୁତ ରଖାଯାଉଥିଲା। ପ୍ରାୟଶ୍ଚିତ ବ୍ୟବସ୍ଥା କ’ଣ ଥିଲା? ଏହା ଯଦି ଜାଣନ୍ତେ ତେବେ ହୁଏତ କିଛି ମନ ପରିବର୍ତ୍ତନ ହୁଅନ୍ତା। ସମୟକୁ କଠୋର ବ୍ରାହ୍ମଣ ଶାସନ ସବୁ ଅକାମି ବ୍ରାହ୍ମଣମାନେ ଉପଯୁକ୍ତ ଶାସ୍ତ୍ର ଅଧ୍ୟୟନ ନକରି ଭଲ ଗୁରୁଜ୍ଞାନୀ ସଙ୍ଗତ ନ କରି ବୁଲି ବୁଲି ଯାହାର ତାହାର ପୌରହିତଗିରି କରୁଛନ୍ତି। ସବୁ ପୂଜାରେ କାୟ ଶୁଦ୍ଧି ପୂଜାପର୍ବରୁ ଥାଏ। ଏହାକୁ ଗୌଣ କରି ପୂଜା କରିଲେ ନା ପୁରୋହିତ ନା ଯେଜମାନ କାହାରି ମଙ୍ଗଳ ହୁଏ ନାହିଁ। ଦେଖୁଥିବେ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ଗଲେ ଚପଲ ଜୋତା ଓହ୍ଲାଇ ସବୁ ମନ୍ଦିର ପରି ସବୁ ଦର୍ଶନାର୍ଥୀ ଯାଆନ୍ତି। ଏଥିରେ ଯେତେ ଭିଆଇପି/ଭିଭିଆଇପି ହୁଅନ୍ତୁ ସମସ୍ତେ ଖାଲିପାଦରେ ମନ୍ଦିରରେ ପ୍ରଭୁ ଦର୍ଶନ କରୁଛନ୍ତି ହେଲେ ବଡ଼ ଦାଣ୍ଡକୁ ଆସି ସେଠାରେ ଚାଲିଗଲା ବେଳେ ବହୁ ଭକ୍ତଙ୍କ ପାଦ ଧୂଳିରେ ତାଙ୍କ ପାଦ ପଡ଼ିବା ସହ ନିଜର ପାଦ ଧୂଳି ଲାଗି ଯାଉଛି ଏ ଧୂଳି ଅତିପବିତ୍ର ଏହାକୁ ସମସ୍ତେ ମୁଣ୍ଡରେ ଲଗାଉଛନ୍ତି। ଏଥିରେ ବଡ଼ଦାଣ୍ଡରେ ପାଦ ରଖୁଥିବା ସମସ୍ତ ବ୍ୟକ୍ତିଙ୍କ ପାଦ ଯଦି ପ୍ରଭୁ ଦର୍ଶନରୁ ଫେରି ପଡ଼ିଥାଏ ତେବେ ତାହା ସାଧାରଣ ବ୍ୟକ୍ତି କଣ ସାଧୁ ସନ୍ଥ ବି ଭକ୍ତିରେ ମୁଣ୍ଡରେ ଟିକାପରି ଲଗାଉଛନ୍ତି। ବାଇଶି ପାହାଚ ଧୂଳିର ମହାତ୍ମ୍ୟ କଥା ଅସରନ୍ତି, ଲୋକେ ଏହି ପାହାଚ ମାନଙ୍କରେ ତାଙ୍କ ପିଲାଙ୍କୁ ଗଡ଼ାଉଛନ୍ତି କେହି ଭକ୍ତିରେ ଗଡ଼ି ଯାଉଛନ୍ତି। ବଡ଼ ବଡୁଆ ଡାକରେ ପିତୃ ଗଣଙ୍କୁ ଏହି ବାଇଶି ପାହାଚରେ ମହାପ୍ରସାଦ ପାଇ ଗଡ଼ ଗଡ଼ିବା ପାଇଁ ନିବେଦନ କରିବା ଏକ ପରମ୍ପରା ଗଡ଼ିଆସୁଛି। ଅତିବିଶୁଦ୍ଧ ସ୍ଥଳକୁ ବିକୃତ ନକରିବା ପାଇଁ ବିଧର୍ମୀଙ୍କୁ ବାରଣ। ଯେଉଁମାନେ ମୋକ୍ଷକାମୀ, ସେମାନଙ୍କର ଦିଅଁ ଦର୍ଶନ ଯାହା ଅନ୍ୟ ପ୍ରକାରର ଧନକାମୀ, ଶତ୍ରୁତା ସାଧନ କାମୀ, ବଳ ବହିର୍ଭୂତ, ଚେଷ୍ଟା ବହିର୍ଭୂତ, ଯୋଗ୍ୟତା ବହିର୍ଭୂତ କାମୀ ମାନେ ସମସ୍ତେ ଦିଅଁ ଦର୍ଶନକୁ ଆସିଲେ ବି ଦୃଢ଼ ଭକ୍ତି ନଥିଲେ ସମୟ ବେକାର ଯାଏ ଓଲଟି ଫଳ ବିପରୀତ ହୁଏ। ପଦ ଆଶାୟୀମାନେ କଣ ସାଧନା କଲେ ପଦ ପାଇବେ ଏହାର ମୂଳ ନଜାଣି, କଣ କେବଳ ଦିଅଁ ଦର୍ଶନ କଲେ ପଦ ପାଇବେ କି? ପାଠପଢ଼ା ନ କରି କେବଳ ଗଣେଶ, ସରସ୍ୱତୀଙ୍କୁ ଭଲ ମିଠା ଲଡ୍ଡୁ ପେଡ଼ା ଦେଇ ଉପଚାର ପୂଜା ଟଙ୍କା ଖର୍ଚ୍ଚ କରି କଲେ ଡିଗ୍ରୀ ଡିପ୍ଲୋମା ହାସଲ ହେବ କି? ଏହି ମନୋଭାବ ରଖିବା ଆଗରୁ ଭାବନ୍ତୁ ଠାକୁରଙ୍କୁ ସାକ୍ଷୀକରି ପାଠ ପଢ଼ିଲେ, ନେତାଏ ଠାକୁରଙ୍କୁ ପ୍ରଥମେ ବୁଝନ୍ତୁ, ଠାକୁରଙ୍କ ସମସ୍ତେ ସନ୍ତାନ ଆଉ ସନ୍ତତି ନେତା ହେବମାନେ ଠାକୁରଙ୍କ ପିଲାମାନଙ୍କର ବଡ଼ ଭାଇ, ବଡ଼ ଭଉଣୀ ପରି ଦେଖା ଶୁଣା କରିବା ସେହି ମାନଙ୍କ ଶ୍ରମ, ଧନରେ ତାଙ୍କୁ ଭଲରେ ଜୀବନଚର୍ଯ୍ୟା କରିବାକୁ ଦେବା ଶାନ୍ତିରେ ରଖିବା, କିନ୍ତୁ ଏହାକୁ ଓଲଟ କଲେ ଯେଉଁ ଗୁଞ୍ଜରଣ ଶୁଣାଯିବ ତାହା ପଞ୍ଚ ମୁଖେ ହରି, ଏହା ହିଁ କରିବ ହିଁ କରିବ। ଏଥିକୁ କେବେ ସ୍ଥିରୋଭାବ ମୁଦ୍ରାରେ ଥିବା ଠାକୁରେ ଅନୁଶୋଚନା ପାଇଁ ହିଁ ଚେତନା ଦେବେ। ପଡ଼ି ଯାଇଥିବାମାନେ ହିଁ ପତିତ, ଅପାରଗ ମାନେ ହିଁ ପତିତ, ବିଭିନ୍ନ କାରଣରୁ ଦଳିତ ମାନେ ହିଁ ପତିତ। ଏହି ଦିଅଁ ସମସ୍ତ ପତିତଙ୍କୁ ଉଦ୍ଧାର କରନ୍ତି। ସେଥିପାଇଁ ତାଙ୍କ ମନ୍ଦିରରେ ଉଡିୟମାନ ବାନା ପତିତପାବନ। ଯେ ନେତା ହେବାକୁ ସଂକଳ୍ପ ନେଇ କାମରେ ଆଗଉଛନ୍ତି ଏହି ପତାକା ତଳେ ହେଉ ବା ପତାକାକୁ ଚାହିଁ ହେଉ ମନେ ମନେ ସଂକଳ୍ପ କରନ୍ତୁ ପ୍ରଭୁ ଆପଣଙ୍କ ପତିତପାବନ ଶକ୍ତିରୁ ମୋତେ କାଣିଚାଏ ମିଳୁ। ମୋ ଅଞ୍ଚଳ ଲୋକଙ୍କ ମଧ୍ୟରେ ଥିବା ସବୁ ଅପାରଗ ମାନଙ୍କ ସେବା ମୋତେ କରିବାକୁ ଦିଅନ୍ତୁ। ଏଥିରେ ମୁଁ କେବେ ଖିଲାପ କରିବି ନାହିଁ। ଏହା ସହ ଭାବନ୍ତୁ ସେ ବଳିଆର ଭୁଜ ତାଙ୍କ ହାତ ବହୁ ଦୂରଯାଏ ଲମ୍ବିପାରେ ତାଙ୍କ ଚକ୍ଷୁ ସବୁ ଦେଖୁଛି।

ତାଙ୍କ ପାଖରେ କିଛି ଲୁଚି ନପାରେ, ଛପି ନପାରେ, ଅନ୍ତରରେ କପଟ ରଖିବା ଲୋକାମାନେ ତାଙ୍କୁ ଦେଖିବାକୁ ଯିବା ବେଳେ ଭାବନ୍ତୁ କଣ ସବୁ ଠିକ କରିଛନ୍ତି ତ? ଯଦି ନୁହେଁ ଦର୍ଶନରେ ଆତ୍ମ ସାକ୍ଷାତକାରରେ ତତ୍କାଳ ଭାବନାରେ ଅବଶୋଷ ଯଦିଆସେ ତେବେ ପତିତପାବନ ପାବନ କରିପାରନ୍ତି। ନଚେତ ଲୋକ ଦେଖାଣିଆର କିଛି ହୋଇପାରିବ ନାହିଁ। ଅନେକ ଏ ସମୟରେ ଦାନ ଦେଉଛନ୍ତି କିନ୍ତୁ କାମେରା ଆଗରେ ଦାନ ହେଉଛି, ପାଠ ପଢ଼ାରେ ପ୍ରମାଣ ପତ୍ର ମିଳିଲେ ବି ଚାକିରି ପାଇଁ କାହିଁକି ସାକ୍ଷାତକାର ଏକ ପରୀକ୍ଷା କରାଯାଉଛି? ଇନ୍ଦ୍ର ଏକ ପଦବୀ ଅନେକ ପୁଣ୍ୟ କରିବା ରାଜାମାନେ ଇନ୍ଦ୍ର ହୁଅନ୍ତି। ଛଳ ବଳରେ କେହି ଇନ୍ଦ୍ର ହୋଇନାହାନ୍ତି। ରାବଣ କୁମାର ଇନ୍ଦ୍ରଜିତ ଥିଲେ ହେଲେ କେବେ ଇନ୍ଦ୍ରାସନ ବସି ନାହାନ୍ତି କିତ ତାଙ୍କ ବସିବା ଜୟ ଜୟ କାର ସଭା ସୁଧର୍ମୀ ହୋଇ ନଥିଲା। ଭାଟଓ, ବନ୍ଦୀମାନେ ସବୁ ରାଜାଙ୍କ ଜୟ ଜୟକାର କରନ୍ତି। ଲୋକବାକ ଅଛି ବାଦ୍ୟ ବାଦକଙ୍କ ଘରେ ସନ୍ଧ୍ୟା, ସକାଳ ବେଳକୁ ବାଦ୍ୟ ରିହାଲସାଲ ବା ଗତ ପ୍ରାକ୍ଟିସ ବେଳେ ତାଙ୍କର ସ୍ତ୍ରୀଲୋକେମାନେ ପଡ଼ିଆକୁ ଝାଡ଼ା ଯାଇଥାନ୍ତି, ଆଉ ସେହି ବାଦ୍ୟ ବର ଆଗରେ ରୋଷଣୀ ବେଳେ ବାଜେ। ତାହହେଲେ କଣ ଦୁଇଟି ଯାକର ଏକମାନ୍ୟତା ଏକ ମୂଲ୍ୟ? ବୁଢ଼ା ରାଜା ଉଗ୍ରେସେନ କଂସକୁ ବାଧରେ ଶାସନ ଭାର ସିଂହାସନ ଅର୍ପଣ କରି ରାଜ୍ୟର କଟୁଆଳ ଗିରି କରୁଥିଲେ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଆତ୍ମହତ୍ୟାର ଅବଶୋଷ

ପ୍ରତି ବର୍ଷ ଭାରତରେ ପାଖାପାଖି ଦୁଇ ଲକ୍ଷ ଜଣ ଆତ୍ମହତ୍ୟା କରୁଛନ୍ତି ଓ ୨୦୧୮ ତୁଳନାରେ ୨୦୨୨ ମସିହାରେ ଏହି ହାର ଉଦବେଗଜନକ ଭାବରେ ୨୭ ପ୍ରତିଶତ ବୃଦ୍ଧି ପାଇଛି ଓ ଓଡ଼ିଶାରେ ଏହି ହାର ପ୍ରତି ଏକ ଲକ୍ଷରେ ୧୨.୨ ପ୍ରତିଶତ ରହିଛି ଓ ଓଡ଼ିଶାରେ ବିଗତ ଦୁଇ ମାସ ମଧ୍ୟରେ ପ୍ରାୟ ଆଠ ଜଣ ଆତ୍ମହତ୍ୟା କରିଛନ୍ତି ଓ ଅଧିକାଂଶ ଛାତ୍ର -ଛାତ୍ରୀ ଓ ନାବାଳକ ଆତ୍ମହତ୍ୟା କରୁଥିବା ଚିନ୍ତାର ବିଷୟ ହେଇଛି ଓ ଆତ୍ମହତ୍ୟା ଜୀବନର ଏକ ଦାରୁଣ ଅନ୍ତିମ ପରିଣତି । ନିଜର ବହୁମୂଲ୍ୟ ଜୀବନକୁ କ୍ଷଣିକ ମଧ୍ୟରେ ନିଶେଷ କରିଦେବା ନକାରାତ୍ମକ ଚିନ୍ତାଧାରାର ବିଲକ୍ଷଣ,କାପୁରୁଷତାର ଏକ ଚରମ ଲକ୍ଷଣ ଓ ଏମିତି ବହୁ ଚାରିତ୍ରିକ ନଜିର ରହିଛି, ଯେଉଁମାନେ ଦୁଃଖ କଷ୍ଟର ଅଗ୍ନିଦାହ ମଧ୍ୟରେ ସମସ୍ତ ଘାତ- ପ୍ରତିଘାତକୁ ଏଡାଇ ଦେଇ ସମାଜରେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି ଓ ସେମାନେ ଏଇ ଜନ୍ମ - ଜୀବନର ସାର୍ଥକତାକୁ ବାସ୍ତବ କ୍ଷେତ୍ରରେ ପ୍ରାମାଣିତ କରିଛନ୍ତି । ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଜୀବନର ଅନୁଶୀଳନ କଲେ ଜଣାଯାଏ,ସେମାନେ ପରଂବ୍ରହ୍ମ ହୋଇ ମଧ୍ୟ ପ୍ରବଳ ବିରୋଧ, ହିଂସା ଓ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି । ସମାଜକୁ ମଣିଷ ଜନ୍ମର ଜ୍ୱଳନ୍ତ ଉଦାହରଣ ଦେବା ସହ ଯେଉଁ ସନ୍ଦେଶ ପ୍ରଦାନ କରିଛନ୍ତି,ତାହାର ଯଦି ସତମାର୍ଗରେ ଅନୁପାଳନ କରାଯାଏ,ତେବେ ଜୀବନର ଅନ୍ଧକାର ଆକାଶରୁ କଳା ବାଦଲ ଅପସରି ଯିବ ଓ ଆଶାର ଆଲୋକିତ କିରଣରେ ଜୀବନ ଜୀଇଁବାର ପ୍ରେରଣା ମିଳିବ । କିନ୍ତୁ ଭଗବାନ ମଣିଷକୁ ବିଷ ଓ ଅମୃତ ମଧ୍ୟରେ ଅନ୍ତର ଜାଣିବାର ବୁଦ୍ଧିମତ୍ତା ପ୍ରଦାନ କରିଥିଲେ ମଧ୍ୟ ମଣିଷ ବୁଦ୍ଧିଭ୍ରଷ୍ଟ ହେବା ସହିତ ତାର ନିଜର ଭୁଲ ପାଇଁ ଲକ୍ଷଭ୍ରଷ୍ଟ ମଧ୍ୟ ହୋଇଯାଏ । ନିରାଶାର ତିକ୍ତତାରେ ସେ ନିଜର ଜୀବନକୁ ବଳି ଚଢ଼ାଇ ଦେବା ପାଇଁ ପଶ୍ଚାତପଦ ହୋଇନଥାଏ। ଜୀବନକୁ ଜିଅନ୍ତା ଜାଳିଦିଏ, ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ ତାର ଶରୀରକୁ ଅସୀମ ଯନ୍ତ୍ରଣା ଦେଇ ଆତ୍ମହତ୍ୟା କରିଥାଏ ଓ ଏହା ପରେ ସମାଜରେ, ତାର ପରିବାରରେ ଅବଦାନ ବଦଳରେ କେବଳ ଅବଶୋଷ ଓ ଅବସାଦ ହିଁ ରହିଯାଏ ।ଆଲୋଚ଼ନା ହୁଏ, ଶୋକ ପ୍ରକାଶ ପାଏ । ଏହା ଏକ ଆତ୍ମିକ ଅପରାଧ ହୋଇଥିବାରୁ ଏହାର କାରଣ ଜାଣିବା ପାଇଁ ତଦନ୍ତ ହୁଏ ଓ ସମଗ୍ର ବିଶ୍ୱରେ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଉଥିବାବେଳେ,ଭାରତରେ ଏପରି ସମ୍ବେଦନଶୀଳ ଅଘଟଣ ଉଦବେଗଜନକ ଭାବରେ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଏହା ଏକ ଚିନ୍ତା ଓ ତର୍ଜମାର କାରଣ ହେଲାଣି । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏପରି ଘଟଣା ବୃଦ୍ଧି ପାଉଛି । ପ୍ରେମ, ପ୍ରତାରଣା,କର୍ମକ୍ଷେତ୍ରରେ ଉତ୍ପୀଡ଼ନ, ଶିକ୍ଷାନୁଷ୍ଠାନରେ ଅସଦାଚରଣ ସହିତ ସମାଜରେ ବଢି ଚାଲିଥିବା ଅମାନବୀୟ ବର୍ବରତାରୁ ଦୁଷ୍କର୍ମ ଆଦି ଘଟଣାରେ ପୀଡିତ / ପୀଡିତା ଆତ୍ମହତ୍ୟା କରିବାର ଘଟଣା ଆଲୋଡନ ସୃଷ୍ଟି କରୁଛି ଓ କାରଣ ଯାହା ବି ହେଉ, ଜୀବନ ହାରିବା ସମାଧାନର ପନ୍ଥା ବୋଲି ଆଦୌ କୁହାଯାଇପାରିବ ନାହିଁ ଓ ଭୁବନେଶ୍ୱର କୀଟ କଲେଜରେ ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା, ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ, ସୌମ୍ୟାଶ୍ରୀ ନିଜକୁ ଜାଳିଦେବା, ପୁରୀ ଜିଲ୍ଲାର ବଳଙ୍ଗା ଓ କେନ୍ଦ୍ରାପଡା ଜିଲ୍ଲାରେ ଅନୁରୂପ ଘଟଣା କେବଳ ସର୍ବସାଧାରଣଙ୍କୁ ନୁହେଁ, ସରକାରଙ୍କୁ ମଧ୍ୟ ବିବ୍ରତ କରିଛି ଓ ସେଥିପାଇଁ ସରକାର କଲେଜ ମାନଙ୍କରେ ଶକ୍ତିଶ୍ରୀ ନାମକ ଏକ ଯୋଜନା ଆରମ୍ଭ କରିଛନ୍ତି ଓ ନିହାତି ଭାବରେ ଏପରି ଘଟଣା ରୋକିବାକୁ ହେବ। ନିଜ ଦେହରେ ନିଆଁ ଲଗାଇ ଜାଳିଦେବା ଏକ ଅନୁକରଣୀୟ ଆତ୍ମାହୁତି କୁହାଯାଇପାରେ ବୋଲି କେତେକ ବୁଦ୍ଧିଜୀବୀ ଚିନ୍ତାବ୍ୟକ୍ତ କରିଛନ୍ତି ଓ ତେବେ କାରଣ ଯାହା ବି ହେଉ,ଯୁବକ ହୁଅନ୍ତୁ କି ଯୁବତୀ ଆତ୍ମହତ୍ୟାର କାରଣ ଦୁର୍ବଳ ଅଥବା ବିକୃତ ମାନସିକତାକୁ ଇଙ୍ଗିତ କରୁଛି । ସାମୟିକ ଉତ୍ତେଜନା, ଅଧିକ ଭାବପ୍ରବଣତା ମଧ୍ୟ ଏହାର କାରଣ ହୋଇପାରେ। ଏଥିପାଇଁ ସକାରାତ୍ମକ ସଚେତନତାର ଆବଶ୍ୟକତା ରହିଛି ।

# ମୁକ୍ତ ବାଣିଜ୍ୟ ରାଜିନାମାର ବଡ଼ ଲାଭାର୍ଥୀ ହେବ ଓଡ଼ିଶା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଭାରତରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ମାଡ଼ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଏହିପରି ଏକ ଆହ୍ୱାନ ଭରା ସମୟ ଭିତରେ ଭାରତ ଓ ବ୍ରିଟେନ ମଧ୍ୟରେ ସ୍ୱାକ୍ଷର ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା। ଦେଶର ବିଭିନ୍ନ କ୍ଷେତ୍ର ଓ ଅଞ୍ଚଳରେ ସମ୍ଭାବନାରେ ନୂତନ ଦ୍ୱାର ଖୋଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ବଡ଼ କଥା ହେଲା ଏହାର ବଡ଼ ଲାଭାର୍ଥ ପାଲଟିବାକୁ ଯାଉଛି ଆମ ରାଜ୍ୟ ଓଡ଼ିଶା। ସ୍ଥାୟୀ ବିକାଶ ଏବଂ ଆଖି ଦୃଶିଆ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରୁଥିବା ଓଡ଼ିଶା ପାଇଁ ଏହି ଏଫଟିଏ ଶିଳ୍ପ ବିକାଶ, ବିଶ୍ୱ ସମନ୍ୱୟ ଏବଂ ଦକ୍ଷତା ବିକାଶ ଉତପ୍ରେରକ ହେବ। ୨୦୦୦୦ ପୃଷ୍ଠା ଏବଂ ଅଗଣିତ ଅଧ୍ୟାୟ ବିଶିଷ୍ଟ ଏହି ରାଜିନାମା ବାଣିଜ୍ୟିକ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବା ସହ ନିୟମାବଳୀକୁ ସରଳ କରିବ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗିତାକୁ ମଜଭୁତ କରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପକୁ ଏହି ଏଫଟିଏର ସର୍ବାଧିକ ଫାଇଦା ମିଳିବ।

ରାଜ୍ୟର ଦୃଢ଼ ଉତ୍ପାଦନ ଆଧାର ଏବଂ ରପ୍ତାନି କ୍ଷମତା ସତ୍ତ୍ୱେ ବ୍ରିଟେନ ବଜାରରେ ପ୍ରବେଶ ଏକା ନିୟାମକ ଜଟିଳତାରେ ପରିପୂର୍ଣ୍ଣ ରହିଥିଲା। ବିଗତ ଦିନରେ ୟୁକେକୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଅତ୍ୟନ୍ତ କଷ୍ଟକର ହେଉଥିଲା। କିନ୍ତୁ ଏବେ ଏଫଟିଏ ଦ୍ୱାରା ଏସବୁ ଦୂର ହୋଇଯିବ। ବ୍ରିଟେନ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ପ୍ରବେଶ ସହଜ ହେବ। ବାଧକ ହ୍ରାସ ଏବଂ ସେଠାକାର ବଜାରକୁ ବାଟ ପରିଷ୍କାର ହେବା ଦ୍ୱାରା ୟୁକେ ବଜାରରେ ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପର ଉପସ୍ଥିତି ବୃଦ୍ଧି ପାଇବ। ଏହି ରାଜିନାମାର ବଡ଼ ବିଜେତା ହେଉଛି ସାମୁଦ୍ରିକ ଖାଦ୍ୟ ଶିଳ୍ପ। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପ ହେଉଛି ବିଶାଳ। ଏଣୁ ରାଜ୍ୟକୁ ମିଳିବ ବଡ଼ ଫାଇଦା।

ଓଡ଼ିଶାର ସ୍ପନ୍ଦନଶୀଳ ଏମକଏସଏମଇ ଇକୋଷ୍ଟିମ ପାଇଁ ବି ଏ ରାଜିନାମା ବିପୁଳ ସମ୍ଭାବନା ସୃଷ୍ଟି କରିବ। ବିଶ୍ୱ ଦରବାରରେ ଓଡ଼ିଶାର ହସ୍ତଶିଳ୍ପ ଏବଂ ସୃଜନଶୀଳ ଶିଳ୍ପର ଖ୍ୟାତି ରହିଛି। ପିପିଲି ଚାନ୍ଦୁଆ ଠାରୁ ବରଗଡ଼ର ଟସର ଶାଢ଼ୀ, ମାଣିଆବନ୍ଧର ପାଟ ଶାଢ଼ୀ ଠାରୁ ଶୁଖୁଆପଡ଼ାର ପଥର ସୃଜନ ଶିଳ୍ପ ସାମଗ୍ରୀ ବିଶ୍ୱର ଅନେକ ଦେଶରେ ପହଞ୍ଚି ପାରିଛି। ୟୁକେକୁ ରପ୍ତାନିରେ ଶୂନ ଶୁଳ୍କ ଓଡ଼ିଆ ଉତ୍ପାଦଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବ। ଏସବୁ ସାମଗ୍ରୀରେ ଶୁଳ୍କ ଉଚ୍ଛେଦ ଦ୍ୱାରା ଏଗୁଡ଼ିକର ପ୍ରତିସ୍ପର୍ଦ୍ଧା ପୂର୍ବାପେକ୍ଷା ଅଧିକ ବଢ଼ିବ। ଫଳରେ ବୁଣାକାର, ଶିଳ୍ପ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ମିଳିବ ସିଧାସଳଖ ଲାଭ। ଅନ୍ତର୍ଜାତୀୟ ବଜାରରେ ପହଞ୍ଚ ବୃଦ୍ଧି ଯେଉଁ ଏମାନଙ୍କ ଜୀବନ ମାନରେ ଆସିବ ଉନ୍ନତି। ପାରମ୍ପରିକ ସାମଗ୍ରୀ ସହିତ ଏଫଟିଏ ମଧ୍ୟ ଅତ୍ୟାଧୁନିକ ଏବଂ ଭବିଷ୍ୟତମୁଖୀ କ୍ଷେତ୍ର ଗୁଡ଼ିକ ପାଇଁ ନୂଆ ସମ୍ଭାବନା ଆଣିଛି। ଯେହେତୁ ଓଡ଼ିଶାରେ ଏକ ବିରଳ ଖଣିଜ କରିଡ଼ର ହେବାକୁ ଯାଉଛି ଏ ରାଜି ନାମା ଦୁଇ ଦେଶ ମଧ୍ୟରେ ସହଯୋଗିତା ପାଇଁ ବାଟ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଫଟିଏର ପ୍ରଭାବ କେବଳ ସାମଗ୍ରୀ ଏବଂ ଶିଳ୍ପ ମଧ୍ୟରେ ସୀମିତ ନାହିଁ। ଏହା ମଧ୍ୟ ଅର୍ଥନୈତିକ ସହଯୋଗିତାରେ ନାଗରିକ ଏବଂ ସେବାକୁ ସ୍ଥାନିତ କରିଛି। ଓଡ଼ିଶା ଯେପରି ଏହି ରାଜିନାମାରୁ ସୃଷ୍ଟି ହେବାକୁ ଥିବା ସମ୍ଭାବାନର ପୂର୍ଣ୍ଣ ଲାଭ ଉଠାଇ ପାରିବ, ସେଥିପାଇଁ ବ୍ରିଟେନ ରାଜ୍ୟରେ ଦକ୍ଷତା ବିକାଶ ଏବଂ କ୍ଷମତା ନିର୍ମାଣ ପଦକ୍ଷେପରେ ବି ଆଗକୁ ବଢ଼ିଛି। ଏଥିପାଇଁ ସର୍ବପ୍ରଥମେ, ଭୁବନେଶ୍ୱରରେ ଏକ କେମ୍ବ୍ରିଜ ଆସେସମେଣ୍ଟ ସେଣ୍ଟର ସ୍ଥାପନ କରାଯିବ। ଏହା ବିଶ୍ୱସ୍ତରରେ ମାନ୍ୟତା ପ୍ରାପ୍ତ ଇଂରାଜୀ ଭାଷା ପ୍ରମାଣନ ପ୍ରଦାନ କରିବ। ବିଶେଷ କରି ମହିଳା ଏବଂ ଗ୍ରାମୀଣ ସମୁଦାୟଙ୍କ ମଧ୍ୟରେ କମ୍ୟୁନିକେଶନ ଏବଂ ଧନ୍ଦାମୂଳକ ଦକ୍ଷତାକୁ ମଜଭୁତ କରି ଏହି ପଦକ୍ଷେପ ଅନ୍ତରାଷ୍ଟ୍ରୀୟ ପ୍ରଯୁକ୍ତି ଏବଂ ସେବା କ୍ଷେତ୍ର ନିବେଶ ପାଇଁ ଓଡ଼ିଶାକୁ ଏକ ଉପଯୁକ୍ତ ସ୍ଥଳ ଭାବେ ପ୍ରସ୍ତୁତ କରିବ।

ଏହି ଏଫଟିଏ ଦ୍ୱାରା ସ୍ୱଚ୍ଛ ଶକ୍ତି ଏବଂ ନିରନ୍ତର ବିକାଶକୁ ବି ବଳ ମିଳିବ। ଭୁବନେଶ୍ୱରରେ ନେଟ ଜିରୋ ପ୍ଲାନିଂ ଏବଂ ସ୍ଥାୟୀ ସହରାଞ୍ଚଳ ପରିବହନ ସମାଧାନ ଉପରେ ପୂର୍ବରୁ ହିଁ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି ୟୁକେ। ଆଇଏମଏଟି ଭଳି ଏକ ଗ୍ରୀନ ଇଞ୍ଜିନିୟର ଆକ୍ରିଡ଼େସନ ପ୍ରତିଷ୍ଠାନ ଆସିବା ଦ୍ୱାରା ଓଡ଼ିଶାର ସବୁଜ କାର୍ଯ୍ୟଶକ୍ତିଙ୍କ ପେସାଦାର ମନୋଭାବ ବଢ଼ିବ। ଏକତ୍ର ଭାବେ ଏସବୁ ଉଦ୍ୟମ ନିଶ୍ଚିତ କରିବ ଯେ, ରାଜ୍ୟର ଶିଳ୍ପ ଏବଂ ସହରାଞ୍ଚଳ ଅଭିବୃଦ୍ଧି ବିଶ୍ୱ ଜଳବାୟୁ ପ୍ରତିବଦ୍ଧତା ସହ ସମାନ୍ତରାଳ ରହିବ। ଭାରତ ଏବଂ ୟୁକେ ସହଯୋଗିତା ଦ୍ୱାରା ରାଜ୍ୟରେ ଅର୍ଥନୈତିକ ବିକାଶର ଏକ ନୂଆ ଅଧ୍ୟାୟ ଦେଖିବାକୁ ମିଳିବ। ଆଗାମୀ ଦଶନ୍ଧିରେ ଏହି ରାଜ୍ୟ ଆକର୍ଷଣୀୟ ଅଭିବୃଦ୍ଧି ନେଇ ବଢ଼ିବ।

ପ୍ରତିଷ୍ଠାତା, ସମ୍ପାଦକ ‘ସିଂହଭୂମ୍’, ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ବିଭାଜନର ପରିବର୍ତ୍ତିତ ଚେହେରା

**ଗୋପାଳ ମହାପାତ୍ର**

କରାଯାଏ ଓ କିଛି ସ୍ୱରକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଏ। ଏ ସବୁରେ ରାଜନୈତିକ ଦଳ ମାନଙ୍କର ଭୂମିକା ରହିଛି। ଶାସକ ଦଳ ଏହି ନିୟମକୁ ସାମାଜିକ ସମରସତ୍ତା ଏବଂ ସମାନ ଅବସର ଦିଗରେ ଐତିହାସିକ ପଦକ୍ଷେପ ଭାବେ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ବିରୋଧି ଏହାକୁ ସଂସ୍ଥାନ ଉପରେ ନିୟନ୍ତ୍ରଣ, ବୈଚାରିକ ଦମନ ଏବଂ ଅସହମତିକୁ ଚାପି ଦେବାର ପ୍ରୟାସ ବୋଲି କହିଥାନ୍ତି। କିନ୍ତୁ ଶାସକ ଓ ବିରୋଧି ପ୍ରାୟତଃ ଏହି ମୂଳ ପ୍ରଶ୍ନକୁ ଅଣଦେଖା କରିଥାନ୍ତି ଯେ ଶିକ୍ଷା ବ୍ୟବସ୍ଥାକୁ ବାସ୍ତବିକ୍ ଭାବେ କେମିତି ସୁଧରା ଯାଇପାରିବ। ଶିକ୍ଷକ-ଛାତ୍ର ଅନୁପାତ କେମିତି ସୁଧୁରିବ। ଗବେଷଣା, ନବାଚାର ଏବଂ ବୌଦ୍ଧିକ ସ୍ୱତନ୍ତ୍ରତା କେମିତି ଆଗକୁ ବଢିବ। ସାମାଜିକ ବିବିଧତାକୁ ସମ୍ମାନ ସହ କେମିତି ସମାହିତ କରାଯିବ। ଧର୍ମକୁ ନେଇ ରାଜନୀତିର ସବୁଠାରୁ ବିପଦଜନକ ପାର୍ଶ୍ୱ ହେଉଛି ଜଟିଳ ସଂରଚାତ୍ମକ ସମସ୍ୟାର ପରିଚୟକୁ ସହଜ ଲଢେଇରେ ପରିବର୍ତ୍ତନ କରିଦିଏ। ସେଠାରେ ସମାଧାନ ନାହିଁ ବରଂ ପକ୍ଷ ବାଛିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଏହି ପ୍ରବୃତ୍ତି ଏବେ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଛାତ୍ର ଏବେ କେବଳ ବିଦ୍ୟାର୍ଥୀ ହୋଇ ରହିଯିବେନି ବରଂ ସେମାନେ ନିଜକୁ କୌଣସି ଏକ ନିର୍ଦ୍ଦିଷ୍ଟ ପରିଚୟର ପ୍ରତିନିଧି ଭାବେ ଦେଖିବେ। ଏହାଫଳରେ ସ୍ଥିତି ଯେ କେବଳ ଶିକ୍ଷା ପାଇଁ ବିଗିଡିବ ତା ନୁହେଁ ବରଂ ଗଣତନ୍ତ୍ର ପାଇଁ ଘାତକ ସାବ୍ୟସ୍ତ ହେବ। ବିଶ୍ୱବିଦ୍ୟାଳୟ ମାନେ ଭବିଷ୍ୟତର ନାଗରିକଙ୍କୁ ଗଢିଥାନ୍ତି, ଯଦି ସେଠାରେ ବିଭାଜନ, ସନ୍ଦେହ ଏବଂ ଭୟର ମାନସିକତା ଦେଖାଯିବ ତେବେ ସମାଜରୁ ସହିଷ୍ଣୁତା ଲୋପ ପାଇଯିବ। ଏଣୁ ୟୁଜିସିର ନୂଆ-ନିୟମ ବାବଦରେ ଗଭୀର ଭାବେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଆଗତ ଏକ ମାମଲାର ଶୁଣାଣୀବେଳେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ “ଆମେ ଜାତି ବିହୀନ ସମାଜ ଚାହୁଁଛୁ, ଆପଣ କ’ଣ ଦେଶକୁ ସେଇ ପୁରୁଣା ସମୟ ଆଡ଼କୁ ନେଇଯିବାକୁ ଚାହାଁନ୍ତି? ଏଣୁ ଏଥିରୁ ସ୍ପଷ୍ଟ ଯେ ୟୁଜିସିର ନୂଆ ଆଇନର ଭିତରେ କ’ଣ କ’ଣ ସବୁ ରହିଛି।

ରାମଚନ୍ଦ୍ରପୁର, ରଣପୁର, ମୋ:୯୪୩୮୪୮୫୦୯୪

# ପପକର୍ଣ୍ଣ ସିଣ୍ଡ୍ରୋମ

**ପ୍ରଫେସର ଡାକ୍ତର ସମ୍ରାଟ କର**

ଯଦି ଆପଣଙ୍କୁ ସବୁବେଳେ ଗୋଟିଏ କାମରେ ଧ୍ୟାନ ଦେବାରେ ଅସୁବିଧା ହେଉଛି ଆପଣଙ୍କ ମନ ସବୁବେଳେ ଗୋଟିଏରୁ ଆଉ ଗୋଟେ କଥା ଚିନ୍ତା କରିବାକୁ ପଡୁଛି ତେବେ ଆପଣ ‘ପପକର୍ଣ୍ଣ ସିଣ୍ଡ୍ରୋମ’ରେ ପୀଡ଼ିତ ହୋଇପାରନ୍ତି। ଏହା କୌଣସି ଚିକିତ୍ସାଗତ ଅବସ୍ଥା ନୁହେଁ ବରଂ ଆମର ଡିଜିଟାଲ ଯୁଗରେ ଥିବା ଏକ ଆଚରଣଗତ ଅବସ୍ଥା। ଯେପରି ପପକର୍ଣ୍ଣ ଦ୍ରୁତଗତିରେ ଫୁଟେ ସେହିପରି ନୋଟିଫିକେସନ ମେସେଜ ଏବଂ ବହୁକାର୍ଯ୍ୟର ନିରନ୍ତର ବାଧା ଯୋଗୁଁ ଆମର ମସ୍ତିଷ୍କ ଅତ୍ୟଧିକ ସକ୍ରିୟ ହୋଇଯାଏ। ପ୍ରଯୁକ୍ତିବିଦ୍ୟା ଉପରେ ଆମର ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ଆମର ମସ୍ତିଷ୍କ ଏତେ ଶୀଘ୍ର ସୂଚନା ପ୍ରକ୍ରିୟାକରଣ କରିବାରେ ଅଭ୍ୟସ୍ତ ହୋଇଗଲାଣି ଯେ ସେମାନେ ଶାନ୍ତ, ଅଧିକ ଧୀର କାର୍ଯ୍ୟ ଉପରେ ଧ୍ୟାନ ଦେଇପାରିବେ ନାହିଁ। ଏହି ଅବସ୍ଥା କେବଳ ଉତ୍ପାଦକତା ହ୍ରାସ କରେ ନାହିଁ ବରଂ ଆମର ସ୍ମୃତି ଏବଂ ମାନସିକ ଶାନ୍ତିକୁ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ କରେ। ଯଦି କେହି ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି ତେବେ ଏହି ସିଣ୍ଡ୍ରୋମକୁ ଚିହ୍ନିବା ଏବଂ ସେମାନଙ୍କର ଡିଜିଟାଲ ଅଭ୍ୟାସ ପରିବର୍ତ୍ତନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପପକର୍ଣ୍ଣ ସିଣ୍ଡ୍ରୋମର ମୁଖ୍ୟ କାରଣ ହେଉଛି ଡିଜିଟାଲ ଓଭରଲୋଡ଼। ଆମର ମସ୍ତିଷ୍କ ନିରନ୍ତର ଇମେଲ, ସୋସିଆଲ ମିଡ଼ିଆ ଅପଡେଟ ଏବଂ ମେସେଜ ଯାଞ୍ଚ କରିବାର ଅଭ୍ୟାସ ବିକଶିତ କରେ। ଏହି ଅଭ୍ୟାସ ମସ୍ତିଷ୍କକୁ ପ୍ରତି କିଛି ମିନିଟରେ ଛୋଟ ମାତ୍ରାରେ ଡ଼ୋପାମିନ ଦାବି କରିବାକୁ ବାଧ କରେ। ଏହି ନିରନ୍ତର ଉତ୍ତେଜନା ଗଭୀର ଏକାଗ୍ରତା ଏବଂ ସମସ୍ୟା ସମାଧାନ ପାଇଁ ଦାୟୀ ମସ୍ତିଷ୍କର ଅଂଶକୁ ଦୁର୍ବଳ କରିଦିଏ ଯାହା ଫଳରେ ଧ୍ୟାନ ଦେବାରେ ଅସୁବିଧା ହୁଏ।

ଏହି ସିଣ୍ଡ୍ରୋମରେ ପୀଡ଼ିତ ବ୍ୟକ୍ତି ଏକାଥରେ ଅନେକ କାର୍ଯ୍ୟ ଆରମ୍ଭ କରନ୍ତି କିନ୍ତୁ କୌଣସି ଏକ କାର୍ଯ୍ୟ ସମାପ୍ତ କରିବାରେ ବିଫଳ ହୁଅନ୍ତି ଯାହା ଫଳରେ ଉତ୍ପାଦକତାରେ ଯଥେଷ୍ଟ ହ୍ରାସ ପାଏ। ଏହା ବ୍ୟତୀତ ଶୋଇବା ପୂର୍ବରୁ ସ୍କ୍ରିନ ଦେଖିବା କିମ୍ବା ମେସେଜ ଯାଞ୍ଚ କରିବାର ଅଭ୍ୟାସ ମନକୁ ଅଶାନ୍ତ କରେ। ଯାହା ନିଦ ଗୁଣବତ୍ତା ନଷ୍ଟ କରେ। ନିଜ ଅଭାବ ସମସ୍ୟାକୁ ଆହୁରି ଖରାପ କରିଥାଏ। ପପକର୍ଣ୍ଣ ସିଣ୍ଡ୍ରୋମକୁ ଏଡ଼ାଇବା ପାଇଁ ମାଇଣ୍ଡଫୁଲନେସ ଏବଂ ଡିଜିଟାଲ ଡିଟକ୍ସ ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ସମୟରେ ଗୋଟିଏ କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ନିଜ ଜୀବନଚର୍ଯ୍ୟା ପାଇଁ ଗୋଟିଏ ଭଲ ରୁଟିନ ତିଆରି କରନ୍ତୁ। ଖାଦ୍ୟ ଓ ବିଶ୍ରାମ ସମୟ ଭଲ ଭାବେ ନିର୍ଘଣ୍ଟ କରନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଜୀବନକୁ ନୈରାଶ୍ୟ ଭିତରେ ନୁହେଁ ଆନନ୍ଦମୟ କରି ଗଢ଼ି ତୋଳନ୍ତୁ ଦେଖିବେ ଏହି ସମସ୍ୟା ଆପଣଙ୍କ ପାଇଁ ଯନ୍ତ୍ରଣାଦାୟକ ହେବନାହିଁ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



# ଇଣ୍ଡିଗୋ ବିମାନରେ ବୋମା ଆତଙ୍କ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦରରୁ ମେଘାଳୟର ସିଲଂ ଅଭିମୁଖେ ଯିବାକୁ ଥିବା ଏକ ଇଣ୍ଡିଗୋ ଏୟାରଲାଇନ୍ସ ବିମାନରେ ବୋମା ଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଳିଛି । ଶନିବାର ସକାଳେ ବିମାନ ଉଡ଼ାଣ ଆରମ୍ଭ ପୂର୍ବରୁ ଜଣେ କ୍ରୁ ସଦସ୍ୟ ଏହି ଧମକପୂର୍ଣ୍ଣ ବାର୍ତ୍ତା ଥିବା ଏକ କାଗଜ ବିମାନ ଶୌଚାଳୟରୁ ପାଇଥିଲେ । ଇଣ୍ଡିଗୋ ବିମାନ ୬ଇ୩୦୪୭ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ ଭରିବାର ଥିଲା । ଯାତ୍ରୀମାନେ ବିମାନରେ ବସିବା ସମୟରେ



କ୍ରୁ ସଦସ୍ୟ ଧମକପୂର୍ଣ୍ଣ ବାର୍ତ୍ତା ଥିବା କାଗଜ ପାଇଥିଲେ । ତୁରନ୍ତ ବିମାନକୁ 'ଆଇସୋଲେସନ୍ ବେ'କୁ ନିଆଯାଇ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା । ବିମାନରେ କଡ଼ା ଯାଞ୍ଚ କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଛି । ଇଣ୍ଡିଗୋ ଏୟାରଲାଇନ୍ସ ପ୍ରବକ୍ତା ମଧ୍ୟ ଏହି ଘଟଣାକୁ ସ୍ୱୀକାର କରିଛନ୍ତି । ଯାତ୍ରୀମାନଙ୍କୁ ଏଥିପାଇଁ ହୋଇଥିବା ଅସୁବିଧା ପାଇଁ ଦୁଃଖିତ । ଯାତ୍ରୀ, କର୍ମଚାରୀ ଓ ବିମାନର ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏୟାରଲାଇନ୍ସ ପକ୍ଷରୁ ଏକ ବାର୍ତ୍ତାରେ କୁହଯାଇଛି। ଏହାପୂର୍ବରୁ ଗତମାସ ଦିଲ୍ଲୀରୁ ପୁଣେ ଯାଉଥିବା ଇଣ୍ଡିଗୋ ବିମାନ ୬ଇ ୨୬୦୮ରେ ବୋମା ଥିବା ଧମକ ମିଳିଥିଲା । କଡ଼ା ଯାଞ୍ଚ ପରେ କେଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା ।

# ଚୀନରେ ରାଜ୍ କରିବ ରୋବଟ୍

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**ଚୀନର ଚିନ୍ତା ବଢ଼ାଇଦେଇଛି ଜନ୍ମହାର ସ୍ତର । ଚୀନର ଜନ୍ମହାର ବର୍ତ୍ତମାନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । କର୍ମକ୍ଷେତ୍ରରେ ବି କାମ କରୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି ଓ ବୟସ୍କ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଚୀନରେ ବର୍ତ୍ତମାନ ୬୦ ବର୍ଷରୁ ଅଧିକ ବୟସ୍କ ଲୋକ ମୋଟ ଜନସଂଖ୍ୟାର ପ୍ରାୟ ୨୩% ରେ ପହଞ୍ଚିଲାଣି । ଶତାବ୍ଦୀ ଶେଷ ସୁଦ୍ଧା ଏହା ଅଧା ଅତିକ୍ରମ କରିପାରେ ବୋଲି ଆକଳନ କରାଯାଇଛି । ଏହାର ଅର୍ଥ କମ କର୍ମଜୀବୀ ଏବଂ ଅଧିକ ପେନସନଭୋଗୀ । ସରକାର ପିଲାମାନଙ୍କ ପାଇଁ ନଗଦ ପ୍ରୋତ୍ସାହନ, ଟିକସ ଛାଡ଼ ଓ ବିବାହ ନିୟମକୁ ସହଜ କରିବା ସମେତ ଅନେକ ପଦକ୍ଷେପ ନେଇଛନ୍ତି, କିନ୍ତୁ ଏହାର ପ୍ରଭାବ ସୀମିତ ରହିଛି । ଏହାକୁ ନେଇ ପ୍ରଶ୍ନ ଉଠୁଛି, ବିଶ୍ୱର ସର୍ବବୃହତ ଅର୍ଥନୀତି ମଧ୍ୟରୁ ଗୋଟିଏ ଚୀନ୍, କ'ଣ ଆଗାମୀ ଦିନରେ ଏକ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବ? ଏଭଳି ପ୍ରଶ୍ନ ଉଠୁଥିବାବେଳେ ବେଜିଂ କିନ୍ତୁ ଏକ ନୂତନ ସମାଧାନର ରାସ୍ତା ଖୋଜିଛି, ତାହା ହେଉଛି ରୋବୋଟ୍ ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ।



ଚୀନ ବିଶ୍ୱର ସର୍ବବୃହତ ରୋବୋଟ୍ ବଜାର ଭାବରେ ଜଣାଶୁଣା। ୨୦୨୪ ସୁଦ୍ଧା, ସାରା ବିଶ୍ୱରେ ସ୍ଥାପିତ ରୋବୋଟ୍ ମଧ୍ୟରୁ ଅଧାରୁ ଅଧିକ ଚୀନ ନିର୍ମିତ । ଅନେକ କାରଖାନା ଏବେ ଡାର୍କ ଫ୍ୟାକ୍ଟ୍ରି ମଡେଲ ଗ୍ରହଣ କରୁଛନ୍ତି, ଅର୍ଥାତ ମେସିନଗୁଡ଼ିକ ସ୍ୱାଧୀନ ଭାବରେ କାର୍ଯ୍ୟ କରନ୍ତି ଏବଂ କମ୍ ମାନବ ସମ୍ପୃକ୍ତି ଆବଶ୍ୟକ କରନ୍ତି । ଦେଶକୁ ଏକ ହାଇ-ଟେକ୍ ଶକ୍ତିରେ ପରିଣତ କରିବା ଲକ୍ଷ୍ୟରେ ଚୀନ ସରକାର ୨୦୧୫ ମସିହାରେ ମେଡ୍ ଇନ୍ ଚାଇନା ୨୦୨୫ ଯୋଜନା ଆରମ୍ଭ କରିଥିଲେ। ଏବେ, ଏହି ଯୋଜନା ଜନସଂଖ୍ୟା ସଙ୍କଟକୁ ସମାଧାନ କରିବାର ଏକ ମାଧ୍ୟମ ପାଲଟିଛ । ରିପୋର୍ଟ ଅନୁଯାୟୀ, ଅଟୋମେସନ୍ କର୍ମକ୍ଷେତ୍ରରେ ଦୀର୍ଘକାଳୀନ ଭାବରେ ସାହାଯ୍ୟ କରିପାରେ, କିନ୍ତୁ ଛୋଟ ଚାକିରି ଉପରେ ପ୍ରଭାବ ପକାଇପାରେ । ଆକଳନ କରାଯାଉଛି ଯେ ଚୀନର ଉତ୍ପାଦନ କ୍ଷେତ୍ରରେ ଏଆଇ ଓ ରୋବୋଟ୍ ୭୦% ପର୍ଯ୍ୟନ୍ତ ଚାକିରିକୁ ପ୍ରଭାବିତ କରିପାରେ । ଏହାର ଅର୍ଥ ହେଉଛି ଆଗାମୀ ଦିନରେ ବେକାରୀ ସଂଖ୍ୟା ଚିନ୍ତାର ବିଷୟ ପାଲଟିବ ।

# ବିଚାରପତିଙ୍କୁ ଲାଞ୍ଚ ମାମଲାର ଭିଜିଲାନ୍ସ ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**ଏକ ଅପରାଧିକ ମାମଲାରେ ନିଜ ସପକ୍ଷରେ ରାୟ ପ୍ରକାଶ କରିବାକୁ ବିଚାରପତିଙ୍କୁ ଲାଞ୍ଚ ଦେବାକୁ ଜଣେ ମହକିଲଙ୍କଠାରୁ ଜଣେ ବରିଷ୍ଠ ଓକିଲ ୫୦ ଲକ୍ଷ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏହି ମାମଲାକୁ ତା'ର ଭିଜିଲାନ୍ସ ଶାଖାକୁ ପଠାଇ ଦେଇଛନ୍ତି । ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍ ନିର୍ମଳ କୁମାର ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏସନ୍ ଫର୍ ଜଷ୍ଟିସ୍ (ଏଆଇଏଲଏଜେ) ଚେନ୍ନାଇର ଲାଞ୍ଚ ସମ୍ପର୍କିତ ଅଭିଯୋଗ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ପାଇବା ପରେ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ ସିବିଆଇ ଦ୍ୱାରା ପଞ୍ଜିକୃତ ମାମଲାରେ ଏକ ଫୌଜଦାରୀ ସଂଶୋଧନ ଏବଂ ସଂଲଗ୍ନ ରଦ୍ଦ ଆବେଦନର ଶୁଣାଣି କରୁଥିଲେ । କୋର୍ଟ ଲୟର୍ସ ଆସୋସିଏସନ୍ ଅଭିଯୋଗର ଦ୍ୱାହି ଦେଇ ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ । କୋର୍ଟ ମାମଲାକୁ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ରଖାଯିବା ପାଇଁ ମୁଖ୍ୟ ବିଚାରପତିଙ୍କ ନିକଟରେ ମାମଲାକୁ ରଖାଯାଉ ଏବଂ ଏ ସମ୍ପର୍କରେ ତଦନ୍ତ କରିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ସେଲ୍‌କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଉ ବୋଲି କହିଥିଲେ । କୋର୍ଟ ସିବିଆଇର ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ ଏବଂ ଆର ଗୋପୀନାଥଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଏମ୍ ମୁରଲୀ କୁମାରନଙ୍କ ସହ ମଧ୍ୟ ଏହି ସୂଚନାକୁ ସେୟାର କରିଥିଲେ । ଅନ୍ୟପକ୍ଷରେ ମୁରଲୀ କୁମାରନ୍ ଅଭିଯୋଗକୁ ମିଥ୍ୟା କହିବା ସହିତ ସେ ଯେକେଣସି ପ୍ରକାରର ତଦନ୍ତର ସହଯୋଗ କରିବେ ବୋଲି କହିଥିଲେ । ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ କହିଛନ୍ତି, କୋର୍ଟ ଏପରି ପ୍ରସ୍ତାବକୁ ଗ୍ରହଣ କରିବା କଥା ନୁହେଁ, ଏହାଦ୍ୱାରା କୋର୍ଟର ସମ୍ମାନ ହାନି ହେଉଛି । ଏପରି ମିଥ୍ୟା ଅଭିଯୋଗ ଆଣିଥିବା ଲୋକଙ୍କ ବିରୋଧରେ ଦୃ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ ।

# ମୁନିରଙ୍କ ଯୋଜନାକୁ ପଣ୍ଡ କଲା ଇସ୍ରାଏଲ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**ଗାଜାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ବୋର୍ଡର ଅଂଶ ହୋଇଥିବା ନେଇ ଗର୍ବ କରୁଥିବା ପାକିସ୍ତାନକୁ ଇସ୍ରାଏଲ ଏକ ବଡ଼ ଝଟ୍କା ଦେଇଛି । ଇସ୍ରାଏଲ କହିଛି, ଗାଜାରେ ପାକିସ୍ତାନକୁ କୌଣସି କାର୍ଯ୍ୟନିର୍ବାହୀ ଭୂମିକା ଗ୍ରହଣ କରିବାକୁ ଦେବ ନାହିଁ । ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ ଆଜାର ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପାକିସ୍ତାନର ନାମ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଯଦିଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ଇସଲାମାବାଦକୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ବୋର୍ଡରେ ପାକିସ୍ତାନର କୌଣସି ଭୂମିକା ନାହିଁ । ଯୁଦ୍ଧ ସମାପ୍ତ କରିବା ପାଇଁ ଟ୍ରମ୍ପଙ୍କ ପଦକ୍ଷେପରେ ଯୋଗ ଦେଇଥିବା ଇସଲାମିକ ଦେଶମାନଙ୍କ ମଧ୍ୟରେ ପାକିସ୍ତାନ ଅନ୍ୟତମ । ପାକିସ୍ତାନ ଇସ୍ରାଏଲକୁ ମାନ୍ୟତା ଦେଉନାହିଁ। ଇସ୍ରାଏଲ ଆରମ୍ଭରୁ ବୋର୍ଡରେ ପାକିସ୍ତାନର ଅନ୍ତର୍ଭୁକ୍ତିକୁ ବିରୋଧ କରିଆସିଛି । ପାକିସ୍ତାନ ଗାଜା ପାଇଁ ଅନ୍ତର୍ଜାତୀୟ ସ୍ଥିରୀକରଣ ବଳ (ଆଇଏସ୍ଏଫ୍)ରେ ଅଂଶଗ୍ରହଣ କରିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଛି । ତେବେ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ । ଡିସେମ୍ବର ୨୦୨୫ରେ, ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଥିଲେ, ୱାଶିଂଟନ ଆଇଏସ୍ଏଫର ଅଂଶ ହେବା ପାଇଁ ପାକିସ୍ତାନର ପ୍ରୟାସ ପାଇଁ ପାକିସ୍ତାନ ପ୍ରତି କୃତଜ୍ଞ । ଇସ୍ରାଏଲ ରାଷ୍ଟ୍ରଦୂତ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଓ ଭାରତରେ ଆକ୍ରମଣ ଘଟାଇବାର ଅଭିଯୁକ୍ତ ପାଲେଷ୍ଟାଇନୀ ଆତଙ୍କବାଦୀ ଗୋଷ୍ଠୀ ହମାସ ମଧ୍ୟରେ ବଢୁଥିବା ସମ୍ପର୍କ ବିଷୟରେ ମଧ୍ୟ କହିଛନ୍ତି । ଆଜାର କହିଛନ୍ତି, ଇସ୍ରାଏଲ ଏହି ଘଟଣାକ୍ରମ ଉପରେ କଡ଼ା ନଜର ରଖିଛି ଓ ପାକିସ୍ତାନ ତଥା ବାଂଲାଦେଶ ଉଭୟ ଦେଶରେ ପାଲେଷ୍ଟାଇନୀ ଆତଙ୍କବାଦୀ ସଂଗଠନ ହମାସ ଓ ଆତଙ୍କବାଦୀ ଉପାଦାନ ମଧ୍ୟରେ ବର୍ଦ୍ଧିତ ଗତିବିଧି ତଥା ଯୋଗାଯୋଗକୁ ଲକ୍ଷ୍ୟ କରୁଛି । ସେ କହିଛନ୍ତି, ଆମେ ରିପୋର୍ଟ ଦେଖୁଛୁ । ହମାସ ପ୍ରତିନିଧିମାନେ ଏହି ଅଞ୍ଚଳଗୁଡ଼ିକୁ ଅଧିକ ଥର ଆସୁଛନ୍ତି । ସେମାନେ ଏହି ଅଞ୍ଚଳଗୁଡ଼ିକରେ କଣ କରୁଛନ୍ତି ଏହାର ଏକ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି । ଆମେ ପହଲଗାମରେ ନାଗରିକମାନଙ୍କ ଉପରେ ଆତଙ୍କବାଦୀମାନେ କରୁଥିବା ଅତ୍ୟାଚାର ଦେଖିଥିଲୁ । ଇସ୍ରାଏଲ ଉପରେ ହମାସ ଆକ୍ରମଣ ନେଇ ଆମେ ଚିନ୍ତିତ । ଆଜାର କହିଛନ୍ତି, ଭାରତ ଓ ଇସ୍ରାଏଲ ଏପରି ବିପଦର ମୁକାବିଲା କରିବା ପାଇଁ ଆବଶ୍ୟକ କ୍ଷମତା ଗଠନ ପାଇଁ ଏକାଠି କାମ କରୁଛନ୍ତି । ଇସ୍ରାଏଲ ରାଷ୍ଟ୍ରଦୂତ କହିଛନ୍ତି, ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । ଭାରତ ଆଜି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶକ୍ତି । କେବଳ ଏହାର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉନାହିଁ, ବରଂ ଗତ ଦେଢ଼ ବର୍ଷ ମଧ୍ୟରେ ସ୍ୱାକ୍ଷରିତ ଅନେକ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ଏହା ବିଶ୍ୱ ପାଇଁ ଦ୍ୱାର ଖୋଲିବାରେ ମଧ୍ୟ ସଫଳ ହୋଇଛି । ଭାରତ ପଶ୍ଚିମ ଏସିଆକୁ ଏକ କର୍ମଶକ୍ତି ଯୋଗାଇ ପାରିବ । ଭାରତ ଭିତ୍ତିଭୂମି କମ୍ପାନି ଯୋଗାଇବା ସହିତ ଏହି ଅଞ୍ଚଳର ଦେଶଗୁଡ଼ିକ ସହ ବିଭିନ୍ନ ପ୍ରକଳ୍ପରେ ସାମିଲ ହୋଇପାରିବ। ଏଥିରୁ ଆମେ ସମସ୍ତେ ବହୁତ ଲାଭାନ୍ୱିତ ହେବୁ ।

## ଅଟୋମୋବାଇଲ୍ ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**ଦୁଇ ଚକିଆ, ତିନି ଚକିଆ ଯାନ ସମେତ କାର୍ ବିକ୍ରିରେ ଚଳିତ ବର୍ଷ ଜାନୁଆରିରେ ରେକର୍ଡ ଅଭିବୃଦ୍ଧି ହୋଇଛି । ଭାରତୀୟ ଅଟୋମୋବାଇଲ୍ ଉତ୍ପାଦକ ସମିତି (ସିଆମ୍) ପକ୍ଷରୁ ଏହି ତଥ୍ୟ ଉପସ୍ଥାପନ କରାଯାଇଛି । ଏହି ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜାନୁଆରିରେ ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୧୨.୬ ପ୍ରତିଶତ ବୃଦ୍ଧି ପାଇଛି । ଜାନୁଆରିରେ କେବଳ ୪,୪୯,୬୧୬ଟି ଯାନ ବିକ୍ରି ହୋଇଛି, ଯାହାକି ଏହି ମାସର ବିକ୍ରି କ୍ଷେତ୍ରରେ ସର୍ବକାଳୀନ ରେକର୍ଡ । ଅନ୍ୟପକ୍ଷରେ ୨୦୨୫ରେ ୩,୩୯,୩୮୬ଟି ଘରୋଇ ଯାତ୍ରୀବହୀ ଯାନ ବିକ୍ରିହୋଇଥିଲା । ଏହି ସମୟରେ ୧୯,୨୫,୬୦୩ଟି ଦୁଇ ଚକିଆଯାନ ବିକ୍ରି ହୋଇଛି, ଯାହାକି ଗତ ବର୍ଷ ଜାନୁଆରିରେ ୧୫,୨୬,୨୧୮ ଥିଲା । ଜାନୁଆରିରେ ୫୮,୧୬୭ଟି ତିନି ଚକିଆ ଯାନ ବିକ୍ରି ହୋଇଛି । ଗତ ବର୍ଷ ଜାନୁଆରି ତୁଳନାରେ ଏଥିରେ ୩୦.୨ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇପାରିଛି । ସାମଗ୍ରୀ ଓ ସେବା ଟିକସ(ଜିଏସ୍ଟି) ହାର ହ୍ରାସ ଅଟୋମୋବାଇଲ୍ ଚାହିଦା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ସିଆମ୍ ବିବେଚନା କରୁଥିବା ନିର୍ଦ୍ଦେଶକ ରାଜେଶ ମେନନ୍ କହିଛନ୍ତି ।ଚଳିତ ବର୍ଷ ଜାନୁଆରିରେ ଯାତ୍ରୀବାହୀ ଯାନ ରପ୍ତାନିରେ ୩୩ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି ।

# ଏନସିପି ବିଲୟ ପାଇଁ ପଥ ପରିଷ୍କାର !

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପରେ, ଏନ୍ସିପିର ଦୁଇ ଗୋଷ୍ଠୀ ମଧ୍ୟରେ ମିଶ୍ରଣ ପାଇଁ ଆହ୍ୱାନ ଜୋର ଧରିଛି । ଏପର୍ଯ୍ୟନ୍ତ ଶରଦ ପାୱାର ଗୋଷ୍ଠୀର ନେତାମାନେ ଏହା ଉପରେ ସ୍ୱର ଉଠାଇଥିଲେ । ଅଜିତ ପାୱାର ଗୋଷ୍ଠୀର ବରିଷ୍ଠ ନେତାମାନେ ଏଠାକୁ ନେଇ ଦୂରେଇ ରହିଥିଲେ । କିନ୍ତୁ ଅଜିତ ପାୱାରଙ୍କ ଘନିଷ୍ଠ ସହଯୋଗୀ ବିଧାୟକ ହୀରାମଣ ଖୋସ୍କର ଏବେ ମୁହଁ ଖୋଲିଛନ୍ତି । ସେ ଦାବି କରିଛନ୍ତି ଯେ, ଦଳର ୮୦ ପ୍ରତିଶତ ବିଧାୟକ ମିଶ୍ରଣ ପାଇଁ ପ୍ରସ୍ତୁତ । ତାଙ୍କର ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି । ତାଙ୍କ ଅନୁସାରେ,ସୁନେତ୍ରା ପାୱାର ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ଦିନ ଏନ୍ସିପିର ଦୁଇ ଗୋଷ୍ଠୀର ମିଶ୍ରଣ ବିଷୟରେ ଆଲୋଚନା ହୋଇଥିଲା । ୪୦ ବିଧାୟକଙ୍କ ମଧ୍ୟରୁ ୩୦-୩୫ ଜଣ ଏଥିପାଇଁ ପ୍ରସ୍ତୁତ ଥିଲେ । ସେ କହିଛନ୍ତି, ସେ ଖୁବ୍ ଶୀଘ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କ ସହ ସାକ୍ଷାତ କରି ଦୁଇ ଗୋଷ୍ଠୀର ମିଶ୍ରଣ ପାଇଁ ସୁପାରିସ୍ କରିବେ । ସେ ଏହି ସମ୍ପର୍କରେ ଦଳର ବରିଷ୍ଠ ନେତା ସୁନୀଲ ତଟକାରେ ଓ ପ୍ରଫୁଲ ପଟେଲଙ୍କୁ ମଧ୍ୟ ଅନୁରୋଧ କରିବେ । ଇଗତପୁରୀ ବିଧାୟକ କହିଛନ୍ତି ଯେ, ଯଦି ଆମେ ଆମର ଦିବଂଗତ ନେତା ଅଜିତ ପାୱାରଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁ, ତେବେ ଉଭୟ ଗୋଷ୍ଠୀ ମିଶ୍ରଣ ହେବା ଉଚିତ । ଶରଦ ପାୱାର ଗୋଷ୍ଠୀର ନେତାମାନେ ଦାବି କରିଥିଲେ ଯେ, ଜାନୁଆରି ୧୭ ତାରିଖରେ ଅନୁଷ୍ଠିତ ବୈଠକରେ ଅଜିତ ପାୱାର ଉଭୟ ଗୋଷ୍ଠୀର ମିଶ୍ରଣ ଯୋଜନାକୁ ଅନୁମୋଦନ କରିଥିଲେ ଓ ଫେବ୍ରୁଆରି ୧୨ ତାରିଖରେ ଏହାର ଆନୁଷ୍ଠାନିକ ଘୋଷଣା ବିଷୟରେ କଥା ହୋଇଥିଲେ । କିନ୍ତୁ ଏହା ପୂର୍ବରୁ ଜାନୁଆରି ୨୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା ।ଏନସିପିର ଶରଦ ପାୱାର ଗୋଷ୍ଠୀର ରାଜ୍ୟ ସଭାପତି ଶଶିକାନ୍ତ ସିନ୍ଦେ ଦାବି କରିଛନ୍ତି ଯେ, ଜାନୁଆରି ୧୭ ତାରିଖରେ ଏକ ବୈଠକରେ ଏନସିପିର ଦୁଇ ଗୋଷ୍ଠୀର ମିଶ୍ରଣ ନେଇ ଆଲୋଚନା ଚୂଡ଼ାନ୍ତ ହୋଇଥିଲା ଓ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଦଳର ଦାୟିତ୍ୱ ନେବାକୁ ସ୍ଥିର ହୋଇଥିଲା । ଦଳର ସାପ୍ତାହିକ ପତ୍ରିକାରେ ଏକ ଲେଖାରେ ସେ କହିଛନ୍ତି ଯେ, ମିଶ୍ରଣ ପରେ ଦଳର ସମ୍ପୂର୍ଣ୍ଣ ନେତୃତ୍ୱ ଅଜିତ ପାୱାରଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏନ୍ସିପି ଅଜିତ ପାୱାର ଗୋଷ୍ଠୀର ରାଜ୍ୟ ସଭାପତି ସୁନୀଲ ତତକରେ ସିନ୍ଦେଙ୍କୁ ଭର୍ତ୍ସନା କରି କହିଛନ୍ତି ଯେ, ମିଶ୍ରଣ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଏପରି ସାର୍ବଜନୀନ ମନ୍ତବ୍ୟ ଦେବା ଅନୁଚିତ । ସେ କହିଛନ୍ତି, ଭାରତୀୟ ଜନତା ପାର୍ଟିରେ ଯୋଗଦେବା ନେଇ ଅଜିତ ପାୱାରଙ୍କ ମତ ବହୁ ବର୍ଷ ପୁରୁଣା। ସେ ୨୦୧୪, ୨୦୧୬ ଏବଂ ୨୦୧୯ରେ ମଧ୍ୟ ବିଜେପିରେ ଯୋଗଦେବାକୁ ସୁପାରିସ୍ କରିଥିଲେ ।୨୦୧୯ରେ ମଧ୍ୟ ଏହି ଆଲୋଚନା ଶେଷ ପର୍ଯ୍ୟାୟରେ ଥିଲା ଯ ଅଜିତ ପାୱାର ବିଶ୍ୱାସ କରୁଥିଲେ ଯେ, ବିଜେପି ଓ ଏନ୍ସିପି ମହାରାଷ୍ଟ୍ରରେ ଏକ ସ୍ଥିର ସରକାର ଗଠନ ପାରିବେ । ଏହା ସହ କେନ୍ଦ୍ରୀୟ ସମର୍ଥନ ମଧ୍ୟ ପାଇପାରିବେ । ବର୍ତ୍ତମାନ, ସେମାନେ ବିଜେପି ନେତୃତ୍ୱାଧୀନ ଏନ୍ଡିଏର ଅଂଶ ।ତେଣୁ, ଏନ୍ସିପିର ଦୁଇଟି ଗୋଷ୍ଠୀର ମିଶ୍ରଣ ନେଇ ବିଜେପିକୁ ପଚାରିବାକୁ ପଡିବ ।


# ଚୀନ୍ ସୀମା ନିକଟରେ ଅବତରଣ ହେଲା ୧୬ ଲଢୁଆ ବିମାନ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**ଚୀନ୍ ସୀମା ନିକଟରେ ଭାରତ ଏହାର ପ୍ରତିରକ୍ଷା ପ୍ରସ୍ତୁତିକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିବ୍ରୁଗଡ଼ରେ ଉତ୍ତର-ପୂର୍ବାଞ୍ଚଳର ପ୍ରଥମ ରାଜପଥ-ଭିତ୍ତିକ ଜରୁରୀକାଳୀନ ଅବତରଣ ସୁବିଧାର ଉଦ୍ଘାଟନ କରିଛନ୍ତି। ଗସ୍ତ ସମୟରେ ୧୬ ଯୁଦ୍ଧ ବିମାନ ଏୟାରଷ୍ଟ୍ରିପରେ ଅବତରଣ କରିବା ଦର୍ଶାଇଛି ଯେ, ଭାରତୀୟ ବାୟୁସେନା ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ । ଜାତୀୟ ରାଜପଥ ଉପରେ ନିର୍ମିତ ଏହି ୪.୨ କିଲୋମିଟର ଲମ୍ବା ଏୟାରଷ୍ଟ୍ରିପ୍ ଯୁଦ୍ଧ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ଭାରତୀୟ ବାୟୁସେନା । ଲଢୁଆ ବିମାନ ଏବଂ ମାଲବାହୀ ବିମାନ ପାଇଁ ଏକ ବିକଳ୍ପ ରନୱେ ଭାବରେ କାର୍ଯ୍ୟ କରିବ ।ଏୟାରଷ୍ଟ୍ରିପର ଗୁରୁତ୍ୱ ଏହାର ଅବସ୍ଥିତିରୁ ସ୍ପଷ୍ଟ ହେଉଛି ଯେ, ମୋରାନ ବାଇପାସ୍ ଚୀନ୍ ସୀମାରୁ ପ୍ରାୟ ୩୦୦ କିଲୋମିଟର ଓ ମିଆଁମାର ସୀମାରୁ ମାତ୍ର ୨୦୦ କିଲୋମିଟର ଦୂରରେ ଅବସ୍ଥିତ । ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ପାଖରେ ଏପରି ସୁବିଧା ରହିବା ଭାରତୀୟ ସେନା ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ । ଅଧିକାରୀଙ୍କ ଅନୁଯାୟୀ, ଏହି ହାଇୱେଷ୍ଟ୍ରିପ୍ କୌଣସି ଯାନ୍ତ୍ରିକ ସମସ୍ୟା କିମ୍ବା ଚାବୁଆ ଭଳି ମୁଖ୍ୟ ଏୟାରବେସ୍ ଉପଲବ୍ଧ ନ ହେଲେ ଶତ୍ରୁକୁ ଜବାବ ଦେବା ପାଇଁ ଏକ ଗତିଶୀଳ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ଉଦ୍‌ଘାଟନୀ ସମାରୋହରେ ଭାରତୀୟ ବାୟୁସେନା ନିଜର ଅପୂର୍ବ ପରାକ୍ରମ ପ୍ରଦର୍ଶନ କରିଥିଲା । ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଏହି ଏୟାର ଶୋ'ରେ ରାଫେଲ, ସୁଖୋଇ-୩୦ ଏମ୍କେଆଇ , ଡୋର୍ନିୟର ଏବଂ ଏଏନ୍-୩୨ଭଳି ବିମାନ ପ୍ରଦର୍ଶିତ ହୋଇଥିଲା । ରେକର୍ଡ ୩୦ ମିନିଟ୍ ମଧ୍ୟରେ, ୧୬ ଲଢୁଆ ବିମାନ ରାଜପଥ ଉପରେ ସଫଳତାର ସହ ଟଚଡାଉନ୍ ଓ ଫ୍ଲାଏ-ବାଇ ସମାପ୍ତ କରିଥିଲେ । ରାଜପଥରେ ଲଢୁଆ ବିମାନଗୁଡ଼ିକର ଗର୍ଜନ ଓ ଅବତରଣ ଦେଖିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା । ଏହି ଏୟାରଷ୍ଟ୍ରିପ୍ କେବଳ ଛୋଟ ଲଢୁଆ ବିମାନ ମଧ୍ୟରେ ସୀମିତ ନୁହେଁ ।ଏହା ୪୦ ଟନ୍ ପର୍ଯ୍ୟନ୍ତ ଓଜନର ଲଢୁଆ ବିମାନକୁ ସୁରକ୍ଷିତ ଭାବରେ ଅବତରଣ କରିପାରିବ ଓ ୭୪ ଟନ୍ ପର୍ଯ୍ୟନ୍ତ ଓଜନର ବିମାନ ପରିବହନ କରିପାରିବେ । ଏହି କ୍ଷମତା ଏହାକୁ କେବଳ ଯୁଦ୍ଧ ସମୟରେ ନୁହେଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ବଲୁଚ ନେତାଙ୍କ ବଡ଼ ବୟାନ

# ପୁଲୱାମା ଭଳି ଆକ୍ରମଣ ରୋକିବା ପାଇଁ ବଲୁଚିସ୍ତାନକୁ ସମର୍ଥନ କର

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**୨୦୧୯ ମସିବା ଫେବୃଆରୀ ୧୪ତାରିଖ, ଅର୍ଥାତ ଠିକ୍ ଆଜିର ଦିନରେ ଘଟିଥିଲା ପୁଲୱାମା ଆକ୍ରମଣ । ଏହି କଳାଦିନକୁ କେହି କେବେବି ଭୁଲିପାରିବ ନାହିଁ । କାହିଁକି ନା ଆଜିର ଦିନରେ ୪୦ଜଣ ବୀର ଯବାନଙ୍କୁ ହରାଇଥିଲା ଭାରତ । ସାରା ବିଶ୍ୱ ଏହି ଘଟଣାକୁ ନିନ୍ଦା କରିଥିଲା । ଏହି ପରିପ୍ରେକ୍ଷୀରେ ଆଜି ବଲୁଚିସ୍ତାନ ବିଚ୍ଛିନ୍ନତାବାଦୀ ନେତା ମୀର ୟାର ଭାରତ ସହିତ ଏକତା ପ୍ରକାଶ କରିଛନ୍ତି । ମୀର ୟାର ବଲୁଚ କହିଛନ୍ତି ଯେ ପାକିସ୍ତାନ ସେନା ଓ ତାର ପାଳିତ ଆତଙ୍କବାଦୀ ଗୋଷ୍ଠୀ ପୁଲାମା ଭଳି ଆକ୍ରମଣ କରୁଛନ୍ତି । ପାକିସ୍ତାନୀ ସେନା ଓ ସରକାର ହିଂସା ବଢ଼ାଇବା ପାଇଁ ବଲୁଚିସ୍ତାନର କୋଟି କୋଟି ଡଲାର ମୂଲ୍ୟର ଖଣିଜ ପଦାର୍ଥ ବ୍ୟବହାର କରୁଛନ୍ତି । ତେଣୁ, ପୁଲୱାମା ଭଳି ଆକ୍ରମଣକୁ ରୋକିବା ପାଇଁ, ବଲୁଚିସ୍ତାନକୁ ପାକିସ୍ତାନଠୁ ଅଲଗା ହେବାର ଆବଶ୍ୟକତା ରହିଛି । ମୀର ୟାର ତାଙ୍କ ସୋସିଆଲ୍ ମିଡିଆ ଏକ୍ସରେ ଲେଖିଛନ୍ତି, ବଲୁଚିସ୍ତାନ ଗଣରାଜ୍ୟ ଭାରତର ଜନସାଧାରଣ ଏବଂ ୧୪ ଫେବୃଆରୀ ପୁଲୱାମା ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ସହିତ ଠିଆ ହୋଇଛି । ଆମେ ଏହି ହିଂସାକୁ ନିନ୍ଦା କରୁଛୁ ଯାହା ଅନେକ ନିର୍ଦ୍ଦୋଷ ଲୋକଙ୍କ



ଜୀବନ ନେଇଛି ଓ ଯନ୍ତ୍ରଣା ଦେଇଛି । ଏପରି ଘଟଣା ପାଇଁ ଦାୟୀ ପାକିସ୍ତାନକୁ କାଠଗଡ଼ାରେ ଠିଆ କରିବାକୁ ପଡ଼ିବ ।ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ମୀର କହିଛନ୍ତି, ଭାରତୀୟ ସେନାର ଆକ୍ରମଣ ପରେ ପାକିସ୍ତାନୀ ସେନା, ଲସ୍କର ଓ ଜୈଶ ମଧ୍ୟରେ ସମ୍ପର୍କ କେତେ ନିବିଡ଼ ତାହା ସାରା ବିଶ୍ୱ ଦେଖିଲା । ପାକିସ୍ତାନୀ ସାମରିକ ଅଧିକାରୀମାନେ ନିଜେ ଆତଙ୍କବାଦୀଙ୍କ ଶବଦାହରେ ଅଂଶଗ୍ରହଣ କରିଥିଲେ । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ସେମାନଙ୍କୁ ପାକିସ୍ତାନର ଆଗଧାଡ଼ିର ଯୋଦ୍ଧା ଭାବରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ମୀର ଆହୁରି ଲେଖିଛନ୍ତି, ବଲୁଚିସ୍ତାନର ଲୁଟିତ ସମ୍ପତ୍ତି ପାକିସ୍ତାନର ମିସାଇଲ୍ କ୍ରୟ, ପ୍ରତିରକ୍ଷା ଖର୍ଚ୍ଚ ଓ ଆତଙ୍କବାଦକୁ ସହାୟତା ଯୋଗାଇଥାଏ । ଏହି ଟେରର୍ ଫ୍ୟାକ୍ଟ୍ରିଗୁଡ଼ିକୁ ନଷ୍ଟ କରିବା, ଆତଙ୍କବାଦୀ ସୋର୍ସକୁ ବନ୍ଦ କରିବା ଏବଂ ଦକ୍ଷିଣ ଏସିଆରେ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ବଲୁଚିସ୍ତାନ ଜରୁରୀ । ବଲୁଚିସ୍ତାନର ସ୍ୱାଧୀନତା କେବଳ ସେଠାରେ ରହୁଥିବା ୬ କୋଟି ବେଲୁଚ ଲୋକଙ୍କ ଆବଶ୍ୟକତା ନୁହେଁ ବରଂ ବଲୁଚିସ୍ତାନର ସ୍ୱାଧୀନତା ପାକିସ୍ତାନର ଆତଙ୍କୀ କାରଖାନାଗୁଡ଼ିକୁ ନଷ୍ଟ କରିବାର ଏକ ସ୍ଥାୟୀ ସମାଧାନ ମଧ୍ୟ ପ୍ରଦାନ କରିବ । ତେଣୁ ବିଶ୍ୱ ଆମକୁ ସମର୍ଥନ କରିବା ଉଚିତ ବୋଲି ମୀର ୟାର କହିଛନ୍ତି ।

# ୨୦୫୦ ସୁଦ୍ଧା ପ୍ରତି ୪ ଜଣରେ ଜଣେ ହୋଇଯିବେ କାଲା

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ସାରା ବିଶ୍ୱରେ ଶ୍ରବଣ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଶ୍ରବଣ ସମ୍ବନ୍ଧୀୟ ପ୍ରଥମ ବିଶ୍ୱ ରିପୋର୍ଟ ଅନୁଯାୟୀ, ୨୦୫୦ ସୁଦ୍ଧା ପ୍ରାୟ ୨.୫ ବିଲିୟନ ଲୋକ ଅର୍ଥାତ ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ, କୌଣସି ନା କୌଣସି ସ୍ତରର ଶ୍ରବଣ ସମସ୍ୟାରେ ପୀଡିତ ହେବେ । ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ କୋଟି ଲୋକଙ୍କୁ ସ୍ୱତନ୍ତ୍ର ଶ୍ରବଣ ଜନିତ ସମସ୍ୟାରେ ପୀଡିତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବେ । WHO ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଶ୍ୱରେ ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ପ୍ରକାରର ଶ୍ରବଣ ଜନିତ ସମସ୍ୟାରେ ପୀଡିତ । ସମୟୋଚିତ ଚିକିତ୍ସା ଏବଂ ଯତ୍ନର ଅଭାବ ମାମଲା ବୃଦ୍ଧିର ଏକ ପ୍ରମୁଖ କାରଣ । WHO କହିଛି ଯେ, ଏପରି ମାମଲା ମଧ୍ୟରୁ ୮୦ ପ୍ରତିଶତ ନିମ୍ନ ଆୟକାରୀ ଦେଶଗୁଡ଼ିକରେ ଘଟେ, ଯେଉଁଠାରେ ବିଶେଷଜ୍ଞ ଏବଂ ସମ୍ବଳର ଘୋର ଅଭାବ ରହିଛି । ଏହା ସହିତ, ସଂକ୍ରମଣ, ଜନ୍ମଗତ ରୋଗ, ଶବ୍ଦ ପ୍ରଦୂଷଣ, ଉଚ୍ଚ ଶବ୍ଦରେ ଦୀର୍ଘ ସମୟ ଧରି ରହିବା ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଶ୍ରବଣ ହ୍ରାସରେ ସହାୟକ ହେଉଛି । ପିଲାମାନଙ୍କ ମଧ୍ୟରେ ପ୍ରାୟ ୬୦% ମାମଲାକୁ ଟୀକାକରଣ, ଉନ୍ନତ ମାତୃତ୍ୱ ଏବଂ ଶିଶୁ ଯତ୍ନ ଏବଂ କାନ ସଂକ୍ରମଣର ସମୟୋଚିତ ଚିକିତ୍ସା ମାଧ୍ୟମରେ ରୋକାଯାଇପାରିବ। ଯୁବପିଢ଼ିଙ୍କ ମଧ୍ୟରେ ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ପାଲଟିଛି । ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ୍ ଏବଂ ହେଡଫୋନ୍ ମାଧ୍ୟମରେ ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା ଯୋଗୁଁ ୧୨ ରୁ ୩୫ ବର୍ଷ ବୟସର ଏକ ବିଲିୟନରୁ ଅଧିକ ଲୋକ ବିପଦରେ ଅଛନ୍ତି । WHO ରିପୋର୍ଟ ସୂଚିତ କରେ ଯେ ଅନେକ ଦେଶ କାନ, ନାକ ଏବଂ ଗଳା ବିଶେଷଜ୍ଞ, ଅଡିଓଲୋଜିଷ୍ଟ ଏବଂ ସ୍ପିଚ୍ ଥେରାପିଷ୍ଟଙ୍କ ଗମ୍ଭୀର ଅଭାବର ସମ୍ମୁଖୀନ ହେଉଛନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟସେବାରେ କାନ ଏବଂ ଶ୍ରବଣ ଯତ୍ନକୁ ଅଣଦେଖା କରାଯାଉଛି, ଯାହା ଫଳରେ ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ପର୍ଯ୍ୟାପ୍ତ ନୁହେଁ । ବିଶେଷଜ୍ଞମାନେ ଏହା ମଧ୍ୟ ଗୁରୁତ୍ୱାରୋପ କରନ୍ତି ଯେ, ଶ୍ରବଣ କ୍ଷତି ପାଇଁ ପ୍ରାରମ୍ଭିକ ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂତନ ପ୍ରଯୁକ୍ତିବିଦ୍ୟା ଏବେ ସୀମିତ ସମ୍ବଳ ସହିତ ମଧ୍ୟ ନିର୍ଣ୍ଣୟକୁ ସମ୍ଭବ କରିଥାଏ । ଅନେକ କାନ ରୋଗର ଚିକିତ୍ସା ଔଷଧ କିମ୍ବା ଅସ୍ତ୍ରୋପଚାର ଦ୍ୱାରା କରାଯାଇପାରିବ ।ଯେଉଁଠାରେ ଶ୍ରବଣ କ୍ଷତି ପୁନଃସ୍ଥାପିତ ହୋଇପାରିବ ନାହିଁ, ସେଠାରେ ଶ୍ରବଣ ଯନ୍ତ୍ର, କକ୍ଲିଅର୍ ଇମ୍ପ୍ଲାଣ୍ଟ ଏବଂ ସ୍ପିଚ୍ ଥେରାପି ଭଳି ବିକଳ୍ପଗୁଡ଼ିକ ସହାୟକ ପ୍ରମାଣିତ ହୁଏ। WHO ଆକଳନ କରେ ଯେ ଶ୍ରବଣ ସେବାରେ ବିନିଯୋଗ କରାଯାଇଥିବା ପ୍ରତ୍ୟେକ ଡଲାର ପାଇଁ, ସରକାର ପ୍ରାୟ ୧୬ ଡଲାର ସାମାଜିକ ଏବଂ ଆର୍ଥିକ ଲାଭ ସୃଷ୍ଟି କରିପାରିବେ ।

# ପୁଣି ସରକାରଙ୍କୁ ସମାଲୋଚନା କଲେ ରାହୁଲ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):**କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ । କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତିଯ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି କହିଛନ୍ତି, ୧୮% ବନାମ ଶୂନ୍ ପ୍ରତିଶତ ଶୁଳ୍କ । ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍ ଏହି ପ୍ରସଙ୍ଗରେ ଦେଶରେ ଭ୍ରମ ସୃଷ୍ଟି କରୁଛନ୍ତି । ବାଂଲାଦେଶକୁ ଆମେରିକା ପୋଷାକ ରପ୍ତାନି ଉପରେ ଶୂନ୍ୟ ପ୍ରତିଶତ ଶୁଳ୍କର ସୁବିଧା ଦେଉଛି । ଏଥିପାଇଁ ସେମାନଙ୍କୁ ଆମେରିକୀୟ କପା ଆମଦାନୀ କରିବାକୁ ପଡ଼ିବ । ଭାରତୀୟ ପୋଷାକ ଉପରେ ୧୮ ପ୍ରତିଶତ ଶୁଳ୍କର ଘୋଷଣା ପରେ, ଯେତେବେଳେ ମୁଁ ସଂସଦରେ ବାଂଲାଦେଶକୁ ଦିଆଯାଉଥିବା ସ୍ୱତନ୍ତ୍ର ରିହାତି ଉପରେ ପ୍ରଶ୍ନ ଉଠାଇଥିଲି, ସେତେବେଳେ ମୋଦୀ ସରକାରଙ୍କ ଜଣେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ଯଦି ଆମେ ମଧ୍ୟ ଏହି ଲାଭ ଚାହୁଁ, ତେବେ ଆମକୁ ଆମେରିକାରୁ କପା ଆମଦାନୀ କରିବାକୁ ପଡିବ। ସେ ପ୍ରଶ୍ନ କରିଥିଲେ ଯେ, ଏହାକୁ ଦେଶବାସୀଙ୍କଠାରୁ କାହିଁକି ଲୁଚାଇ ରଖାଯାଇଛି । ଯଦି ଆମେ ଆମେରିକା କପା ଆମଦାନୀ କରୁ, ତେବେ ଆମ ଚାଷୀମାନେ କ୍ଷତିଗ୍ରସ୍ତ ହେବେ । ଯଦି ଆମେ ଏପରି ନ କରୁ ତେବେ ଆମର ବୟନ ଶିଳ୍ପ ପଛରେ ପଡ଼ିଯିବ । ବାଂଲାଦେଶ ମଧ୍ୟ ଭାରତରୁ କପା ଆମଦାନୀ ହ୍ରାସ କିମ୍ବା ବନ୍ଦ କରିପାରେ । ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ, ଭାରତର ବୟନ ଶିଳ୍ପ ଏବଂ କପା ଚାଷ ଉପରେ ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ନିର୍ଭର କରନ୍ତି । ଏହି କ୍ଷେତ୍ରଗୁଡ଼ିକୁ କ୍ଷତି ଅର୍ଥ ଲକ୍ଷ ଲକ୍ଷ ପରିବାରକୁ ବେକାରୀ ଏବଂ ଆର୍ଥିକ ଦୁର୍ଦ୍ଦଶା ଭିତରକୁ ଠେଲି ଦେବା ଭଳି ହେବ । ଯେକୌଣସି ଦୂରଦୃଷ୍ଟିସମ୍ପନ୍ନ ଏବଂ ରାଷ୍ଟ୍ରହିତ ପାଇଁ ଚିନ୍ତା କରୁଥିବା ସରକାର ଉଭୟ କ୍ଷେତ୍ରର ଲାଭ ଦେଖିଥାନ୍ତେ । ଏହା କିପରି ନୀତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି ।

# ଆମେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଟିକେଟ୍ ବୁକ୍ କରିଛୁ, ଥରେ ସେ ମଣିପୁର ଯାଆନ୍ତୁ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ଆସାମ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଅନେକ ମହଲରେ ସ୍ୱାଗତ କରାଯାଉଥିବାବେଳେ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ନେତା ପବନ ଖେଡା । ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ମୋଦୀଙ୍କୁ ହିଂସା ପ୍ରଭାବିତ ମଣିପୁର ଗସ୍ତ କରିବାକୁ ଦାବି କରିଛନ୍ତି । ତେବେ ପବନ ଖେଡାଙ୍କ ଏହି ପୋଷ୍ଟ ରାଜନୈତିକ ଝଡ଼ ସୃଷ୍ଟି କରିଛି । ପବନ ଖେଡା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ନିର୍ବାଚନ ନିକଟତର ଥିବା ରାଜ୍ୟଗୁଡ଼ିକ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ହୋଇଯାଇଛି । ନିର୍ବାଚନ ପାଖେଇ ଆସିଲେ ସେହି ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀଙ୍କ ଘନ ଘନ ଗସ୍ତ ଆରମ୍ଭ ହୁଏ, କିନ୍ତୁ ମଣିପୁରକୁ ଅଣଦେଖା କରାଯିବା ଉଚିତ୍ ନୁହେଁ । ମଣିପୁରରେ ୨୦୨୩ ମସିହାରୁ ହିଂସା ଚାଲିଛି ଏବଂ ପରିସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନାହିଁ । ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଆସାମରେ ଅଛନ୍ତି, ଏବଂ ମଣିପୁର ସେଠାରୁ ବହୁତ ଦୂରରେ ନୁହେଁ । ତେଣୁ, ସେ ସେଠାକୁ ଯାଇ ଲୋକଙ୍କୁ ଭେଟିବା ଉଚିତ । ତାଙ୍କ ମତରେ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ମଣିପୁରର ଲୋକମାନଙ୍କୁ ଆଶ୍ୱସ୍ତି ଦେଇପାରେ । କଂଗ୍ରେସ ନେତା ତାଙ୍କ ପୋଷ୍ଟ ସହିତ ଗୌହାଟିରୁ ଇମ୍ଫାଲ ଯିବା ପାଇଁ ବିମାନ ଟିକେଟର ଏକ ଫଟୋ ସେୟାର କରିଛନ୍ତି । ସେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସୁବିଧା ପାଇଁ



ଟିକେଟ ବୁକ୍ କରାଯାଇଛି ଏବଂ ତାଙ୍କୁ କେବଳ ବିମାନରେ ଚଢ଼ିବାକୁ ପଡିବ । ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ନମ୍ବର ନାହିଁ, ତେଣୁ ସେ ସୋସିଆଲ ମିଡିଆରେ ଟିକେଟ ସେୟାର କରୁଛନ୍ତି। କେନ୍ଦ୍ର ସରକାରଙ୍କ 'ପିଏମ କେୟାରସ୍' ବିଷୟରେ ଉଲ୍ଲେଖ କରି ଖେଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କୁ ମଣିପୁର ଗସ୍ତ କରି ଦେଖାଇବା ଉଚିତ ଯେ ସେ ପ୍ରକୃତରେ ରାଜ୍ୟ ପ୍ରତି ଯତ୍ନବାନ । ୨୦୨୩ ମସିହାରୁ ମଣିପୁରରେ ଜାତିଗତ ହିଂସା ଚାଲିଛି । ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ନିରନ୍ତର ପ୍ରଶ୍ନ ଉଠାଇ ଆସୁଛନ୍ତି, ଯେତେବେଳେ କି ସରକାର କହିଛନ୍ତି, ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ସେପଟେ, କଂଗ୍ରେସର ଏହି ପୋଷ୍ଟ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି । ସୋସିଆଲ୍ ମିଡ଼ିଆରେ କଂଗ୍ରେସ ସମର୍ଥକମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି ।



# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ କାର୍ ଋଣ ସୁଧ ହାର ୦.୩୦% ହ୍ରାସ ପାଇ ବାର୍ଷିକ ୭.୬୦% ହୋଇଛି

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ଭାରତର ଅନ୍ତର୍ଜାତୀୟ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏହାର କାର୍ ଋଣ ସୁଧ ହାରରେ ତତ୍କାଳ ୦.୩୦ ପ୍ରତିଶତ ହ୍ରାସ କରାଯାଇଛି। ବ୍ୟାଙ୍କର ଫ୍ଲୋଟିଂ ସୁଧ ହାର ଏବେ ବାର୍ଷିକ ୭.୯୦ ପ୍ରତିଶତରୁ ୦.୩୦ ପ୍ରତିଶତ ହ୍ରାସ ପାଇ ୭.୬୦ ପ୍ରତିଶତ ହୋଇଛି। ବ୍ୟାଙ୍କ ପକ୍ଷରୁ ବରୋଦା କାର୍ ଋଣ ଉପରେ ବାର୍ଷିକ ୮.୫୦ ପ୍ରତିଶତରୁ ଆରମ୍ଭ ହେଉଥିବା ଆକର୍ଷଣୀୟ ଫିକ୍ସଡ୍ ସୁଧ ହାର ମଧ୍ୟ ପ୍ରଦାନ କରାଯାଇଛି। ନୂଆ ବାର୍ଷିକ ୭.୬୦ ପ୍ରତିଶତ ସୁଧ ହାର ନୂଆ କାର୍ କ୍ରୟ ଉପରେ ଲଗୁ ହେବ ଏବଂ ତାହା ଋଣଗ୍ରହୀତାଙ୍କ କ୍ରେଡିଟ୍ ପ୍ରୋଫାଇଲ୍ ସହ ଲିଙ୍କ୍ ହୋଇରହିବ। ସୁଧ ହାରରେ ହ୍ରାସ ସହିତ ବ୍ୟାଙ୍କ ପକ୍ଷରୁ ବ୍ୟକ୍ତିଗତ ଋଣଗ୍ରହୀତାଙ୍କୁ ଫ୍ଲୋଟିଂ କାର୍ ଋଣ ଉପରେ ଶୂନ ପ୍ରିପେମେଂଟ୍ ଆଂଶିକ ପେମେଂଟ୍ ଶୁଳ୍କ ସୁବିଧା ପ୍ରଦାନ କରାଯାଉଛି। ବରୋଦା କାର୍ ଋଣର ଉଭୟ ଫିକ୍ସଡ୍ ଓ ଫ୍ଲୋଟିଂ ହାରକୁ ଦୈନିକ ହ୍ରାସ ପାଉଥିବା ବାଲାନ୍ସ ପଦ୍ଧତିରେ ହିସାବ କରାଯାଉଛି ଯାହା ଦ୍ୱାରା ତାହା ଗ୍ରାହକମାନଙ୍କ ପାଇଁ ଆହୁରି ସୁଲଭ ହୋଇପାରିବ। ଗ୍ରାହକମାନେ ୮୪ ମାସର ବର୍ଦ୍ଧିତ ଦେୟ ଅବଧିରୁ ଉପକୃତ ହୋଇପାରିବେ ଯାହା ସେମାନଙ୍କୁ ଉନ୍ନତ ଆର୍ଥିକ ନମନୀୟତା ପ୍ରଦାନ କରିବ। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସଯ ଭି ମୂଦାଲିଆର କହିଛନ୍ତି ଯେ, 'କାର୍ ଋଣ ସୁଧ ହାରରେ ହ୍ରାସ ବ୍ୟାଙ୍କ ଅଫ୍ ବରୋଦାକୁ ବଜାରରେ ସବୁଠୁ ପ୍ରତିଦ୍ୱନ୍ଦ୍ୱୀ ବ୍ୟାଙ୍କରେ ପରିଣତ କରିଛି ଏବଂ ଗ୍ରାହକମାନଙ୍କୁ ସୁଲଭ ଓ ସେମାନଙ୍କ ପାଖରେ ଋଣ ପହଂଚାଇବା ଉପରେ ଆମର ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଗ୍ରାହକ-କୈନ୍ଦ୍ରିକ, ଡିଜିଟାଲ ସକ୍ଷମ ଫାଇନାନ୍ସ ସମାଧାନ ସହିତ ସାରା ଦେଶରେ କାର୍ ଗ୍ରାହକଙ୍କ ବଢୁଥିବା ଅଭିଳାଷକୁ ସମର୍ଥନ କରିବା ପାଇଁ ବ୍ୟାଙ୍କ ପ୍ରତିବଦ୍ଧ ରହିଛି।ବ୍ୟାଙ୍କ ଅଫ୍ ବରୋଦାର କାର୍ ଋଣକୁ ଗ୍ରାହକମାନେ ବ୍ୟାଙ୍କର ଡିଜିଟାଲ୍ ଋଣ ପ୍ଲାଟଫର୍ମ ଯାହାକି ବ୍ୟାଙ୍କର ୱେବସାଇଟ୍, ବିଓବି ୱାର୍ଲ୍ଡ ଆପରେ କିମ୍ବା ସାରା ଦେଶରେ ଥିବା ବ୍ୟାଙ୍କର ଶାଖା ପରିଦର୍ଶନ କରି ହାସଲ କରିପାରିବେ।

# ଇଓ ଓଡ଼ିଶା ପକ୍ଷରୁ ଜଗନ୍ନାଥ ପଣ୍ଡାଙ୍କର 'ଦ ଲଙ୍ଗ ନାଓ ଅଫ୍ ଅସ' ଉଦ୍‌ଘାଟିତ

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ସଂସ୍କୃତି କ୍ଷେତ୍ରର ବ୍ୟକ୍ତିବିଶେଷ, ସରକାରୀ ପଦାଧିକାରୀ ଏବଂ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କର ଏକ ଭବ୍ୟ ସମାବେଶରେ ଇଓ ଓଡ଼ିଶା ପକ୍ଷରୁ ଆ'ର୍ଜାତିକସ୍ତରରେ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କର ସାମ୍ପ୍ରତିକ କୃତିଗୁଡ଼ିକୁ ନେଇ ଉଲ୍ଲେଖନୀୟ ଏକକ ପ୍ରଦର୍ଶନୀ 'ଦ ଲଙ୍ଗ୍ ନାଓ ଅଫ ଅସ୍' ଉଦ୍‌ଘାଟିତ ହୋଇଯାଇଛି। ଶିବଦାସ ସେନଗୁପ୍ତାଙ୍କ ନିଖୁଣ ପ୍ରସ୍ତୁତିରେ ଏହି ପ୍ରଦର୍ଶନୀ ଜନସାଧାରଣଙ୍କର ବିପୁଳ ଅଂଶଗ୍ରହଣ ଏବଂ ଉଚ୍ଚ ପ୍ରଶଂସା ମଧ୍ୟରେ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଥିଲା। ଏଣ୍ଟରପ୍ରିନର୍ସ ଅର୍ଗାନାଇଜେସନ ଓଡ଼ିଶା ପକ୍ଷରୁ ଏହା ପଣ୍ଡାଙ୍କର ନିଜ ସହରରେ ପ୍ରଥମ ଏକକ ବୃହତ ପ୍ରଦର୍ଶନୀ ହୋଇଛି, ଯେଉଁଥିରେ ତିନି ଦଶନ୍ଧି ଧରି ତାଙ୍କର କଳାତ୍ମକ ପରିଭାଷାରେ ପରିବର୍ତ୍ତନର ସନ୍ଧାନ କରୁଥିବା ମିକ୍ସଡ୍-ମିଡିଆ ପେଣ୍ଟିଂ, ସ୍ଥାପତ୍ୟ, ଇନଷ୍ଟାଲେସନ୍ସ, ଡ୍ରଇଂ ଏବଂ ଡିଜିଟାଲ କଳାକୃତିଗୁଡ଼ିକର ସମାହାର ଘଟିଛି।

ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶାର ସମ୍ମାନନୀୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ରାଜ୍ୟର କଳାତ୍ମକ ଦୃଶ୍ୟପଟ୍ଟରେ ଏକ ଉଲ୍ଲେଖନୀୟ ସାଂସ୍କୃତିକ ମୁହୂର୍ତ୍ତ ପାଳଟିଥିଲା।

ପ୍ରଫେସର (ଡ.) ପ୍ରଦୋଷ ମିଶ୍ର ଉଦ୍‌ଘାଟନୀ ସନ୍ଧ୍ୟାର ବିଶିଷ୍ଟ ଅତିଥିମାନଙ୍କୁ ସ୍ୱଗତ କରିବା ସହିତ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଶିବଦାସ ସେନଗୁପ୍ତା ତାଙ୍କର ପ୍ରସ୍ତୁତିରେ ପଣ୍ଡାଙ୍କର ବର୍ଣ୍ଣନାତ୍ମକ ଚିତ୍ରଣରୁ ଏକ ସଂସ୍କୃତିସମ୍ପନ୍ନ, ସାମଗ୍ରିକ ଭାବରେ ଏକତ୍ରିତ ସାଙ୍କେତିକ ବିନ୍ୟାସ ପର୍ଯ୍ୟ' ବିବର୍ତ୍ତନ ବିଷୟକୁ ପ୍ରସଙ୍ଗ କରିଥିଲେ। ପ୍ରଦର୍ଶନୀର କେନ୍ଦ୍ରବିନ୍ଦୁ ଭାବରେ ୧୬ ଫୁଟର ଅଭିଲେଖ ଆଧାରିତ ରଥ ସ୍ଥାନ ପାଇଥିଲା।



ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶାର ପାରମ୍ପରିକ ମୂଳାଧାର ଏବଂ ବୈଶ୍ୱିକ ସମକାଳୀନ କଳାତ୍ମକ ଆଲୋଚନା ମଧ୍ୟରେ ଥିବା ତାରତମ୍ୟ ଦୂର କରିବା ନିମନ୍ତେ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଉକ୍ତ ସନ୍ଧ୍ୟାରେ ମଧ୍ୟ ରମାକା' ସାମ'ରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କର ଜୀବନ, ଦର୍ଶନ ଏବଂ ସୃଜନ' ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକରେ କଳାକାରଙ୍କର ଜୀବନ ଏବଂ ଦାର୍ଶନିକ ଯାତ୍ରା ସ୍ଥାନ ପାଇଛି।

'ଦ ଲଙ୍ଗ ନାଓ ଅଫ୍ ଅସ୍' ଜଗନ୍ନାଥ ପଣ୍ଡାଙ୍କର ମୂଳ ପଦ୍ଧତିଗତ ଆଭିମୁଖ୍ୟ - ଦ ଆକ୍ଟ ଅଫ କୋଲାଜିଂ ସହିତ ଏକ ନିୟୋଜନକାରୀ ପ୍ରୟାସ ଜରିଆରେ ପରିକଳ୍ପନା କରାଯାଇଛି। ତାହା ତାଙ୍କ ଶୈଳୀରେ ଉଭୟ ଦୃଶ୍ୟଗତ ଓ ପରିକଳ୍ପନା ଭିତ୍ତିକ ଢାଞ୍ଚାଗୁଡ଼ିକୁ ଏକ ରୂପରେଖ ପ୍ରଦାନ କରୁଛି। ପେଣ୍ଟିଂ, ସ୍ଥାପତ୍ୟ, ଇନ୍‌ଷ୍ଟାଲେସନ୍ସ, ଡ୍ରଇଂ ଏବଂ ଡିଜିଟାଲ ଉପାଦାନଗୁଡ଼ିକୁ ଏକତ୍ରିତ କରୁଥିବା ଏହି ପ୍ରଦର୍ଶନୀ ବର୍ଣ୍ଣନା ଆଧାରିତ ଚିତ୍ରଗୁଡ଼ିକରୁ ସାଙ୍କେତିକ ବିନ୍ୟାସ ପର୍ଯ୍ୟନ୍ତ ତାଙ୍କର ବିବର୍ତ୍ତନକୁ ଉପସ୍ଥାପିତ କରୁଛି।

ଏଠାରେ କୋଲାଜ୍ କେବଳ ଏକ ଆନୁଷ୍ଠାନିକ ଉପକରଣ ନୁହେଁ, ବରଂ ବସ୍ତୁବାଦକୁ ପ୍ରସଙ୍ଗମୁକ୍ତ କରିବା ଏବଂ ପରିବେଶଗତ ଅସ୍ଥିରତା, ସାଂସ୍କୃତିକ ବିସ୍ଥାପନ, ପୌରାଣିକ କାହାଣୀ ସୃଷ୍ଟି ତଥା ସ୍ମୃତିଗୁଡ଼ିକ ପ୍ରତି ଦୃଷ୍ଟିଦେଉଥିବା ନିବିଡ଼ ଦୃଶ୍ୟଗତ କ୍ଷେତ୍ରଗୁଡ଼ିକୁ ଏକତ୍ରିକରଣ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ରଣକୌଶଳ ଭାବରେ କାର୍ଯ୍ୟ କରୁଛି। ଓଡ଼ିଶାର ସ୍ଥାପତ୍ୟ ଏବଂ ପର୍ବ ପର୍ବାଣୀ ଦୃଶ୍ୟପଟ୍ଟରୁ ଗଭୀର ପ୍ରେରଣା ଲାଭ କରିଥିବା କୃତିଗୁଡ଼ିକରେ ମନ୍ଦିର ପ୍ରତିମୂର୍ତ୍ତିର ଖଣ୍ଡଗୁଡ଼ିକ, ସ୍ଥାନୀୟ ଭାଷାର ଆଳଙ୍କାରିକକରଣ, ସହରାଞ୍ଚଳ ଗଠନ ଏବଂ ସ୍ୱଦେଶୀ ନୃତ୍ୟ ପରମ୍ପରା ଦ୍ୱାରା ଅନୁପ୍ରେରିତ ଭାବଗୁଡ଼ିକ ସନ୍ନିବେଶିତ ହୋଇଛି, ଯାହା ସେଗୁଡ଼ିକୁ ପୁନଃସମାବେଶୀ ପ୍ରତୀକାତ୍ମକ ରୂପରେ ରୂପାନ୍ତରିତ କରୁଛି। ସେଠାରେ ସ୍ମୃତି, ଆକାଂକ୍ଷା, ବିଚ୍ଛେଦ ଏବଂ ପୁନଃନିର୍ମାଣ ସହାବସ୍ଥାନ କରୁଛନ୍ତି। ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ସମବେତ ହୋଇଥିବା ଏହି ସାମ୍ପ୍ରତିକ କୃତିଗୁଡ଼ିକ ସ୍ଥାନୀୟ ଦର୍ଶକଙ୍କୁ ପଣ୍ଡାଙ୍କର ନୂତନ କାର୍ଯ୍ୟଶୈଳୀରେ ଅଧୁନାତମ ବିକାଶଗୁଡ଼ିକୁ ଦେଖିବାର ଏକ ଆଶାତୀତ ସୁଯୋଗ ପ୍ରଦାନ କରୁଛି।

ଏଣ୍ଟରପ୍ରିନରସ୍ ଅର୍ଗାନାଇଜେସନ ଓଡ଼ିଶା ଦ୍ୱାରା ଉପସ୍ଥାପିତ ଏହି ପ୍ରଦର୍ଶନୀ ଏହି ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପଦକ୍ଷେପ ହୋଇଛି। ଇଓ ଓଡ଼ିଶା ଚାପ୍ଟରର ପ୍ରାୟ ୧୦୦ ପ୍ରାଥମିକ ସଦସ୍ୟ ରହିଛନ୍ତି, ଯାହା ରାଜ୍ୟ ମଧ୍ୟରେ ଏକ ବୌଦ୍ଧିକ, ସାଂସ୍କୃତିକ ଏବଂ ବହୁ କ୍ଷେତ୍ରୀୟ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧ ଉଦ୍ୟୋଗୀମାନଙ୍କର ଏକ ପ୍ରଗତିଶୀଳ ସମାହାରକୁ ପ୍ରତିନିଧିତ୍ୱ କରୁଛି। 'ଭୁବନେଶ୍ୱରକୁ ଏହି କୃତିଗୁଡ଼ିକୁ ଆଣି ଆମେ ଏକ ନୂତନ ଶିକ୍ଷାଗତ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରୁଛୁ,' ବୋଲି କମଲ ଅଗ୍ରୱାଲ, ଫୋରମ୍ ଚେୟାର ଓ ବୋର୍ଡ ସଦସ୍ୟ, ଇଓ ଓଡ଼ିଶା ଚାପ୍ଟର ଉଲ୍ଲେଖ କରିଥିଲେ। ସେ କହିଥିଲେ, 'ଏହି ପ୍ରଦର୍ଶନୀ ପ୍ରମାଣିତ କରୁଛି ଯେ ଓଡ଼ିଶା କେବଳ ଏକ ଐତିହ୍ୟ ସ୍ଥାନ ନୁହେଁ, ତାହାସହିତ ଏହା ସମକାଳୀନ ଜ୍ଞାନ ସୃଷ୍ଟି ନିମନ୍ତେ ଏକ ମଜଭୁତ କେନ୍ଦ୍ର ଅଟେ।'

# ସବିତା ଅଏଲ ଟେକ୍ନୋଲୋଜିସ - ମହିନ୍ଦ୍ରା ଗ୍ରୁପ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଲୁବ୍ରିକ୍ୟାଂଟ ନିର୍ମାତା ସବିତା ଅଏଲ ଟେକ୍ନୋଲୋଜିସ ଲିମିଟେଡ (ଏସଓଟିଏଲ) ପକ୍ଷରୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଫାର୍ମ ଇକ୍ୱିପମେଂଟ ବିଜନେସ (ମହିନ୍ଦ୍ରା ଟ୍ରାକ୍ଟର୍ସ) ସହ ଏକ ବହୁବର୍ଷୀୟ ରାଜିନାମା ସ୍ୱାକ୍ଷର କରାଯାଇଛି। ଏଥି ସହିତ ଦୁଇ ପକ୍ଷ ମଧ୍ୟରେ ଦୁଇ ଦଶନ୍ଧିର ଅଧିକ ସମୟ ଧରି ରହିଥିବା ସହଯୋଗିତା ସମ୍ପ୍ରସାରିତ ହୋଇଛି। ଏସଓଟିଏଲ ଓ ମହିନ୍ଦ୍ରା ଗ୍ରୁପ ମଧ୍ୟରେ ୨୫ରୁ ବର୍ଷରୁ ଅଧିକ ବର୍ଷର ସମ୍ପର୍କ ରହିଛି। ଏହି ରାଜିନାମା ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏହି ସହଯୋଗିତା ଅଧୀନରେ ଏସଓଟିଏଲ ପକ୍ଷରୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପ୍ରମୁଖ ଉତ୍ପାଦ ଡିଭିଜନ ପାଇଁ ଯୋଗାଣ କରାଯିବ।



ଏହି ସମ୍ପ୍ରସାରିତ ସହଯୋଗିତାରେ ସବିତା ଅଏଲ ଟେକ୍ନୋଲୋଜିସ ଲିମିଟେଡ ପକ୍ଷରୁ ସାରା ଦେଶରେ ଥିବା ମହିନ୍ଦ୍ରାର ଫ୍ରାଂଚାଇଜ ୱାର୍କସପ ଓ ସ୍ପେୟାର ପାର୍ଟସ ବିତରଣ ନେଟୱାର୍କକୁ ମହିନ୍ଦ୍ରା ଟ୍ରାକ୍ଟର ଜେନୁଇନ ଇନ ଅଏଲସକୁ ଏମଷ୍ଟାର ବ୍ରାଣ୍ଡ ଅଧୀନରେ ଯୋଗାଣ କରାଯିବ। ମହିନ୍ଦ୍ରା ଟ୍ରାକ୍ଟରକୁ ନିର'ର ପ୍ରଦର୍ଶନ, ଭରସାଯୋଗ୍ୟ ସେବା ଓ ଇନ ସୁରକ୍ଷା ପ୍ରଦାନ କରିବା ପାଇଁ ଏହି ସହଯୋଗିତାକୁ ପ୍ରସ୍ତୁତ କରାଯାଇଛି।

୨୦୨୬ ଫେବ୍ରୁଆରି ୧୨ରେ ସବିତା ଅଏଲ ଟେକ୍ନୋଲୋଜିସ ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗୌତମ ଏନ ମେହେରା ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଫାର୍ମ ଟ୍ରାକ୍ଟର ଡିଭିଜନର ବରିଷ୍ଠ ଉପସଭାପତି-ଏସଏସୟୁ ଶ୍ରୀ ଆର ବୀରରାଘବେନ୍ଦ୍ର ରାଜିନାମାରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ସବିତା ଅଏଲ ଟେକ୍ନୋଲୋଜିସ ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗୌତମ ଏନ ମେହେରା କହିଛନ୍ତି ଯେ, 'ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଆମର ସହଯୋଗିତା ବିଶ୍ୱାସ, ପ୍ରଦର୍ଶନ ଓ ଗ୍ରାହକଙ୍କୁ ମୂଲ୍ୟ ପ୍ରଦାନ କରିବାର ମିଳିତ ପ୍ରତିବଦ୍ଧତାର ମୂଳଦୁଆ ଉପରେ ଗଢ଼ା ହୋଇଛି। ମହିନ୍ଦ୍ରା ଟ୍ରାକ୍ଟର ପାଇଁ ଆମେ ଉଚ୍ଚ ମାନର ଓ ଭରସାଯୋଗ୍ୟ ଲୁବ୍ରିକ୍ୟାଂଟ ଯୋଗାଇବା ପାଇଁ ଆମ ପ୍ରତିବଦ୍ଧତାକୁ ଦୃଢ଼ କରିଥିବା ବେଳେ ଏହି ପ୍ରମୁଖ ସହଯୋଗିତା ସେ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସହଯୋଗିତାକୁ ସୁଦୃଢ଼ କରିବା ଏବଂ ସାରା ଭାରତର କୃଷି ଦୃଶ୍ୟପଟ୍ଟରେ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାକୁ ଆମେ ଚାହିଁରହିଛୁ।'

ଏହି ସହଯୋଗିତାରେ ଏସଓଟିଏଲ ପକ୍ଷରୁ ଆଧୁନିକ ଟ୍ରାକ୍ଟର ଇଂଜିନ ପାଇଁ ପ୍ରସ୍ତୁତ କରାଯାଇଥିବା ଉଚ୍ଚ ପ୍ରଦର୍ଶନକାରୀ ଓ ଅସଲି ଲୁବ୍ରିକ୍ୟାଂଟ ସହିତ ମହିନ୍ଦ୍ରା ଟ୍ରାକ୍ଟରକୁ ସମର୍ଥନ କରିବା ପାଇଁ କମ୍ପାନି ଏହାର ଅତ୍ୟାଧୁନିକ ପରିଚାଳନା ବିଶେଷତା ଓ ଦୃଢ଼ ବିନିର୍ମାଣ ଦକ୍ଷତାକୁ ବ୍ୟବହାର କରିବ। ଇଂଜିନ ସୁରକ୍ଷା ବଢ଼ାଇବା, ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ଏବଂ କୃଷି କ୍ଷେତ୍ରର ଗ୍ରାହକମାନଙ୍କ ପ୍ରଦର୍ଶନକୁ ବଢ଼ାଇବା ଲକ୍ଷ୍ୟ ରଖି ଏହି ସହଯୋଗିତା ପ୍ରସ୍ତୁତ କରାଯାଇଛି।

# ଡାବର ଚ୍ୟବନପ୍ରାଶ ପକ୍ଷରୁ ଜାତୀୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ଡାବର ଚ୍ୟବନପ୍ରାଶ ଏକ ବିଶାଳ ସଚେତନତା ଅଭିଯାନର ଶୁଭାରମ୍ଭ ଘୋଷଣା କରିଛି ଯାହା ଦେଶର ଗରିବ ଓ ଅବହେଳିତ ପିଲାମାନଙ୍କର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଅଧୀନରେ ଡାବର ଚ୍ୟବନପ୍ରାଶ ପକ୍ଷରୁ ଜଣେ ପ୍ରତିଷ୍ଠିତ ଡାକ୍ତରଙ୍କ ସହିତ ପରିବର୍ତ୍ତିତ ଋତୁ, ସାଧାରଣ ବ୍ୟାକ୍ଟେରିଆ ଓ ଭୂତାଣୁ କାରଣରୁ ହେଉଥିବା ଅସୁସ୍ଥତା ବିରୋଧରେ ଏକ ମଜବୁତ ରୋଗପ୍ରତିରୋଧକ ପ୍ରଣାଳୀ ଗଠନ କରିବାର ଆବଶ୍ୟକତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଇବା ପାଇଁ ରୋଗପ୍ରତିରୋଧକ ଶକ୍ତି ସଚେତନତା ଅଧିବେଶନ ଗୁଡ଼ିକର ପରିଚାଳନା କରାଯିବ। ଏହି ଅଭିଯାନକୁ ଭୁବନେଶ୍ୱରରେ ଆରମ୍ଭ କରାଯାଇଥିବା ବେଳେ ଜ୍ଞାନ ମନ୍ଦିର ସ୍କୁଲର ୨୫୦ରୁ ଅଧିକ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ପରିଚାଳନନା କରାଯାଇଛି। ଏହି ଅଧିବେଶନ ଶୀତ ଋତୁରେ ଅସୁସ୍ଥତା ବିରୋଧରେ ଲଢ଼ିବା ପାଇଁ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା। ପିଲାମାନେ ମଧ ମୌଳିକ ସ୍ୱଚ୍ଛତା ଓ ଏକ ପୋଷଣଯୁକ୍ତ ଆହାର ମାଧ୍ୟମରେ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାର ମାର୍ଗଗୁଡ଼ିକ ଉପରେ ସଚେତନ ହୋଇଥିଲେ।

ଏହି ଅବସରରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥକେୟାର ବିଭାଗର ନିର୍ଦ୍ଦେଶକ ଶ୍ରୀରାମ ପଦ୍ମନାଭନ କହିଛନ୍ତି, 'ଡାବର ଚ୍ୟବନପ୍ରାଶ ପ୍ରତ୍ୟେକ ଭାରତୀୟଙ୍କୁ ୧୦୦ ବର୍ଷରୁ ଅଧିକ ସମୟ ପାଇଁ ମଜବୁତ ରୋଗ ପ୍ରତିରୋଧକ ଶକ୍ତି ହାସଲ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି ଅଭିଯାନ ଉକ୍ତ ପ୍ରତିବଦ୍ଧତା ଦିଗରେ ଏକ ବଡ ପଦକ୍ଷେପ। ଆମେ ପ୍ରତି ବର୍ଷ ଅନେକ ଲୋକଙ୍କ ଜୀବନ ନେଉଥିବା ଥଣ୍ଡା ପବନ ବା କୋଲ୍ଡ ୱେଭ ସମ୍ପର୍କରେ ଚିନ୍ତିତ ଅଛୁ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଚ୍ୟବନପ୍ରାଶ ଦେବା ବ୍ୟତୀତ ରୋଗ ପ୍ରତିରୋଧକ ଶକ୍ତିର ମହତ୍ତ୍ୱକୁ ଆଲୋକପାତ କରି ଗରିବ ଓ ଅବହେଳିତ ପିଲାମାନଙ୍କ ପାଇଁ ସୁରକ୍ଷା ପ୍ରଦାନ କରିବା ଲାଗି ସେମାନଙ୍କ ନିକଟରେ ପହଂଚିବାକୁ ପ୍ରୟାସ କରିବୁ।



ସେହିଭଳି ଡା. ପାଣ୍ଡେ କହିଛନ୍ତି, 'ଋତୁକାଳିନ ପରିବର୍ତନର ଚକ୍ରଗୁଡ଼ିକ ସମୟରେ ତାପମାତ୍ରାରେ ହଠାତ ପରିବର୍ତନ ହୋଇଥାଏ, ଯେଉଁ କାରଣରୁ କାଶ, ଥଣ୍ଡା ଓ ଜ୍ୱର ଭଳି ଅସୁସ୍ଥତା ଦେଖା ଦେଇଥାଏ। ଥଣ୍ଡା, କାଶ, ଶ୍ୱାସକ୍ରିୟା ସମସ୍ୟା ଭଳି ଅସୁସ୍ଥତା ବିରୋଧରେ ଲଢ଼ିବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଏକ ପ୍ରଭାବଶାଳୀ ଉପାୟ ଅଟେ। ଡାବର ଚ୍ୟବନପ୍ରାଶ ହେଉଛି ପରିବର୍ତନଶୀଳ ଜଳବାୟୁ ଚକ୍ର ସମୟରେ ଜଣେ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଏକ ପ୍ରଭାବଶାଳୀ ସମାଧାନ ଅଟେ। ଏହି କ୍ୟାମ୍ପେନ ଅଧୀନରେ ଡାବର ଚ୍ୟବନପ୍ରାଶ ଆଗ୍ରା, ବାରାଣସୀ, କାନପୁର, ଭୋପାଳ, ଲକ୍ଷ୍ନୌ, ଉଦୟପୁର, ଜୟପୁର, ଭୁବନେଶ୍ୱର, କୋଲକାତା, ସିଲିଗୁଡ଼ି, ପାଟ୍‌ନା, ଇନ୍ଦୋର, ରାୟପୁର, ପୁନେ, ଔରଙ୍ଗାବାଦ, ହାଇଦ୍ରାବାଦ, ମହୀଶୂର, ମୁମ୍ବାଇ, ନାଗପୁର, ଗ୍ୱାଲିଅର ଓ ଚଣ୍ଡୀଗଡ ଭଳି ଭାରତର ୨୧ଟି ସହରରୁ ଅଗ୍ରଣୀ ଏନଜିଓମାନଙ୍କ ସହ ହାତ ମିଳାଇଛି।

# ସାମସଙ୍ଗ ଇଣ୍ଡିଆ ଶୋଷ୍ଟପର୍ କ୍ୟାମେରା, ଅଲ୍ଟ୍ରା ସ୍ଲିଥ୍ ଡିସପ୍ଲେ ଏବଂ ପ୍ରିମିୟମ୍ ଚମଡା ଡିଜାଇନ୍ ସହିତ ଗାଲାକ୍ସି F70e 5G ଉନ୍ମୋଚନ


**ଗୁରୁଗ୍ରାମ, ୧୫।୨ (ନି.ପ୍ର) :** ସାମସଙ୍ଗ, ଭାରତର ସର୍ବ ବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଗାଲାକ୍ସି ଋ୭୦ର ୫ଏ - ସର୍ବ ନୂତନ ଗାଲାକ୍ସି ଏଫ ୭୦ ସିରିଜର ପ୍ରଥମ ସ୍ମାର୍ଟଫୋନ୍ ଲଞ୍ଚ କରିବାକୁ ଘୋଷଣା କରିଛି । ଅସନ୍ତୁଷ୍ଟ କ୍ୟାମେରା ଅଭିଜ୍ଞତା, ଅଲ୍ଟ୍ରା ସଫ୍ଟ ଡିସପ୍ଲେ ଏବଂ ଫୋରମ୍ ପ୍ରତିଦିନ ନିଜକୁ ଶେଷ କରିଥାଏ । ଆମର ସର୍ବଶେଷ ସଚେତନ ଗାଲାକ୍ସି ଋ୭୦ର ୫ଏ ହେଉଛି ଆମର ମୂଲ୍ୟବାନ ସଚେତନ ଯୁବକ ଗ୍ରାହକଙ୍କୁ ଅର୍ଥପୂର୍ଣ୍ଣ ଉଦ୍ଭାବନ ସହିତ ସଶକ୍ତ କରିବା ପାଇଁ ସାମସଙ୍ଗର ଅଦମ୍ୟ ପ୍ରତିବଦ୍ଧତାର ଏକ ପ୍ରମାଣୟ ତୀକ୍ଷ୍ଣ ଚିତ୍ର, ୧୨୦ଔଛ ରିଫ୍ରେସ୍ ରେଟ୍ ଡିସପ୍ଲେ ଏବଂ ଗାଟେରଲା ପାଓ୍ୱାଲେସ୍ ସୀମାବଦ୍ଧ ଋ୭୦ ଫିନିଶ୍ ପାଇଁ ଏକ ପ୍ରିମିୟମ୍ ଚମଡା, ଆମର ଗତିଶୀଳ ଜେନ ଜେ ଗ୍ରାହକଙ୍କ ସ୍ମାର୍ଟଫୋନର ବ୍ରାଣ୍ଡ୍ ସ୍ମାର୍ଟଫୋନରେ ଏହି ଉପକରଣକୁ ଭାରତୀୟ ଗ୍ରାହକଙ୍କୁ ଦୃ ଖ୍ୱଖ୍ୱକରଭଶଖ୍ୱଷରଭ . କରିବାକୁ ଉତ୍ସାହିତ ବୋଲି ସେ କହିଛନ୍ତିୟ ଗଢ ବ୍ୟବସାୟ, ସାମସଙ୍ଗ ଇଣ୍ଡିଆ। ""ତୀକ୍ଷ୍ଣ ଚିତ୍ର - ଦିନ କିମ୍ବା ରାତି "ଗାଲାକ୍ସି F70e 5G ଏକ କ୍ୟାମେରା ସିଷ୍ଟମ ବିତରଣ କରିଥାଏ ଯାହାକି ଅଂଶୀଦାର ଯୋଗ୍ୟ ବିଷୟବସ୍ତୁ ଉତ୍ପାଦନ କରିବାରେ ସକ୍ଷମ ଏଥିରେ ଏକ ଉଚ୍ଚ ରେଜୋଲୁସନ ୫୦ଗଚ ମୁଖ୍ୟ କ୍ୟାମେରା, ଲ୍ୟାଣ୍ଡସ୍କେପ୍, ସନ୍ସେଟ୍, ଷ୍ଟିଟ୍ ଦୃଶ୍ୟ, ଏବଂ ସମୃଦ୍ଧ ବିବରଣୀ ଏବଂ ଉଜ୍ଜ୍ୱଳ ରଙ୍ଗ ସହିତ ନିର୍ଦ୍ଦିଷ୍ଟ ମୁହୂର୍ତ୍ତଗୁଡ଼ିକ କ୍ୟାପଚର କରିଥାଏ ""ମୁଖ୍ୟ କ୍ୟାମେରାରେ ଥିବା ଲ / ୧.୮ ଆପେଚର, ଦ୍ secondary ିତୀୟ ଗଭୀରତା କ୍ୟାମେରା ସହିତ ମିଳିତ ହୋଇ, ପ୍ରାକୃତିକ ବୋକେ ଇଫେକ୍ଟ ସୃଷ୍ଟି କରେ, ଯେକ ବଭଛ ଣସି ଆଲୋକ ଅବସ୍ଥାରେ ତୀକ୍ଷ୍ଣ ଚିତ୍ର ଉତ୍ପାଦନ କରୁଥିବା ପୃଷ୍ଠଭୂମିକୁ ମୃଦୁ ଭାବରେ ଅସ୍ପଷ୍ଟ କରିଥାଏ ""ଏହାର ନାଇଟ୍ ମୋଡ୍ ସହିତ, ଏହା କମ୍ ଆଲୋକ ଅବସ୍ଥାରେ ମଧ ଉଜ୍ଜ୍ୱଳ ଏବଂ ବିସ୍ତୃତ ଚିତ୍ର କ୍ୟାପଚର୍ କରିଥାଏ ଅନ୍ୟ ପଟେ, ଏହା ସନ୍ତୁଳିତ ଏକ୍ସପୋଜର ସୁନିଶ୍ଚିତ କରେ, ହାଲୁକା ଜ୍ୱଳନକୁ କମ୍ କରିଥାଏ ଏବଂ ଉଜ୍ଜ୍ୱଳ ସୂର୍ଯ୍ୟ କିରଣ କିମ୍ବା ଆଲୋକିତ ରାତିର ଦୃଶ୍ୟରେ ସବିଶେଷ ତଥ୍ୟ ସଂରକ୍ଷଣ କରେ ଏହାର ୮ଗଚ ସାମ୍ନା କ୍ୟାମେରା ସ୍ୱଚ୍ଛ ଏବଂ ସୁସଜ୍ଜିତ ସେଲଫି ଏବଂ ଭିଡିଓ କଲ୍ ସୁନିଶ୍ଚିତ କରେ ସୋସିଆଲ ମିଡିଆ। ବ୍ୟବହାରକାରୀ ଏବଂ ବିଷୟବସ୍ତୁ ସୃଷ୍ଟିକର୍ତ୍ତାମାନଙ୍କ ପାଇଁ, ଏହି କ୍ୟାମେରା ସିଷ୍ଟମ ଯିବା ସମୟରେ ଉଚ୍ଚମାନର ବିଷୟବସ୍ତୁ ସୃଷ୍ଟି ପାଇଁ ସମର୍ଥନ କରେ ।




# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟବ୍ୟାପୀ ଉଜ୍ଜ୍ୱଳତା ସହ ଫ୍ଲାଗ୍‌ସିପ୍ ବାର୍ଷିକୀ ପାଳନ

## ସୁନା ଓ ହୀରା ମାଷ୍ଟରପିସ୍‌ର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୪୫% ରିହାତି

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ଏକ ଅଭୁତପୂର୍ବ ଚମକ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ! ନିଜର ପ୍ରମୁଖ ଫ୍ଲାଗସିପ୍ ଷ୍ଟୋର୍ ୬୨୧ ଜନପଥ, ସହିଦନଗରର ବାର୍ଷିକୀ ଉପଲକ୍ଷେ ବଡ଼ ଉତ୍ସାହ ସହ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏହାର ସମ୍ମାନନୀୟ ଗ୍ରାହକମାନଙ୍କ ପାଇଁ ଏକ ଭବ୍ୟ, ସୀମିତ ସମୟ ଅଫର ଘୋଷଣା କରାଯାଇଛି ଯାହା ଏହି ଅଂଚଳକୁ ଉଜ୍ଜ୍ୱଳିତ କରିବାକୁ ପ୍ରସ୍ତୁତ ହୋଇଯାଇଛି। ୨୦୨୬ ଫେବୃଆରୀ ୧୪ ତାରିଖ ରୁ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଅଫରରେ ଗ୍ରାହକମାନେ ସୁନା ଓ ହୀରା ଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହା କେବଳ ଏକ ବିକ୍ରୟ ନୁହେଁ; ଏହା ୯୦ ବର୍ଷର ଐତିହ୍ୟର ଏକ ଚମକପ୍ରଦ ମାଷ୍ଟରପିସ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ, ତାହା ପୁଣି ଅପୂର୍ବ ସଂଚୟ ସହିତ। ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳତାର ସହ ଚମକନ୍ତୁ, କାରଣ ନିଜର ସମ୍ମାନନୀୟ ଗ୍ରାହକମାନଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ସୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। 'ଆମକୁ ଓଡ଼ିଶାର ସବୁଠୁ ବିଶ୍ୱସନୀୟ ନାମରେ ଯେଉଁମାନେ ପରିଣତ କରିଛନ୍ତି ସେମାନଙ୍କୁ କିଛି ଫେରାଇ ଆମେ ଆମର ଫ୍ଲାଗସିପ ଷ୍ଟୋର୍‌ର ମାଇଲଖୁଂଟକୁ ପାଳନ କରୁଥିବାରୁ ଅତ୍ୟ' ରୋମାଂଚିତ ମନେ କରୁଛୁ ବୋଲି ଖିମ୍‌ଜୀର ଟିମ୍ କହିଛି। ଏହି ଅଫର ୯୦ ବର୍ଷର କାରିଗରୀ ପ୍ରତି ଏକ ସମ୍ମାନ ଜଣାଉଛି ଆମର ସବୁଠୁ ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଂଚିପାରିଛି। ଚମକୁଥିବା ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭ କରି ସୂକ୍ଷ୍ମ ଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁବର୍ଣ୍ଣ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ସୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ସୋରୁମ ସହିତ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଦ୍ରୁତ ଗତିରେ ସମ୍ପ୍ରସାରଣ କରି ପ୍ରତିଟି ମୁହୂର୍ତ୍ତକୁ ଭବ୍ୟ ଓ ଅତୁଳନୀୟ ଗୁଣାତ୍ମକ ମାନରେ ପରିଣତ କରିବାକୁ ନିଶ୍ଚିତ କରୁଛି। ଏହି ଯାଦୁକୁ ମିସ୍ କରନ୍ତୁ ନାହିଁ। ଏହି ଅତୁଳନୀୟ ମୂଲ୍ୟ କାର୍ଯ୍ୟକ୍ରମରେ ସମୟ ଗଡ଼ି ଯାଉଛି ! ବର୍ଷର ସବୁଠାରୁ ବଡ଼ ସଫିଂ ମହୋତ୍ସବର ଅନୁଭବ ନେବା ପାଇଁ ନିକଟସ୍ଥ ଖିମ୍‌ଜୀ ଜୁଏଲର୍ସ ସୋ'ରୁମ୍‌କୁ ଯାଆନ୍ତୁ।




# ଓ୍ୱଣ୍ଡରଲା ଭୁବନେଶ୍ୱର ପକ୍ଷରୁ ଭାଲେଟାଂଇନ୍ସ ଡେ ରେ ଦମ୍ପତି ଓ ପ୍ରେମୀ ଯୁଗଳଙ୍କ ପାଇଁ ଆଣିଛି ଡ୍ରିମି ୱେଭ୍ ପୁଲ ରୋମାନ୍ସ ସହ ବିଶେଷ ସନ୍ଧ୍ୟାକାଳୀନ ଅନୁଭୂତି

**ଭୁବନେଶ୍ୱର, ୧୫।୨ (ନି.ପ୍ର) :** ଏହି ଭାଲେଟାଂଇନ୍ସ ଦିବସରେ ଓ୍ୱଣ୍ଡରଲା ଭୁବନେଶ୍ୱରର ରୋମାଂଚକର ସାଜସଜ୍ଜା ହୋଇଥିବା ବେଳେ ପାର୍କକୁ ସ୍ୱତନ୍ତ୍ର ଭାବେ ଭଲ ପାଇବାର ଉତ୍ସବ ପାଳନ କରିବା ପାଇଁ ଏକ ସନ୍ଧ୍ୟାକାଳୀନ ସ୍ୱର୍ଗାଡମ୍ବର ରେ ପରିଣତ କରାଯାଇଛି । ଫେବ୍ରୁଆରି ୧୪ ଓ ୧୫ ତାରିଖରେ ଅପରାହ୍ନ ୩ଟାରୁ ଆରମ୍ଭ କରି ଦମ୍ପତି ଓ ପ୍ରେମୀ ଯୁଗଳ ମାନେ ସୁବର୍ଣ୍ଣ ମଧ୍ୟାହ୍ନରେ ୱାଟର ରାଇଡ୍ ଠାରୁ ଆରମ୍ଭ କରି ରାତିର ଝିଲମିଲ ଆଲୁଅ ତଳେ ଭୂମିରେ ଥିବା ଆକର୍ଷଣ ପର୍ଯ୍ୟନ୍ତ ଉତ୍ସାହ ଓ ମିଳିତ ଭାବର ୭ ଘଂଟାକୁ ଉପଭୋଗ କରିପାରିବେ । ଏହି ଅନୁଭବ ଏକ ଯାଦୁକରୀ ୱେଭ୍ ପୁଲ୍ ଡିନର ସହ ଶେଷ ହେବ ଯାହା ଏକ ସ୍ୱପ୍ନର ବେଳାଭୂମିରୁ ବାହାରିବା ଭଳି ଅନୁଭବ ଦେବ । ଏହା ପାରମ୍ପରିକ ଭାଲେଟାଂଇନ୍ସ ଡେଟ୍‌ଠାରୁ ଭିନ୍ନ ଯେଉଁଠାରେ ରୋମାନ୍ସ ସହ ରୋମାଂଚର ଏକ ଅଭୁଲା ଉପାୟରେ ମିଳନ ହେବ । ଉଲ୍ଲେଖନୀୟ ମୂଲ୍ୟ ସହ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ସନ୍ଧ୍ୟାକାଳୀନ ଦମ୍ପତି ପ୍ୟାକେଜ୍‌ରେ ଅନ୍ୟ ପାର୍କଗୁଡ଼ିକ ତୁଳନାରେ ମୋଟ ଉପରେ ସର୍ବାଧିକ ରିହାତି ପ୍ରଦାନ କରାଯାଉଛି । ଭାଲେଟାଂଇନ୍ସ ଡେ ସନ୍ଧ୍ୟାକାଳୀରନ ଟିକଟର ମୂଲ୍ୟ ଦମ୍ପତି ପିଛା ୯୯୯ ଟଙ୍କାରୁ (ଟିକସକୁ ବାଦ ଦେଇ) ଆରମ୍ଭ ହେଉଛି, ଯେଉଁଥିରେ ପାର୍କରେ ପ୍ରବେଶ ଅନୁମତି ଅପରାହ୍ନ ୩ଟା ପରେ ଆରମ୍ଭ ହେବ । ୱାଟର ରାଇଡ୍ ଅପରାହ୍ନ ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଓ ଭୂମିରେ ଥିବା ରାଇଡ୍ ରାତି ୧୦ଟା ପର୍ଯ୍ୟନ୍ତ ଉପଲବ୍ଧ ରହିବ । ସମ୍ପୂର୍ଣ୍ଣ ରୋମାଂଟିକ ଅନୁଭବ ଚାହୁଥିବା ଦମ୍ପତିମାନଙ୍କ ପାଇଁ ଏହି ଭାଲେଟାଂଇନ୍ସ ଡେ ସନ୍ଧ୍ୟାକାଳୀନ ଟିକଟ ସହ ୱେଭ ପୁଲ ଡିନର କମ୍ବୋ ର ମୂଲ୍ୟ ଦମ୍ପତି ପିଛା ୧୯୯୯ ଟଙ୍କା (ଟିକସକୁ ବାଦ ଦେଇ) ରହିଛି ଯାହା ରୋମାଂଚ ସହ ଏକ ଆକର୍ଷଣୀୟ ଡିନର ଅନୁଭୂତିକୁ ନିରବଚ୍ଛିନ୍ନ ଭାବେ ସମନ୍ୱିତ କରୁଛି । ସବୁ ଦମ୍ପତିଙ୍କୁ ୨-ବ୍ୟକ୍ତି ପ୍ୟାକେଜ୍ ହିସାବରେ ଟିକଟ କିଣିବାକୁ ହେବ ଏବଂ ତାହା ଉଭୟ ଦିନ ପାଇଁ ବୈଧ ରହିବ । ଏଥିରେ ମିଳିତ ଭାବେ ସ୍ୱତନ୍ତ୍ର ଅନୁଭୂତି ସୃଷ୍ଟି କରିବାକୁ ଚାହୁଥିବା ଯୋଡ଼ି ଓ ପରିବାରଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ୱେଭ୍ ପୁଲ୍ ଡିନର: ତାରାଙ୍କ ମେଳରେ ଏକ ସ୍ୱପ୍ନର ବେଳାଭୂମି ଷ୍ଟାଇଲ୍‌ର ଏସ୍‌କେପ୍ ଓ୍ୱାଣ୍ଡରଲା ଭୁବନେଶ୍ୱରର ଭାଲେଟାଂଇନ୍ସ ଡେ ପାଳନର ଏକ ପ୍ରମୁଖ ଆକର୍ଷଣ ହେଉଛି ଚମତ୍କାର ୱେଭ ପୁଲ ଡିନର ଅନୁଭୂତି ଯାହା ରାତି ୭ଟାରୁ ୧୦ଟା ପର୍ଯ୍ୟନ୍ତ ଚାଲିବ । ସୂର୍ଯ୍ୟଙ୍କ ଚମକ କମ ହେବା ପରେ ୱେଭ ପୁଲ ଏକ ସ୍ୱପ୍ନର ବେଳାଭୂମି ଷ୍ଟାଇଲ୍‌ର ଏସ୍‌କେପ୍‌ରେ ପରିଣତ ହେବ ଯେଉଁଠାରେ ରୋମାନ୍ସ ବଢ଼ିବ । ପାଣିର ରିଦିମ୍, ହାଲୁକା ସାଜସଜ୍ଜା ଓ ଉଷ୍ମତା ଭରୁଥିବା ଆଲୋକ ମନୋଭାବକୁ ଠିକ୍ କରିବ ଏବଂ ଲାଇଭ୍ ସଙ୍ଗୀତ ଓ ଏମ୍‌ସି ଅନୁଭୂତି ସନ୍ଧ୍ୟାରେ ଆହୁରି ଚମକ କରିବ । ରୋମାଂଟିକ କାର୍ଯ୍ୟକ୍ରମ ଦମ୍ପତିଙ୍କୁ ନିକଟତର କରିବ ଏବଂ ଏକ ଆତ୍ମାକୁ ସନ୍ତୁଷ୍ଟ କରୁଥିବା ମ୍ୟୁଜିକାଲ୍ ନାଇଟ୍ ସବୁ କିଛିକୁ ପ୍ରେମରେ ପରିଣତ କରି କାର୍ଯ୍ୟକ୍ରମକୁ ଶେଷ କରିବ ଯାହା ପ୍ରତିଟି ମୁହୂର୍ତ୍ତକୁ ସ୍ମୃତିରେ ପରିଣତ କରିବ ଯାହାକୁ ସବୁଦିନ ପାଇଁ ସାଇତି ରଖାଯାଇପାରିବ । ପାର୍କ ବ୍ୟାପୀ ଭାଲେଟାଂଇନ୍ସ ଯାଦୁ: ସାଜସଜ୍ଜା, ସଙ୍ଗୀତ ଓ ସ୍ମୃତି ୱେଭ ପୁଲ ଅନୁଭୂତି ବାହାରେ ମଧ ଓ୍ୱାଣ୍ଡରଲା ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ପାର୍କ ସାଜସଜ୍ଜା, ସ୍ୱତନ୍ତ୍ର ମୁହୂର୍ତ୍ତକୁ ତୋଳି ଧରିବା ପାଇଁ ରୋମାଂଟିକ ସେଲ୍‌ଫି ପଏଂଟ୍, ଏମ୍‌ସି ମନୋରଂଜନ ଓ ମ୍ୟୁଜିକାଲ୍ ନାଇଟ୍ ସହିତ ସମ୍ପୂର୍ଣ୍ଣ ଭାଲେଟାଂଇନ୍ସ ଅନୁଭବ ସୃଷ୍ଟଇ କରାଯାଇଛି ଯାହା ଏକ ପ୍ରେମର ପରିବେଶ ପ୍ରଦାନ କରିବ । ଦମ୍ପତି ଓ ପରିବାରଗୁଡ଼ିକ ଓ୍ୱାଣ୍ଡରଲାର ବିଶ୍ୱସ୍ତରୀୟ ଆକର୍ଷଣର ବ୍ୟାପକ ସମ୍ଭାରକୁ ଅସୀମିତ ହାସଲ କରିପାରିବେ ଯେଉଁଥିରେ ରୋମାଂଚକର ରୋଲର କୋଷ୍ଟର ରାଇଡ୍ ଠାରୁ ସତେଜତା ପ୍ରଦାନ କରୁଥିବା ୱାଟର ରାଇଡ୍ ପର୍ଯ୍ୟନ୍ତ ରହିଛି ଯାହା ସବୁ ବୟସ ବର୍ଗଙ୍କୁ ଉଲ୍ଲାସପୂର୍ଣ୍ଣ ଅନୁଭବ ପ୍ରଦାନ କରିବ ଏବଂ ସବୁ କିଛି ଓ୍ୱାଣ୍ଡରଲାର କଠୋର ସୁରକ୍ଷା ମାନକ ଅଧୀନରେ ପରିଚାଳିତ ହେଉଛି । ଏହି ଉତ୍ସବ ପାଳନ ସମ୍ପର୍କରେ ଓ୍ୱଣ୍ଡରଲା ହଲିଡେଜ୍ ଲିମିଟେଡ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଧୀରନ ଚୌଧୁରୀ କହିଛନ୍ତି ଯେ, "ଓ୍ୱଣ୍ଡରଲା ଭୁବନେଶ୍ୱରରେ ଆମେ ଏକ ଭାଲେଟାଂଇନ୍ସ ଡେ ଅନୁଭୁତି ସୃଷ୍ଟି କରିବାକୁ ଚାହୁଁଛୁ ଯାହା ଜୀବନ୍ତ, ହାସଲ କରି ହେଉଥିବା ଏବଂ ବାସ୍ତବରେ ସ୍ୱତନ୍ତ୍ର ଅନୁଭବ ପ୍ରଦାନ କରିବ । ଆମର ସନ୍ଧ୍ୟା କୈନ୍ଦ୍ରିକ ଦମ୍ପତି ପ୍ୟାକେଜ୍ ରାଇଡ୍, ସଙ୍ଗୀତ ଓ ରୋମାଂଟିକ୍ ଡିନରକୁ ଏଭଳି ଢଙ୍ଗରେ ଏକତ୍ରୀତ କରିବ ଯାହା ଅତିଥିମାନଙ୍କୁ ସହଜ ଓ ଉଲ୍ଲାସ ସହ ଭଲ ପାଇବାକୁ ପାଳନ କରିବାରେ ସହାୟକ ହେବ । ଏକ ଅଭୁଲା ଉତ୍ସବ ପାଳନ ପାଇଁ ଦମ୍ପତି ଓ ପରିବାରଗୁଡ଼ିକୁ ସ୍ୱାଗତ କରିବାକୁ ଆମେ ଅପେକ୍ଷା କରିଛୁ ।"





## ଶ୍ରମିକଙ୍କ ପାଇଁ 'ସୁରକ୍ଷିତ ପ୍ରବାସ ପ୍ରୋଟୋକଲ' ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସାଂସଦଙ୍କ ଅନୁରୋଧ

ବ୍ରହ୍ମପୁର,୧୫।୨(ମନ୍ଥନ): ଗଞ୍ଜାମ ଜିଲ୍ଲା ଲକ୍ଷ୍ମୀ ନାରାୟଣପୁର ଗ୍ରାମର ତିନିଜଣ ପ୍ରବାସୀ ଶ୍ରମିକ ତାମିଲନାଡୁରେ ଟୋରା ଚାଲାଣ ଏବଂ ଶୋଷଣର ଶିକାର ହେବା ଘଟଣାରେ ବ୍ରହ୍ମପୁର ସାଂସଦ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ ଆଜି ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଆନୁଷ୍ଠାନିକ ପତ୍ରରେ ଡଃ. ପାଣିଗ୍ରାହୀ ବ୍ରହ୍ମପୁର ପୋଲିସର ସକ୍ରିୟ ଭୂମିକାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସାଂସଦ କହିଛନ୍ତି ଯେ, ବ୍ରହ୍ମପୁର ଏସପି ସର୍ବଶ୍ରୀ ବିବେକ ଏମ୍. ଏବଂ ଦିଗହର୍ଷ ପୋଲିସ ଟିମ୍‌ର ସମୟୋଚିତ ପଦକ୍ଷେପ ଯୋଗୁଁ ତାମିଲନାଡୁରେ ଦୟନୀୟ ଅବସ୍ଥାରେ ଥିବା ଯୁବକ ମାନେ ଉଦ୍ଧାର ହୋଇପାରିଛନ୍ତି, ଯାହା ଆମ ରାଜ୍ୟର ପୋଲିସ ପ୍ରଶାସନର ଦକ୍ଷତାକୁ ପ୍ରମାଣିତ କରୁଛି। କେବଳ ତୁରନ୍ତ ଉଦ୍ଧାର ନୁହେଁ, ବରଂ 'ଦାଦନ ସମସ୍ୟା'ର ସ୍ଥାୟୀ ସମାଧାନ ଏବଂ ସଂସ୍କାର ପାଇଁ ଡଃ. ପାଣିଗ୍ରାହୀ ରାଜ୍ୟ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛନ୍ତି । ଏନେଇ ଡିଜିଟାଲ୍ ଟ୍ରାକିଂ ବା ପ୍ରବାସୀ ଶ୍ରମିକ ମାନଙ୍କ ପଞ୍ଜୀକରଣ ପାଇଁ ଏକ ବାଧ୍ୟତାମୂଳକ ରିଅଲ-ଟାଇମ୍ ପୋର୍ଟାଲ୍ ବ୍ୟବସ୍ଥା, ପ୍ରବାସୀ ସୁରକ୍ଷା ବୀମା ବା ଓଡ଼ିଶା ବାହାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବୀମା ସୁବିଧା, ପଞ୍ଚାୟତ ସଶକ୍ତୀକରଣ ବା ଶ୍ରମିକ କଣ୍ଟ୍ରାକ୍ଟର ମାନଙ୍କ ଯାଞ୍ଚ ଏବଂ ତଦାରଖ ପାଇଁ ସରପଞ୍ଚମାନଙ୍କୁ ଆଇନଗତ କ୍ଷମତା ପ୍ରଦାନ।



ମାନବ ଟୋରା ଚାଲାଣ ବିରୋଧୀ ସେଲ୍ ଆଇନ ନିଯୁକ୍ତି ଦାତାଙ୍କୁ ବ୍ଲାକ୍ଲିଷ୍ଟ କରିବା ପାଇଁ ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲ ଗୁଡିକରେ ସର୍ଭେଲାନ୍ସ ବା ନଜର ରଖିବା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ଭଳି ଉଚ୍ଚ ମାନର ବ୍ୟବସ୍ଥା ପାଇଁ ନିବେଦନ କରିଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛି, କିନ୍ତୁ ପ୍ରତିଟି ଓଡ଼ିଆ ଶ୍ରମିକଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ପ୍ରଣାଳୀଗତ ନିଯୁକ୍ତି ସୃଷ୍ଟି କରିବା ଏବଂ ଏକ 'ସୁରକ୍ଷିତ ପ୍ରବାସ ପ୍ରୋଟୋକଲ' (ଓଡ଼ିଶାର ପ୍ରବାସୀଶ୍ରମିକ ସୁରକ୍ଷା ଏବଂ ସମ୍ମାନ ରକ୍ଷା ମକ୍ଷ) ପ୍ରଣୟନ କରିବା ହିଁ ଦୀର୍ଘକାଳୀନ ସମାଧାନ ବୋଲି ଡଃ. ପାଣିଗ୍ରାହୀ ଗୁରୁତ୍ୱାରୋପ କରିଛନ୍ତି। ତେବେ ସାଂସଦ ଡ଼ା ପାଣିଗ୍ରାହୀଙ୍କ ଏହିଭଳି ଶ୍ରମିକ ହିତକର ପ୍ରସ୍ତାବକୁ ଶ୍ରମିକ ମାନଙ୍କ ସମେତ ବିଭିନ୍ନ ମହଲରେ ସ୍ୱାଗତ ଯୋଗ୍ୟ ବୋଲି କୁହାଯାଇଛି ।

## ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ

ଭୁବନେଶ୍ୱର, ୧୪।୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଭଜନ ସମାରୋହ ଲିଙ୍ଗରାଜଙ୍କ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଭଜନ ସମାରୋହ ୩୭ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଶୁକ୍ରବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାର ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନ୍ୟତମ ଉପସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ବାବୁଲି ସାମର୍ଥା, ଲିଟୁ ମହାସୁଆର, ନାରାୟଣ ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇ କହିଛନ୍ତି



ଯେ, ଚଳିତ ବର୍ଷ ୩୭ ବର୍ଷ ପୂର୍ତ୍ତି ହେଉଥିବାରୁ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଶିବରାତ୍ରି ମହୋତ୍ସବ ମହାସମାରୋହରେ ଅଧିକ ଯାକଜମକରେ ପାଳନ କରାଯିବ। ମୁମ୍ବାଇର ଖ୍ୟାତନାମା କଳାକାର ନୀତିନ ମୁକେଶ, କୁମାରୀ ଖୁସ୍‌ବୁ ତିୱାରୀ, ମିତୁସ ବର୍ଦ୍ଧନ, ଶଶିକାନ୍ତ ପୌଡ଼୍‌ୱାଲ, ଅମିତାବଚନ, କୋଲକତାର ତାନି, ମୁନି ଓ ପାର୍ଥ ପ୍ରତୀମ ଶାହା, ଛତିଶଗଡ଼ର ତାନିସ ବର୍ମା, ଉତ୍ତର ପ୍ରଦେଶର ବର୍ଦ୍ଧନ ସିଂଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ୩୦ରୁ ଉର୍ଦ୍ଧ୍ୱ ଖ୍ୟାତନାମା କଳାକାର ଶ୍ରୀଚରଣ, କୁମାର ବାପି, ସୌରଭ ନାୟକ, ସୁଶ୍ରୀ ଶୈଳଭାମା ମହାପାତ୍ର, ସୁଧାକର ମିଶ୍ର, ମାନସୀ ପାତ୍ର, ରବୀନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ବେହେରା, ପିନାକୀ ନାୟକ, ଅଞ୍ଜଳି ମିଶ୍ର, ଦିପ୍ତୀରେଖା ପାଢୀ, ଶ୍ରୀମତୀ କ୍ରିଷ୍ଣା ମିଶ୍ର, ଅରୂପା ଦାସ, ଦିବ୍ୟା ଦାସ ଓ ବିଷ୍ଣୁପ୍ରିୟାଙ୍କ ସହିତ ବିଶିଷ୍ଟ କଳାକାରମାନେ ଯୋଗଦେବେ।

ସେମାନେ କହିଥିଲେ ଯେ, ମହାଶିବରାତ୍ରି ଦିନ ଲିଙ୍ଗରାଜ ଭଜନ ମଣ୍ଡପରେ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ର ନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମ ଚରିତ ମାନସ ପରାୟଣ ଓ ପ୍ରବଚନ କରାଯିବା ପରେ ସନ୍ଧ୍ୟା ୭ ଘଟିକାରୁ ଭୋର ୫ଟା ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହେବ।

ଏହି ଉତ୍ସବରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ, ମାନ୍ୟବର ବିଧାୟକ, ସାଂସଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ସଙ୍ଗୀତ ଜଗତର ଖ୍ୟାତନାମା କଳାକାରମାନଙ୍କୁ 'ଏକାମ୍ରଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସେମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗ ମାନଙ୍କର ପ୍ରତିନିଧିମାନଙ୍କ ସମେତ କୋଷାଧକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ସାମ୍ବାଦିକ ଲିଙ୍ଗରାଜ ସାହୁ, ସୁଧୀର ରଞ୍ଜନ ଜେନା, ଗଣେଶ ପାଲ, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନଦଣ୍ଡ ଓ ବଜେଟ୍ ପ୍ରସଙ୍ଗ
## ଓଡ଼ିଶାର ପ୍ରଗତିକୁ ସହି ନ ପାରି ନିନ୍ଦୁକ ସାଜିଛି ବିଜେଡି : ବିଜେପି

ଭୁବନେଶ୍ୱର, ୧୫/୨ (ନି.ପ୍ର) : ସଂକଳ୍ପପତ୍ର ହେଉଛି ଆମ ପାଇଁ ଗୀତା ସଦୃଶ। ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଆମେ ଜାରି କରିଥିବା ସଂକଳ୍ପପତ୍ରର ସମସ୍ତ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ମାତ୍ର ୧୯ ମାସ ଭିତରେ ଆମେ ଦେଇଥିବା ଅର୍ଦ୍ଧାଧିକ ପ୍ରତିଶ୍ରୁତି ପାଳନ କରିସାରିଛୁ ଏବଂ ବାକି ଥିବା ପ୍ରତିଶ୍ରୁତିଗୁଡିକୁ ମଧ୍ୟ ଯଥା ସମୟ ଭିତରେ ପୂରଣ କରିବୁ। ଓଡ଼ିଶାବାସୀ ସେହି ସଂକଳ୍ପପତ୍ରକୁ ଗ୍ରହଣ କରିବା ପରେ ଦଳ ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ସେବା କରିବାର ସୁଯୋଗ ପାଇଛି। ଓଡିଶାକୁ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ ଗଢି ତୋଳିବା ପାଇଁ ବିକାଶମୂଳକ କାର୍ଯ୍ୟ ଦୃତ ଗତିରେ ଆରମ୍ଭ ହୋଇସାରିଛି । ଅନ୍ୟ ପଟେ ଓଡ଼ିଶାର ପ୍ରଗତିକୁ ସହି ନପାରି ବିଜେଡି ଏବେ ନିନ୍ଦୁକ ସାଜିଛି। ବିଜେଡି ଦୀର୍ଘ ୨୪ ବର୍ଷ ଧରି କ୍ଷମତାସୀନ ଥିଲେ ମଧ୍ୟ ଓଡ଼ିଶାର ବିକାଶ ପ୍ରତି ଆନ୍ତରିକତା ନଥିଲା ଏବଂ ସେମାନେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପରିବର୍ତେ ବର୍ଷ ବର୍ଷ ଧରି ରାଜ୍ୟବାସୀଙ୍କୁ ପ୍ରତାରଣା କରିଆସୁଥିଲେ, ଯାହା ବର୍ତମାନ ସେମାନେ ଭୁଲି ଯାଇଛନ୍ତି ସତ କିନ୍ତୁ ଓଡ଼ିଶାବାସୀ ଭୁଲିନାହାନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ବିଜେଡିର ଅଭିଯୋଗକୁ ନେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶାବାସିଙ୍କୁ ବିଭ୍ରାନ୍ତ କରିବା ହେଉଛି ବିଜେଡିର ଚରିତ୍ର। ବକ୍ତବ୍ୟ ଦେବା ପୂର୍ବରୁ ବିଜେଡି ନେତାମାନେ ତାଙ୍କ ଅତୀତକୁ ଭୁଲିଯାଉଛନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ଗତ ୨୦୧୮ ମସିହା ଏପ୍ରିଲ ୧୨ ତାରିଖରେ ଓଡ଼ିଶା ବିଧାନସଭାରେ ତତ୍କାଳୀନ କଂଗ୍ରେସ ବିଧାୟକ ଶ୍ରୀ କୈଳାସ ଚନ୍ଦ୍ର କୁଲେସିକାଙ୍କ ପ୍ରଶ୍ନର ଉତରକୁ ବିଜେଡି ସାଂସଦ କେମିତି ଭୁଲିଯାଉଛନ୍ତି।

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇବାକୁ ଯେଉଁ ମାନଦଣ୍ଡ ଆବଶ୍ୟକ ଓଡ଼ିଶା ତାହାକୁ ପୂରା କରୁନାହିଁ ବୋଲି ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ତତ୍କାଳୀନ ଯୋଜନା ଏବଂ ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ଉତର ରଖିଥିଲେ। ଏହାକୁ ଯଦି ବିଜେଡି ସାଂସଦ ଜାଣିପାରୁନାହାନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ : ବ୍ରହ୍ମପୁର ଏସପିସି ବିଜୟୀ

ଗଞ୍ଜାମ,୧୪।୨ (ନି.ପ୍ର): ଗଞ୍ଜାମ ନିକଟରେ ଅବସ୍ଥିତ ଗ୍ରାସୀମ କମ୍ପାନୀ ର ଆଦିତ୍ୟ ନଗର ଖେଳ ପଡ଼ିଆ ରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଗ୍ରାସୀମ ଟିମ ଏବଂ ବ୍ରହ୍ମପୁର ଏସ ପି ସି ବି ରୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ଏସ ପି ସି ବି ରୋ ଗ୍ରାସୀମ ଟିମ କୁ ଆ।୦ ରନ ରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ଟିମ ୧୨୮ ରନ କରିଥିଲେ। ଏହାର ଜବାବରେ ଗ୍ରାସୀମ ଟିମ ୧୨୦ ରନ କରିବାକୁ ସମର୍ଥ ହୋଇଥିଲା। ବ୍ରହ୍ମପୁର ଟିମ ର କ୍ୟାପଟେନ ଦୀପକ କୁମାର ସାହୁ ରହିଥିବା ବେଳେ ଗ୍ରାସୀମ ଟିମ ର



କ୍ୟାପଟେନ ଅଜୟ ଗୁପ୍ତା ରହିଥିବା ଜଣାପଡୁଛି। ଖେଳ ଦେଖିବା ପାଇଁ ବହୁ ଦର୍ଶକ ଙ୍କ ଭିଡ଼ ହୋଇଥିଲା।

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ
### 'ସାହିତ୍ୟ ଓ ସଂସ୍କୃତି ବିକଶିତ ସଭ୍ୟତାର ଲକ୍ଷଣ, ସତ୍ ସାହିତ୍ୟ ମଣିଷର ଆତ୍ମାର ସ୍ୱର ହୋଇଥାଏ' : ପଦ୍ମଭୂଷଣ ପ୍ରତିଭା ରାୟ

ଭୁବନେଶ୍ୱର, ୧୫।୨ (ନି.ପ୍ର): ଯେକୌଣସି ବିକଶିତ ସଭ୍ୟତା ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିଥାଏ । ସେହିପରି ସତ୍ ସାହିତ୍ୟ ସବୁବେଳେ ମଣିଷର ଆତ୍ମାର ସ୍ୱରକୁ ଉପସ୍ଥାପନ କରିଥାଏ। ଏହା ମଣିଷପଣିଆର ଜୟଗାନ କରେ । ପ୍ରକୃତ ସାହିତ୍ୟ ଯେତେ ପରୀକ୍ଷାନିରୀକ୍ଷା ହେଉ ମଧ୍ୟ ଚେତନା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରସିଦ୍ଧ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଉଲ୍ଲେଖ କରିଛନ୍ତି । ଆଜି ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ରାୟ କହିଲେ ଯେ ଆମ ସଂସ୍କୃତିରେ ବାର ମାସରେ ତେର ପର୍ବ ପରି ସାହିତ୍ୟ ପର୍ବ ଆଉ ଏକ ସଂଯୋଜନା। ସୁତରାଂ, ସାହିତ୍ୟ ପର୍ବରେ ଆମର ସାଂସ୍କୃତିକ ପରିଚୟକୁ ପ୍ରକାଶ କରିବା ନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ସେ ଆୟୋଜକ ଅନୁଷ୍ଠାନ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ ଲେଖକ ଓ ସ୍ତମ୍ଭକାର ଦାଶ୍ ବେହେନୁର ସାହିତ୍ୟର ଭୂମିକା ଓ ଲେଖକର ସାମାଜିକ ଦାୟିତ୍ୱଜ୍ଞତା ଉପରେ ଆଲୋକପାତ କରିଥିବାବେଳେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ବସନ୍ତ କୁମାର ପଣ୍ଡା ଓଡ଼ିଆ ସାହିତ୍ୟର ବିଶାଳ ପରମ୍ପରା ଓ ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଉଭୟ ଅତିଥି ଶ୍ରୀ ଦାଶ୍ ବେହେନୁର ଓ ପ୍ରଫେସର ପଣ୍ଡା



ସମକାଳୀନ ସାହିତ୍ୟିକମାନଙ୍କୁ ଅଧିକତର ଅଧ୍ୟୟନ ଓ ସମାଜନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ପାଣିଗ୍ରାହୀଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ପ୍ରଫେସର ଚକ୍ରଧର ବେହେରାଙ୍କୁ 'ଦିନନାଥ ପାଠୀ ଶିକ୍ଷୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'କବିତା-୨୦୨୫', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ଓ କୁମୁଦିନୀ ଜୀଙ୍କ ଲିଖିତ କବିତା ପୁସ୍ତକ 'ଘୁଙ୍ଘୁର କାହିଁକି ବାନ୍ଧିନି ମୁଁ' ଲୋକାର୍ପିତ ହୋଇଥିଲା । ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁବଲେଖକ ଅଂଶୁମାନ ସାହୁ ସଂଯୋଜନା କରିଥିଲେ । ସମ୍ପାଦିକା ସୋନାଲି ମହାପାତ୍ର ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ମୌସୁମୀ ଦାସ ଓ ଶୈଳେନ୍ଦ୍ର କୁମାର ଜେନା ମାନପତ୍ର ପାଠ କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନ ଉତ୍ସବ ପରେ ପରେ 'ଭାରତୀୟତା: ନୂଆ ସମୟ, ନୂଆ ଭୂମିକା' ପ୍ରସଙ୍ଗ ଉପରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରାକ୍ତନ ପ୍ରଶାସକ କଲ୍ୟାଣ ରାୟ, ସ୍ତମ୍ଭକାର ସୌମେନ୍ଦ୍ର ଜେନା ଓ ଲେଖିକା ନବଜ୍ୟୋତି ରାୟ ବକ୍ତବ୍ୟ ରଖିଥିବାବେଳେ ଅଧ୍ୟାପକ ନେତାଜୀ ଅଭିନନ୍ଦନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ନୃତ୍ୟଗୁରୁ ପଦ୍ମଶ୍ରୀ ଇଲିଆନା ସିତାରିସ୍ତିଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପ କରିଥିଲେ ବିଶିଷ୍ଟ ଲେଖିକା ଅଧ୍ୟାପିକା ହିରଣ୍ମୟୀ ମିଶ୍ର। ପରେ ପରେ ଭଏସ୍ ଆର୍ଟିଷ୍ଟମାନଙ୍କୁ ନେଇ 'ନେପଥ୍ୟରୁ ସ୍ୱର: କଣ୍ଠ କାରିଗର' ବିଷୟ ଉପରେ ବୃତ୍ତିଗତ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ସଂଗୀତକାର ଶରତ ନାୟକ, ଭଏସ୍ ଆର୍ଟିଷ୍ଟ ରାକ୍ଷୀ 'ଶ ଓ ସୁଧାକର ଦାସ। ଅପରାହ୍ଣରେ 'ଓଡ଼ିଆ ସଂଗୀତ ଓ ଲୋକସଂସ୍କୃତି' ପ୍ରସଙ୍ଗ ନେଇ ଅନୁଷ୍ଠିତ ଆଲୋଚନା ସଭାରେ ସୁଗାୟିକା ଡ. ଆଦ୍ୟାଶା ଦାସ, ସୁସ୍ମିତା ଦାସ, ମହାପ୍ରସାଦ କର ଓ ଅନିନ୍ଦିତା ଦାସ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ବିଶିଷ୍ଟ ସିନେ ସମୀକ୍ଷକ ଓ ଗବେଷକ ଡ.ସୂର୍ଯ୍ୟ ଦେଓ ସଂଚାଳନ କରିଥିଲେ ।

## କାମରେ ଆସୁନି ଶୌଚାଳୟ : ପ୍ରତିକାର ଦାବି



ବୁଗୁଡ଼ା, ୧୫।୨ (ନି.ପ୍ର): ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସଠାରୁ ଲୋକଙ୍କ କାମରେ ଆସୁନଥିବା ଜଣାଯାଇଛି । ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହେତୁ ଶୌଚାଳୟ ଲୋକଙ୍କ କାମରେ ଆସୁନି। ଶୌଚ ପାଇଁ ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପାଣି ପମ୍ପଟିକୁ ସଜାଡି ଶୌଚାଳୟରେ ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମ ଏନ୍‌ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ଲୋକେ ବାଧ୍ୟ ହୋଇ ଏଣେତେଣେ ପାଚେରୀକଡେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛିୟ ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିପଦଜ୍ଜନକ ଅବସ୍ଥାରେ ହୋର୍ଡ଼ିଂ ବୋର୍ଡ ଫ୍ରେମ୍, ପ୍ରତିକାର ଦାବି

ବୁଗୁଡ଼ା, ୧୫/୦୨ (ନି.ପ୍ର) : ବୁଗୁଡା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ରାସ୍ତା କଡସ୍ଥ ଏକ ହୋର୍ଡ଼ିଂ ବୋର୍ଡର ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଛି। ଫଳରେ କେତେବେଳେ କାହା ଉପରେ ପଡିଯିବାର ଭୟ ଘାରୁଛି। ଅନ୍ୟପକ୍ଷରେ ମୁଖ୍ୟ ସଡକ ସହ ସଂଯୁକ୍ତ



ରାସ୍ତା କଡରେ ଥିବା ଏହି ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଥିବାରୁ ସେହି ପଟରେ କୌଣସି ବଡ ଗାଡି ସହଜରେ ଯାତାୟତ କରିପାରୁନାହିଁ। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଏହି ସମସ୍ୟାଟି ରହିଥିବାରୁ ତାହାର କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ଯୋଗୁଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ, ଏନ୍‌ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟିଲେ ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର, ୧୫।୨ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ବ୍ଲକର ଘଡ଼ିଆ ମାଳ ପଞ୍ଚାୟତର ନୂଆଗାଁ ଗ୍ରାମର ଅଙ୍ଗନ୍ୱାଡ଼ି କେନ୍ଦ୍ରରେ ଦଳିତ ବର୍ଗର ସହାୟିକାକୁ କାର୍ଯ୍ୟନିର୍ବାହ କରିବାରେ ପ୍ରତିରୋଧ ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ଏହି ଅଙ୍ଗନୱାଡ଼ି କେନ୍ଦ୍ରରେ ଦଳିତ ବର୍ଗର ସହାୟିକା ନିଯୁକ୍ତିକୁ ବିରୋଧ କରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଚାଲିବାକୁ ଦିଆ ଯାଉନଥିଲା ଏବଂ ଏହି ସହାୟିକାଙ୍କୁ ସେଠାରେ କାର୍ଯ୍ୟ ନକରିବାକୁ ମଧ୍ୟ ଦାବି କରାଯାଉଥିଲା। ଏକ ଗଣତାନ୍ତ୍ରିକରାଷ୍ଟ୍ରରେଏଭଳି ଦାବିଏବଂ ଅସହଯୋଗ ଅଶୋଭନୀୟ। ଏକ ସରକାରୀବ୍ୟବସ୍ଥାଭିତରେଜାତି, ଧର୍ମ, ଛୁଆଁ ଅଛୁଆଁ ଭେଦଭାବରହିବା ଗଣତନ୍ତ୍ର ବିରୋଧି ବୋଲି ଯୁବକଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି।

## ମା' ସରସ୍ୱତୀ ଶିକ୍ଷା ମନ୍ଦିର ଓ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ର ମିଳିତ ସହଯୋଗରେ ମାତୃ ପିତୃ ପୂଜନ ଦିବସ ପାଳିତ

କଟକ, ୧୫।୨ (ନି.ପ୍ର): ଆଜି ମାଛୁଆ ବଜାର ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଅଷ୍ଟାଦଶ ବାର୍ଷିକ ମାତୃ ପିତୃ ଦିବସ ମୋହନ ମଣ୍ଡପ ଠାରେ ପାଳିତ ହୋଇଯାଇଛି । ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସଭାପତି ଶିବ ହାତୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରମେଶଚନ୍ଦ୍ରନାୟକ ,ସମ୍ମାନିତ ଅତିଥି ଶ୍ରୀଯୁକ୍ତ ବଟ କୃଷ୍ଣ ଦାସ ଏବଂ କଟକ ର ଭବହବକ୍ସବଭଶ ଦଳର ଉଚ କର୍ମ କର୍ତ୍ତା ଯୋଗଦେଇ ଶୁଭ ଉଦ୍ଘାଟନ କରିଥିଲେ । ସମ୍ପାଦକ ଶ୍ରୀଯୁକ୍ତ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ରଶ୍ମିତା ସୁତାର ଧନ୍ୟବାଦ



ଅର୍ପଣ କରିଥିଲେ ଯଉକ୍ତ ଉତ୍ସବରେ ୧୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ସହକାରୀ ଆଚାର୍ଯ୍ୟା ଲୋପାମୁଦ୍ରା ସାହୁ, ନମିତା କୁମାରୀ ବେହେରା,ସୋନାଲିଶା ବାରିକ, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ ,ମଧୁସ୍ମିତା ସାହୁ ଓ ସେବିକା ଜୟନ୍ତୀ ସାହୁ, ଉକ୍ତ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ସମ୍ପାଦନ କରିଥିଲେ।

### କାଳ ସାଜିଛି ମୁକୁଳା ଡ୍ରେନ
## ଆହତ ହେଉଛନ୍ତି ଗୃହପାଳିତ ପଶୁ

ଖଣ୍ଡପଡ଼ା, ୧୫/୨ (ନି.ପ୍ର): ଖଣ୍ଡପଡ଼ା ଏନଏସି ଅଧୀନ ବିଭିନ୍ନ ସ୍ଥାନରେ ଡ୍ରେନ ଗୁଡ଼ିକ ମୁକୁଳା ଅବସ୍ଥାରେ ଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ କାଳ ସାଜିଥିବା ନେଇ ଅଭିଯୋଗ ହୋଇଛି । ଏନଏସି ଅଧୀନ ଏକାଧିକ ୱାର୍ଡରେ ଶହ ଶହ ମିଟର ଡ୍ରେନ ମୁକୁଳା ପଡିଥିବା ବେଳେ ବିଭିନ୍ନ ସମୟରେ ଡ୍ରେନରେ ପଡି ଆହତ ହେଉଛନ୍ତି ଗୃହପାଳିତ ପଶୁ। ତେବେ ଖୋଲା ଅବସ୍ଥାରେ ପଡ଼ି ରହିଥିବା ଡ୍ରେନ ଗୁଡ଼ିକ ଉପରେ ସ୍ଲାବ ପକାଇବା ନିମନ୍ତେ ଏନଏସି କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସହରାଞ୍ଚଳର ମେଡିକାଲ ଛକ ଠାରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ରହିଥିବା ଡ୍ରେନ ଉପରେ ଦୀର୍ଘଦିନ ଧରି ସ୍ଲାବ୍



ନପଡ଼ିବା ଯୋଗୁଁ ସେଗୁଡ଼ିକ ମୁକୁଳା ଅବସ୍ଥାରେ ରହି ପଥଚାରୀ ଏବଂ ଗାଈ ଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଗତକାଲି ଏନଏସି କଲ୍ୟାଣ ମଣ୍ଡପ ସମ୍ମୁଖ ଡ୍ରେନରେ ଏକ ଗାଈ ପଡିଥିବା ଦେଖିବାକୁ ମିଳିଥିଲା। ମୁକୁଳା ଡ୍ରେନ ଯୋଗୁଁ ଗାଈଟି ପଡି ଛଟପଟ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ଉଦ୍ଧାର ସମୟରେ ଅଗ୍ନିଶମ ବାହିନୀକୁ ମୁକୁଳା ଡ୍ରେନ ପାଇଁ ନାକେଦମ ହେବାକୁ ପଡିଛି। ସେହିପରି ମୁକୁଳା ଅବସ୍ଥାରେ ରହିଥିବା କାରଣରୁ ବାରମ୍ବାର ଗାଈ ଗୋରୁ ମାନେ ଡ୍ରେନ ମଧ୍ୟରେ ପଡ଼ି ଗୁରୁତର ଆହତ ହେଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ସମସ୍ୟା ସମାଧାନ ନ ହେଲେ ଏନଏସି ଅଫିସ ଘେରାଉ କରିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୁସଲାଡ଼ ଓ ବୁଢ଼ୀପଦର ଗାଁରେ ଛେଳି ପାଳନ ସମ୍ବନ୍ଧୀୟ ତାଲିମ ଶିବିର



ବଙ୍ଗୋମୁଣ୍ଡା,୧୪।୦୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭୁଷଲାଡ ଗ୍ରାମ ର ଉତ୍ପାଦକ ଗୋଷ୍ଠୀର ଛେଳି ପାଳନ କରୁଥିବା ମହିଳା ଚାଷୀ ଙ୍କୁ ନେଇ ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ ତରଫରୁ ଗ୍ରୀନ କଲେଜ ପ୍ରକଳ୍ପ ମାଧ୍ୟମ ରେ ତିନି ଦିନ ବ୍ୟାପି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲିମଦାତ୍ରୀ ନମିତା ତାଣ୍ଡି ଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ମୁଖ୍ୟତଃ ଛେଳି ମାନଙ୍କୁ ହେଉଥିବା ବିଭିନ୍ନ ରୋଗ ଓ ଘରୋଇ ଉପଚାର ବିଷୟ ରେ ବିଷଦ୍ ଭାବରେ ବୁଝାଇଥିଲେ। ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ ତରଫରୁ ପଶ୍ଚିମ ଓଡିଶା ର କାର୍ଯ୍ୟକ୍ରମ ସଂଯୋଜକ ସ୍ମରଣିକା ପାଢ଼ୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏହି ତାଲିମ ରେ ଓଡିଶା ଜୀବିକା ମିଶନ ବଙ୍ଗୋମୁଣ୍ଡା ବି.ପି.ଏମ୍ ଡ଼ଃ ସତ୍ୟପ୍ରିୟ ବେହେରା ଯୋଗଦେଇ ଛେଳି ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶ୍ରମିକ ଶକ୍ତିସଂଘ ର ଆଞ୍ଚଳିକ ସଂଯୋଜକ ସୁମନ୍ତ ମହାପାତ୍ର , କୈବଲ ପୁଟେଲ ଓ ସମିର ମହାରଣା,ବ୍ଲକ ସଂଯୋଜକ ଗୁରୁ ଗୋବିନ୍ଦ ସିଂ ମାଝୀ ମଧ୍ଯ ଅଂଶଗ୍ରହଣ କରିଥିଲେ । ଝରିଆଲ ପଂଚାୟତ ର ବୁଢିପଦର ଗ୍ରାମ ରେ ମଧ୍ଯ ଉତ୍ପାଦକ ଗୋଷ୍ଠୀର ଛେଳି ଚାଷୀମାନଙ୍କୁ ନେଇ ତିନି ଦିନ ବ୍ୟାପି ଉକ୍ତ ତାଲିମ ପ୍ରଦାନ କରାଯାଇଛି ।ଏଥିରେ ବହୁ ଛେଳି ଚାଷୀ ମାନେ ସାମିଲ ହୋଇଥିଲେ ।

### ୩ ବର୍ଷ ହେବ ଦୟନୀୟ ଅବସ୍ଥାରେ ବିଜୁ ସେତୁ ଆପ୍ରୋଚ ରାସ୍ତା
## ତୁରନ୍ତ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

ଖଣ୍ଡପଡ଼ା, ୧୫/୨ (ନି.ପ୍ର): ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ଅଧୀନ ଗିରିଡିପଲ୍ଲୀ ଗ୍ରାମରେ ଥିବା ବିଜୁ ସେତୁ ଆପ୍ରୋଚ ରୋଡ ଏବେ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ କୁଆଁରିଆ ନଦୀରେ ଏକ ବିଜୁ ସେତୁ ନିର୍ମାଣ ନିମନ୍ତେ ୨୦୧୯ ମସିହାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାୟ ୬ କୋଟି ୩୨ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇ କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୋଟ ୩୦ମିଟର ଲମ୍ବ ଓ ପ୍ରାୟ ୮ମିଟର ପ୍ରସ୍ଥ ବିଶିଷ୍ଟ ଏହି ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ କରାଯାଇଥିଲା। ଏହାଦ୍ୱାରା ସଂପୃକ୍ତ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୁରଣ ହେବା

ସହ ସେମାନଙ୍କ ଯାତାୟାତର ସମସ୍ୟା ସମାଧାନ ହେବା ନେଇ ଆଶା ସଂଚାର ହୋଇଥିଲା। ମାତ୍ର ୩ ବର୍ଷ ହେବ ସେତୁ ନିର୍ମାଣ ସରିଥିଲେ ସୁଦ୍ଧା ଆପ୍ରୋଚ ରୋଡ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ଗିରିଡ଼ିପଲ୍ଲୀ ଓ ମଙ୍ଗରାଜପୁରକୁ ସଂଯୋଗ କରିବା ପାଇଁ ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପର ଆପ୍ରୋଚ ରୋଡ ଶୋଚନୀୟ ହୋଇପଡିଥିବାରୁ ବର୍ଷା ହେଉ କି ଖରା ଲୋକେ ନାନା ସମସ୍ୟାରେ ପଡୁଥିବା

ଅଭିଯୋଗ ହୋଇଛି। ଉକ୍ତ କଂକ୍ରିଟ ରାସ୍ତା ଦୀର୍ଘବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ବେଳେ ଏବେ ସଂପୂର୍ଣ୍ଣ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ତେବେ ଲକ୍ଷାଧିକ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କରାଯାଇଥିବା ବେଳେ ମାତ୍ର ୨ ଶହ ମିଟର ରାସ୍ତାକୁ କିନ୍ତୁ ନିର୍ମାଣ କରାଯାଇନଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗରାଜପୁର ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଏକାଧିକ ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ଯାଏଁ ସୁଫଳ ମିଳିପାରିନାହିଁ। ଫଳରେ ବର୍ଷାଦିନ ନୁହେଁ ବର୍ଷତମାମ ମଙ୍ଗରାଜପୁର ସମେତ ଆଖପାଖ ଅଞ୍ଚଳର ଏକାଧିକ ଗାଁର ଲୋକେ ସମସ୍ୟା ଭୋଗୁଛନ୍ତି। ଏପରିକି ମଣ୍ଡିରେ ଧାନ ଦେବାକୁ ନେଇ ନାନା ସମସସ୍ୟା

ଉପୁଜିଥିବା ନେଇ ଅଭିଯୋଗ କରିଛନ୍ତି ଶତାଧିକ ଗ୍ରାମବାସୀ। ବିଶେଷକରି ଅଣଓସାରିଆ ରାସ୍ତାରେ ମଣ୍ଡିକୁ ଧାନ ନେବାରେ ନାନା ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି କିଆଝର ପଞ୍ଚାୟତର ଜନପ୍ରତିନିଧି। ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ମଙ୍ଗରାଜପୁର ପାଖରୁ ଆପ୍ରୋଚ ରୋଡ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ଶୈବପୀଠ ଚଳଚଞ୍ଚଳ

ଖଣ୍ଡପଡା, ୧୫/୨(ନିପ୍ର): ଖଣ୍ଡପଡା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ସହ ଜାଗର ଯାତ୍ରା ମହାସମାରୋହରେ ପାଳିତହୋଇଯାଇଛି । ଭକ୍ତମାନେ ମନ୍ଦିରରେ ସାରା ରାତ୍ରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବ ଆରାଧନା ବ୍ରତ ପାଳନ କରୁଥିବାରୁ ଏହା ମହାଶିବରାତ୍ରି ବା ଜାଗରଯାତ୍ରା ରୂପେ ପ୍ରସିଦ୍ଧ । ବ୍ଲକର



ବିଭିନ୍ନ ଶୈବପୀଠ ରେ ସକାଳୁ ସକାଳୁ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଖଣ୍ଡପଡା ଏନଏସି ଅନ୍ତର୍ଗତ ବନ୍ଧ ବିମଳେଶ୍ୱର ମହାଦେବ ମନ୍ଦିର,ବନମାଳିପୁର ସୋମନାଥ ମନ୍ଦିର, ବାସୁଦେବପୁର କପିଳେଶ୍ୱର, ଖଳିସାହି ନିଳକଣ୍ଠେଶ୍ୱର ,ବାରାପଲ୍ଲୀ ଝାଡେଶ୍ୱର ମନ୍ଦିର ରେ ସନ୍ଧ୍ୟାରେ ମାନସିକ ଧାରୀ ଶହ ଶହ ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳିଛନ୍ତି । ଜଗନ୍ନାଥପ୍ରସାଦ ବାଙ୍କନାଥ ଦେବ ଏବଂ ବୋଦସା ବାଲୁଙ୍କେଶ୍ୱର ଦେବ ପୀଠରେ ଆଜିଠାରୁ ତିନିଦିନ ବ୍ୟାପୀ ଜାଗର ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ଗ୍ରାମବାସୀ ସୂଚନା ଦେଇଛନ୍ତି । ବିଭିନ୍ନ ଶୈବପୀଠ ରେ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ,ଶିବ ସହସ୍ର ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସହଯୋଗର ହାତ ବଢ଼ାଇଲେ ଶିଳ୍ପ ମନ୍ତ୍ରୀ



ପାରାଦୀପ - ପାରାଦୀପ ମୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ ରେ ଭୟାବହ ଅଗ୍ନିକାଣ୍ଡ ରେ ସର୍ବସ୍ୱ ହରାଇଥିବା ପରିବାର ପାଖରେ ପହଞ୍ଚି ସାନ୍ତ୍ୱନା ଜଣାଇବା ସହିତ ସହଯୋଗ ର ହାତ ବଢ଼ାଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ବୃନ୍ଦାବନ କଲୋନୀ ରେ ଭୟାବହ ଅଗ୍ନିକାଣ୍ଡ ଘଟି ଚାରି ବଖରା ଘର ସମେତ ସମସ୍ତ ଆସବାବପତ୍ର, ବାଇକ ଜଳିପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ ରହିଥିବା ବେଳେ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ ର ତିନିଗୋଟି ନିଆଁଲିଭା ଗାଡି ନିଆଁ କୁ ଦୀର୍ଘ ସମୟ ଧରି ଚେଷ୍ଟା କରି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି । ଶୁକ୍ରବାର ରାତି ପାଖାପାଖି ଆଠଟା ସମୟରେ ହଠାତ ବୃନ୍ଦାବନ କଲୋନୀ ରେ ରହୁଥିବା ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁଙ୍କ ଘରେ ନିଆଁ ଲାଗିଯାଇଥିଲା । ନିଆଁର ପ୍ରଭାବ ଏତେ ରହିଥିଲା ଚାହୁଁଚାହୁଁ ସମଗ୍ର ଘରକୁ ବ୍ୟାପି ଯାଇଥିଲା । ସ୍ଥାନୀୟ ଲୋକ ଦୌଡ଼ାଦୌଡ଼ି କରି ପାଣି ପକାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡି ନ ଥିଲା । କିଛି ସମୟ ମଧ୍ୟରେ ଚାରିବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଖବର ପାଇ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ ର ତିନିଗୋଟି ନିଆଁଲିଭା ଗାଡି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ ।ଏହି ଅଗ୍ନିକାଣ୍ଡ ରେ ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁ ଙ୍କ ୪ ବଖରା ଘର ସହିତ ସମସ୍ତ ଆସବାବପତ୍ର ଓ ଗୋଟିଏ ବାଇକ ସମ୍ପୂର୍ଣ ଜଳିଯାଇଛି । ଏହି ଦୁଃଖଦ ଖବର ପାଇବା ପରେ ଆଜି ଶିଳ୍ପମନ୍ତ୍ରୀ ଅଗ୍ନିକାଣ୍ଡ ରେ ସର୍ବସ୍ୱ ହରାଇଥିବା ପରିବାର ପାଖରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଜଣାଇବା ସହିତ ସହଯୋଗ ର ହାତ ବଢ଼ାଇଛନ୍ତି । ସରକାରଙ୍କ ତରଫରୁ ଅଗ୍ନିବିପନ୍ନ ମାନଙ୍କ ପାଇଁ ରହିଥିବା ବିଭିନ୍ନ ସହାୟତା ରାଶି କିପରି ଉକ୍ତ ପରିବାର ପାଖରେ ପହଞ୍ଚିବ ଏ ନେଇ ଯଥାଶୀଘ୍ର ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଶିଳ୍ପମନ୍ତ୍ରୀ ଙ୍କ ସହିତ ସ୍ଥାନୀୟ ପାରିଷଦ ସୁବ୍ରତ ପ୍ରଧାନ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବ ?ଶ୍ୱର ବଳିୟାର ସିଂ ଓ ସ୍ଥାନୀୟ ବାସିନ୍ଦା ଦୁଃସମୟ ରେ ଗତି କରୁଥିବା ପରିବାର ଲୋକଙ୍କୁ ସାନ୍ତ୍ୱନା ଜଣାଇଛନ୍ତି ।

# ତହସିଲଦାରଙ୍କୁ ଦୁର୍ବ୍ୟବହାର ବିଭିନ୍ନ ମହଲରେ ନିନ୍ଦା



ରାଜଗାଙ୍ଗପୁର, ୧୫।୨(ନି.ପ୍ର.): ରାଜଗାଙ୍ଗପୁର ସହର ରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶାନ୍ତି ପୁର୍ଣ୍ଣ ବନ୍ଦ ପାଳନ ସମୟରେ ବିଭିନ୍ନ କଳକାରଖାନା ବିଜୁ ରାଜ୍ୟ ରାଜପଥ ରାଣିବନ୍ଧ ଠାରେ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଥିଲା । ରାଜଗାଙ୍ଗପୁର ସହରର ସମସ୍ତ ଦୋକାନ ବଜାର ଯାନ ଚଳାଚଳ ସାଧାରଣ ନାଗରିକଙ୍କ ଜୀବନ ଯାପନ ଉପରେ କୌଣସି ପ୍ରଭାବ ପଡ଼ିନଥିଲା ମାତ୍ର ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ର ନେତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କାର୍ଯ୍ୟରତ ଅଧିକାରୀ କର୍ମଚାରୀ ଙ୍କୁ କାର୍ଯାଳୟ ରୁ ବାହାର କରିବା ସହ ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ ଜରୁରୀ କାର୍ଯ୍ୟରେ ନିଜ ପ୍ରକୋଷ୍ଠରେ ଯିବା ସମୟରେ ଦୁର୍ବ୍ୟବହାର ଓ ଅପମାନିତ କରିବା ସହ କାର୍ଯଳୟ ରେ ଯିବାକୁ ବାରଣ କରିବାରୁ ତହସିଲଦାର ସେଠାରୁ ଫେରିଯାଇଥିଲେ ଉକ୍ତ ଘଟଣା କୁ ନେଇ ତହସିଲଦାର ଜଗବନ୍ଧୁ ମଲ୍ଲିକ ଏହାର କଡ଼ା ବିରୋଧ କରି ସମଗ୍ର ରାଜଗାଙ୍ଗପୁର ସହର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଖୋଲା ଥାଇ ମଧ୍ୟ କେବଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଅଭିଯୋଗ କରିଥିଲେ ଘଟଣା ସମ୍ପର୍କରେ ଆଇନ ର ଦ୍ୱାରସ୍ଥ ହେବେ ବୋଲି ସୁଚନା ଦେଇଥିଲେ ।

# ପାରାଦୀପରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦଘାଟନ କଲେ ଶିଳ୍ପ ମନ୍ତ୍ରୀ

ପାରାଦୀପ, ୧୫।୨(ନି.ପ୍ର.):- ପାରାଦୀପ ପୌରପାଳିକା ର ବିଭିନ୍ନ ୱାର୍ଡ ରେ ଏକାଧିକ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉଦଘାଟନ କରିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ସର୍ବପ୍ରଥମେ ପାରାଦୀପ ପୌରପାଳିକା ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ବଡ଼ପଡ଼ିଆ ବଜାର ଠାରେ ରହିଥିବା ଦୁର୍ଗାମଣ୍ଡପ ଠାରେ ମା ଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ମା ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ଶିଳ୍ପମନ୍ତ୍ରୀ । ପରେ ନିକଟରେ ନୂତନ କରି ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର୍ ଏବଂ ଗୋଷ୍ଠୀ ଶୌଚାଳୟର ଉଦ୍ ?ଘାଟନ କରିବା ସହ ମା' ଦୁର୍ଗାଙ୍କ ମନ୍ଦିର ପରିସରରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ଏବଂ ଆଗକୁ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ଥିବାରୁ ପଥଚାରୀ ତଥା ଜନସାଧାରଣଙ୍କୁ ନିରନ୍ତର



ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଏହା ସହାୟକ ହେବ । ଗୋଷ୍ଠୀ ଶୌଚାଳୟ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପ୍ରତି ସ୍ଥାନୀୟ ପ୍ରଶାସନ ର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ ବୋଲି କହିଛନ୍ତି ଶିଳ୍ପମନ୍ତ୍ରୀ । ସେହିପରି ପାରାଦ୍ୱୀପ ପୌରପାଳିକା ଅନ୍ତର୍ଗତ ଷଣ୍ଢକୁଦ ଠାରେ ୧୭, ୧୮ ଓ ୧୯ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି ଶିଳ୍ପମନ୍ତ୍ରୀ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ସହଜ ଓ ସୁଗମ ହୋଇପାରିବ । ଏହାଦ୍ୱାରା ଗ୍ରାମୀଣ ସଡ଼କ ଭିତ୍ତିଭୂମି ସୁଦୃଢ ହେବା ସହିତ ପାରାଦୀପ ଉପକଣ୍ଠ ରେ ରହିଥିବା ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସହିତ ଅନେକ ଗାଁ ତଥା ପଞ୍ଚାୟତର ବିକାଶ ରେ ଏହି ରାସ୍ତା ସହାୟକ ହେବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି ଶିଳ୍ପମନ୍ତ୍ରୀ ।

# ବବିତା ପ୍ରଧାନ ବିଜୁ ମହିଳା ଜିଲ୍ଲା ସଭାପତି

ଅନୁଗୋଳ, ୧୫।୨(ନି.ପ୍ର.): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଅନୁମୋଦନ କ୍ରମେ ଅନୁଗୋଳ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ଭାବରେ ନିଯୁକ୍ତି ହୋଇଥିବା ଶ୍ରୀମତୀ ବବିତା ପ୍ରଧାନଙ୍କୁ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ମାନ୍ୟବର ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ,



ପୂର୍ବତନ ବିଧାୟକ ଅନୁଗୋଳ ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା, ପୂର୍ବତନ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ଉପ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଦଳ ଅନ୍ୟ ନେତୃବୃନ୍ଦ ଗଣ ସାକ୍ଷାତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଆପଣଙ୍କ ନେତୃତ୍ୱ, ନିଷ୍ଠା ଓ ଦଳର ସାଙ୍ଗଠନିକ କାର୍ଯ୍ୟପ୍ରତି ସମର୍ପଣ ଦଳକୁ ଆହୁରି ସୁଦୃଢ଼ କରିବା ସହିତ ମହିଳା ସଶକ୍ତିକରଣ ଓ ସାମାଜିକ ଉନ୍ନତିରେ ଆପଣମାନଙ୍କ ଭୂମିକା ଉଲ୍ଲେଖନୀୟ ହେବ ।

# ଟମାଣ୍ଡୋ ଭୁବନେଶ୍ୱର ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଫାଇନାଲରେ

ଅନୁଗୋଳ, ୧୫।୨: ଗୋଡମରା ଖେଳ ପଡ଼ିଆ ଠାରେ ୧୩ତମ ସର୍ବ ଭାରତୀୟ ଏ.ପି. ସିଂହ ମେମୋରିଆଲ ଏବଂ ୩୩ତମ ମା ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏନ୍ଆରସିଏ ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଏନ ଆର ସି ଏ ଦଳକୁ ପରାସ୍ତ କରି ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ପ୍ରବେଶ କରିଛନ୍ତି । ଆସନ୍ତା ୧୫ ତାରିଖ ଦିନ



ଟମାଣ୍ଡୋ ଭୁବନେଶ୍ୱର ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ମଧ୍ୟରେ ଚିତ୍ତାକର୍ଷକ ଏବଂ ରୋମାଞ୍ଚକର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ର ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ । ଏଥି ସହିତ ପୂର୍ବତନ ବିଧାୟକ ପାଲ୍ଲହଡା ମୁକେଶ ପାଳ ଏବଂ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ । ଅନୁଗୋଳ ବ୍ଲକ ବିଜେଡ଼ି ସଭାପତି ତଥା ସରପଞ୍ଚ କୁମୁରିସିଂହା ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ବିଜେଡ଼ି ସମ୍ପାଦକ ଶ୍ରୀ ଅଜିତ ଦ୍ୱିବେଦୀ, କାଉନସିଲର ଶ୍ରୀ ସଦାନନ୍ଦ ପଣ୍ଡା, କାଉନସିଲର ଶ୍ରୀ ସୁଶିଲ ମୁଖୀ, କାଉନସିଲର ରଞ୍ଜିତ ମାଣ୍ଡେଠିଆ, ଯୁବ ବିଜେଡ଼ି ନେତା ରଶ୍ମିରଞ୍ଜନ ସାମଲ, ଯୁବ ବିଜେଡ଼ି ନେତା ଅଶୋକ ସାହୁ, ବରିଷ୍ଠବରିଷ୍ଠ ନେତା ନୀଳକଣ୍ଠ ସାହୁ, ସମାଜସେବୀ ରାଜା ନାଥ, ସମାଜସେବୀ ବିଶ୍ୱଜିତ୍ ନାଥ, ସତ୍ୟ ପ୍ରକାଶ ମିଶ୍ର, ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । MBCC କ୍ଲବ୍ ସଭାପତି ସୁବାଷ ଚନ୍ଦ୍ର ପଟ୍ଟନାୟକ, ଯୁବ ନେତା ଅରୁଣାଭ ସିଂହ ଏବଂ ସମସ୍ତ କ୍ଲବ ସଦସ୍ୟ ଖେଳ ପରିଚାଳନା କରିଥିଲେ ।

# ଚାଷୀଙ୍କୁ ପ୍ରୋତ୍ସାହନ ଦେଲା ଜେଏସଡବ୍ଲୁ ଉତ୍କଳ ଷ୍ଟିଲ

ପାରାଦୀପ - ପାରାଦୀପ ପ୍ରକଳ୍ପ ନିକଟସ୍ଥ ହିତାଧିକାରୀଙ୍କ ମଧ୍ୟରେ ଜେ ଏସ ଡବ୍ଲୁ ଉତ୍କଳ ଷ୍ଟିଲ ଜୀବିକା କାର୍ଯ୍ୟକ୍ରମ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଛି । ଜଗତସିଂହପୁର ଜିଲ୍ଲାରେ, କମ୍ପାନୀର ସିଏସଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପ ମୁଖ୍ୟତଃ ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ନିକଟବର୍ତ୍ତୀ ଗ୍ରାମ ମାନଙ୍କ ଅଗ୍ରଗତି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଛି ଧ୍ୟାନ ।

କୃଷକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ, କୃଷି ବିଜ୍ଞାନ କେନ୍ଦ୍ରୀୟ ବୈଜ୍ଞାନିକ ବିଶେଷଜ୍ଞଙ୍କ ସହାୟତାରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଇଛି । ଏହି ପଦକ୍ଷେପଗୁଡ଼ିକ କୃଷି ଉତ୍ପାଦର ଉତ୍ପାଦନ ଏବଂ କିସମ ସମ୍ପର୍କରେ ଚାଷୀ ଏବଂ ମହିଳା ହିତାଧିକାରୀଙ୍କ ଜ୍ଞାନକୁ ଯଥେଷ୍ଟ ଉନ୍ନତ କରିଛି ।

ଉଲ୍ଲେଖନୀୟ ଯେ, ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ, ପ୍ରାୟ ୧୩୦୦ ଚାଷୀଙ୍କୁ ଧାନ ଚାଷ ପାଇଁ କମ୍ପାନୀ ପକ୍ଷରୁ ବିହନ ଏବଂ ସାର ଯୋଗାଇ ଦିଆଯାଇଛି । ୨୦୨୨ ମସିହାରୁ,ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଏରସାମା ବ୍ଲକର ଢିଙ୍କିଆ ନିକଟରେ କମ୍ପାନୀର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକୁ ବିକଳ୍ପ ଜୀବିକା ସୁଯୋଗ ପ୍ରଦାନ କରିବା ପାଇଁ ଜିଲ୍ଲାରେ ଏକ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ।ଏହି ପ୍ରକଳ୍ପ ଅଧୀନରେ, ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଟିମ ନିଯୁକ୍ତ କରାଯାଇଛି, ଯାହା ଦ୍ୱାରା ଅଂଶଗ୍ରହଣମୂଳକ ଭାବରେ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ ଏବଂ କାର୍ଯ୍ୟକାରୀ କରାଯାଇପାରିବ । ଗତ ତିନି ବର୍ଷ ମଧ୍ୟରେ, ୩ ହଜାରରୁ ଉର୍ଦ୍ଧ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନ, ଭୌତିକ ଇନପୁଟ୍, ବଜାର ସଂଯୋଗ ଏବଂ ଧାନ ଚାଷ, ପନିପରିବା ଚାଷ ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦନ କାର୍ଯ୍ୟକଳାପ ସମେତ ଉନ୍ନତ ପ୍ରଣାଳୀ କୃଷି ପଦ୍ଧତି ସହାୟତା ପ୍ରଦାନ କରାଯାଇଛି ।

ଏହି ପରିପ୍ରେକ୍ଷୀରେ, ମା' ରାମଚଣ୍ଡୀ କୃଷକ କଲ୍ୟାଣ ସମିତିର ସଭାପତି ରଞ୍ଜନ ସ୍ୱାଇଁ



କହିଛନ୍ତି ଯେ ଯେତେବେଳେ ସେମାନେ ଜୀବିକା ହରାଇଲେ, ସେମାନେ ବିକଳ୍ପ ଭାବରେ ଧାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ । ଏ ବାବଦରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ କର୍ତ୍ତୃପକ୍ଷ ସ୍ୱାଗତ କରିବାସହ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରିଥିଲେ । ନୂତନ ଜ୍ଞାନ ଏବଂ ଦକ୍ଷତା ମାଧ୍ୟମରେ, ସେମାନେ ଏବେ ୪୦ ଏକର ଜମିରେ ଧାନ ଚାଷ କରିବାସହ, କୀଟ ଏବଂ ରୋଗ ନିୟନ୍ତ୍ରଣରେ ମଧ୍ୟ ଉନ୍ନତି ଆସିଛି । ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜେଏସଡବ୍ଲୁ ସେମାନଙ୍କର ପୂର୍ବ ଜୀବିକାକୁ ଏକ ନୂତନ ଜୀବନ ଆଲୋକ ପ୍ରଦାନ କରିଛି ।

# ଗୌରଗୋଠ, ଅର୍ଜ୍ଜୁନପୁର ଲୋକଙ୍କୁ ଭେଟି ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର, ୧୫।୨(ନି.ପ୍ର.): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନପୁର ପଂଚାୟତର ଅଇଁଲାପାଲି ଓ ଗୌରଗୋଠ ପଂଚାୟତର ଗୌରଗୋଠ ଠାରେ ସ୍ଥାନୀୟ ଲୋକମାନଙ୍କ ସହିତ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ପବିତ୍ର ଶିବରାତ୍ରୀ ଉପଲକ୍ଷେ ଶ୍ରୀ ମିଶ୍ର ପ୍ରଥମେ ଏହି ଅଂଚଳରେ ଅନୁଷ୍ଠିତ ବିଭିନ୍ନ ଦେବାଳୟ ବୁଲି ମହାପ୍ରଭୁ ମହାଦେବଙ୍କର ଆଶିର୍ବାଦ ଲାଭ କରି ଅଂଚଳ ପାଇଁ ଶୁଭକାମନା କରିଥିଲେ । ଅଇଁଲାପାଲି ଗୌରଗୋଠ ଠାରେ ସ୍ଥାନୀୟ ଲୋକଙ୍କ ପାଖକୁ ଯାଇ ସେମାନେ ସମ୍ମୁଖିନ ହେଉଥିବା ସମସ୍ୟା ଉପରେ ଲୋକଙ୍କ ଠାରୁ ଶୁଣିଥିଲେ । ଧାନକିଣା ସମସ୍ୟା ଫେବୃୟାରୀ ମାସ ଅଧା ଚାଲିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସମସ୍ତ ଧାନ ଉଠିପାରିନାହିଁ । ଯାହା କିଛି ବି ଯାଇଛି ସେଥିରୁ କଟନି ଛଟନି ଦେବାର ଅଭିଯୋଗ ସମସ୍ତ ଚାଷି କରୁଛନ୍ତି । ଆହୁରି ମଧ୍ୟ ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଚାର, ମହୁଲ ର ଦରଦାମକୁ ନେଇ ଅନେକ ବର୍ଷରୁ ଅସନ୍ତୁଷ୍ଟ ଥିବା ଉପସ୍ଥିତ ଲୋକଙ୍କ ଠାରୁ ଆଲୋଚନା ବେଳେ ଜଣାପଡିଥିଲା । ଯଦିଓ ଏ ବର୍ଷ ଜଙ୍ଗଲରୁ ଚାର ମହୁଲ ସଂଗ୍ରହ ଆରମ୍ଭ ହୋଇନାହିଁ କିନ୍ତୁ ଏହି ବହୁମୁଲ୍ୟ ଦ୍ରବ୍ୟ ର ଉଚିତ ଦାମ ଚାର ଓ ଗୋଟାଳିମାନେ ପାଇ ପାରୁନାହାନ୍ତି କାରଣ ଏହି ଉଭୟ



ଜଙ୍ଗଲଜାତ ଦ୍ରବ୍ୟ କିଣିବା ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ନିୟମାବଳି ପ୍ରସ୍ତୁତ କରିନାହାନ୍ତି । ବହୁ ବର୍ଷ ପୂର୍ବରୁ ମହୁଲକୁ ସରକାର ପ୍ରତ୍ୟକ୍ଷ ଭାବେ ବନ ନିଗମ ଜରିଆରେ ଲୋକଙ୍କ ଠାରୁ କିଣୁଥିଲେ କିନ୍ତୁ ପରେ ପରେ ସରକାର ସେଥିରୁ ଓହରି ଯିବାରୁ ବର୍ତ୍ତମାନ ବିଭିନ୍ନ ଘରୋଇ ମଧ୍ୟସ୍ଥି ମାନେ ଏହାକୁ ଶାଗ ମାଛ ଦରରେ କିଣୁଛନ୍ତି । ଯଦି ସରକାର ନିଜେ ମହୁଲ କିଣିବେ ତେବେ ଗ୍ରାମ୍ୟ ଅଂଚଳର ଅର୍ଥନୀତି ନିଶ୍ଚିତ ଭାବେ ସୁଦୃଢ ହେବ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି । ଠିକ୍ ସେହିପରି ଚାର ମଧ୍ୟ ଏକ ବହୁମୁଲ୍ୟ ଜଙ୍ଗଲଜାତ ଦ୍ରବ୍ୟ । ରାଜ୍ୟ ବାହାରେ ମହାରାଷ୍ଟ୍ର, ଗୁଜୁରାଟ ଆଦି ଅଂଚଳରେ ଏହି ଚାର ମଞ୍ଜିର ଦାମ ଅନେକ ବେଶି । କିନ୍ତୁ ଆମ ଅଂଚଳରୁ ବ୍ୟବସାୟୀମାନେ ଏହାକୁ କେଜି ପ୍ରତି ଚାରି ଶହ ପାଂଚ ଶହ ଟଙ୍କାରେ କିଣି ବହୁତ ମୁନାଫା କମାଉଛନ୍ତି । ଏଣୁ ଏହି ଉଭୟ ବଣଜାତ ଦ୍ରବ୍ୟ କୁ ଏକ ସର୍ବନିମ୍ନ ସହାୟକ ମୁଲ୍ୟ ସହ ସରକାର ତାର ଏଜେନ୍ସି ମାଧ୍ୟମରେ ଲୋକଙ୍କ ଠାରୁ କିଣୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି । ଆଜିର ଏହି ଆଲୋଚନା ବେଳେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପ୍ରଦୀପ ପଣ୍ଡା, ମୟ ପ୍ରଧାନୀ, ଉମାକାନ୍ତ ଜାଲ, ଅସିତ ମିଶ୍ର, ବିକାଶ ସାହୁ, କୈଳାସ ମିଶ୍ର, ବୁଦ୍ଧଦେବ ସାହୁ, ଜିତୁ ରଣା, ହରିଶଚନ୍ଦ୍ର ଭୋଇ, ପିତାମ୍ବର ମଲ୍ଲିକ, ମୁରଲି ରଣା ଓ ପ୍ରକାଶ ସାହୁ ଙ୍କ ସମେତ ଅଂଚଳବାସୀମାନେ ଉପସ୍ଥିତ ଥିଲେ ।

# ରାଜଗାଙ୍ଗପୁର ପୋଲିସକୁ ବଡ଼ ସଫଳତା

ରାଜଗାଙ୍ଗପୁ, ୧୫।୨(ନି.ପ୍ର.): ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ସୁଚନା ଅନୁଯାୟୀ ପୋଲିସ ଷ୍ଟେସନ କେସ ନଂ ୫୯୦/୨୫। ଧାରା ୩୩୧(୪)୩୦୫(ବି)BNS ଅନ୍ତର୍ଗତ ରାଜଗାଙ୍ଗପୁର ପୋଲିସ ଚୋରି ଅଭିଯୋଗରେ ତଦନ୍ତ ଜାରି କରି ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କେସ୍ରାମାଳ



ଗ୍ରାମରୁ ମନୋରଞ୍ଜନ ମିଞ୍ଜଙ୍କୁ ଗିରଫ କରାଯାଇ ତା ପାଖରୁ ଚାରୋଟି ମୋବାଇଲ ଫୋନ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଜୟ କିଶୋର ଦାଶ ସୁଚନା ଦେଇଥିଲେ ।

# କୋଇଲା ପରିବହନ ସମ୍ପର୍କିତ ସମନ୍ୱୟ ବୈଠକ ବିଫଳ

ଅନୁଗୋଳ, ୧୫।୨(ନି.ପ୍ର.):- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ କୋଇଲା ପରିବହନ ଓ ଭାରିଯାନ ଚଳାଚଳ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ବୈଠକ ଆହ୍ୱାନ କରାଯାଇଥିଲା । ତେବେ ଛେଣ୍ଡିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ମାନସ ରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ମଞ୍ଚ ସିନ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା , ଛେଣ୍ଡିପଦା , ଡାହିବର ,କଙ୍କୁର ପାଲ , ଗଂଗୁଡିଆ ଆଦିଗ୍ରାମର ସଭାପତିସମ୍ପାଦକ, କର୍ମକର୍ତ୍ତା ଏବଂ ସରପଞ୍ଚ , ସମିତିସଭ୍ୟ ତଥା ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ । ଏହି ବୈଠକରେ ଛେଣ୍ଡିପଦା ସ୍ଥିତ ନୈନି କୋଇଲା ଖଣି ଠାରୁ କଣିହାଁ ସ୍ଥିତ ଜେ ଆଇ ଟି ପି ଏଲ ପାୱାର ପ୍ଲାଣ୍ଟ କୁ ଛେଣ୍ଡିପଦା - ଡ଼ାହିବର - କଙ୍କୁର ପାଳ - ଗଂଗୁଡିଆ ଗ୍ରାମ୍ୟ ରାସ୍ତା ମଧ୍ୟ ଦେଇ ଭାରିଯାନ ଯୋଗେ କୋଇଲା ପରିବହନ କରାଯିବା ଉପରେ ଆଲୋଚନା ହୋଇଥିଲା । ମାତ୍ର ଉପରୋକ୍ତ ଗାଁ ରାସ୍ତା ଦେଇ କୋଇଲା ପରିବହନ ନକରିବା ପାଇଁ ଅଞ୍ଚଳ ବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା ।



ଯେହେତୁ ଏହି ରାସ୍ତା ସଙ୍କୁଚିତ ,ପରିବେଶ ପ୍ରଦୂଷଣ ସାଙ୍ଗକୁ ବିଭିନ୍ନ ପ୍ରକାର ଘଟଣା ଅଘଟଣ ଏବଂ ଦୁର୍ଘଟଣା ଘଟିବ, ଗାଁ ଲୋକେ ନାନା ପ୍ରକାର ଅସୁବିଧା ସମ୍ମୁଖୀନ ହେବା ସହ ବିପଦ ରେ ପଡିବେ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି କ୍ଷେତ୍ରରେ ପ୍ରଭାବିତ ହେବେ । ସେହିପରି ବାୟୁ ଜଳ ଜମି ଜଙ୍ଗଲ ଆଦି ପ୍ରଦୂଷଣ ହେବା ସହ ଜନ ସାଧାରଣଙ୍କ ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଆପତ୍ତି ଅଭିଯୋଗ କରିଥିଲେ । ଏହାକୁ ନେଇ ବୈଠକରେ କମ୍ପାନୀ ଅଧିକାରୀ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧି ଏବଂ ଜନ ସାଧାରଣଙ୍କ ମଧ୍ୟରେ କଥା କଟାକଟି ଯୁକ୍ତିତର୍କ ହୋଇଥିଲା । ଫଳରେ ବୈଠକରେ କୌଣସି ନିର୍ଣ୍ଣାୟକ ଫଇସଲା ହୋଇପାରିନଥିଲା । ଏ ନେଇ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା ।।

ସୂଚନା ଯୋଗ୍ୟ ଯେ, ଛେଣ୍ଡିପଦା ସଦର ମହକୁମା ଠାରୁ ମାତ୍ର ୨ କି ମି ଦୁରରେ ନୈନୀ କୋଇଲା ଖଣି ରହିଛି । ସେଠାରେ ଖଣି ଖନନ କୋଇଲା ଉତ୍ପାଦନ କରିବା ସହ କମ୍ପାନୀ ପରିସରରେ କୋଇଲା ଗଚ୍ଛିତ କରିଛି । ମାତ୍ର ପରିବହନ ଓ ବ୍ୟବସାୟ କାମ ଅଞ୍ଚଳ ବାସୀଙ୍କ ବିରୋଧ ଯୋଗୁଁ ଆଗେଇ ପାରୁନାହିଁ । ଅପର ପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଛେଣ୍ଡିପଦା - ତେନ୍ତୁଲୋଇ - ଭାଲୁପାଳ - ପଳାଶ ବଣିଆ - ବାଳିପଙ୍ଗା - ନାଉପଦା - ଫୁଟ ଗାଡିଆ - ଦୁର୍ଗାପୁର - ଜରପଡା ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟ ଦେଇ କୋଇଲା ପରିବହନ କରାଯିବା ପାଇଁ ମସୁଧା ଚାଲିଥିଲା । ସ୍ଥାନୀୟ ଗ୍ରାମବାସୀ ଏବଂ ଅଞ୍ଚଳ ବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ଫଳରେ କମ୍ପାନୀ ପ୍ରଶାସନ ବାଟ ନପାଇ ନିରାଶ ହେବାକୁ ପଡିଥିଲା । ଏହାପରେ ଅନୁଗୋଳ - ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥ ଦେଇ ସ୍ଥାନୀୟ କୋଇଲା ଖଣି ଠାରୁ କୋଶଳା - ରାଇଙ୍ଗରଣ - କଙ୍କରେଇ - ନିଶା - ପରଙ୍ଗ ଗ୍ରାମ ମଧ୍ୟ ଦେଇ କୋଇଲା ପରିବହନ କରାଯିବା ପାଇଁ ମସୁଧା ଚାଲିଥିଲା । ହେଲେ କୋଶଳା । ଗ୍ରାମବାସୀଙ୍କ ତୀବ୍ର ବିରୋଧ ଏବଂ ଦୃଢ଼ ପ୍ରତିବାଦ ଯୋଗୁଁ କମ୍ପାନୀ ବାଟ ନପାଇ ନିରାଶ ହୋଇ ଶେଷରେ ଛେଣ୍ଡିପଦା - ଗଂଗୁଡିଆ ରାସ୍ତା ଦେଇ କୋଇଲା ପରିବହନ କରାଯିବା ପାଇଁ କମ୍ପାନୀ ପ୍ରଶାସନ ଅପଚେଷ୍ଟା କରୁଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଉପରୋକ୍ତ ସମନ୍ୱୟ ବୈଠକ ରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ସ୍ଥାନୀୟ ତହସିଲଦାର ବୈଠକ କୁ ସ୍ଥଗିତ ରଖିବା ସହ ଏ ନେଇ ବିକଳ୍ପ ବ୍ୟବସ୍ଥା ନିଆଯିବ ବୋଲି ମତ ପ୍ରକାଶ କରିଥିଲେ ।

# ଚଳଚଞ୍ଚଳ ଶୈବପୀଠ

ଖଲିକୋଟ, ୧୫।୨(ନି.ପ୍ର.) ଆଜି ଫାଲଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ ଅବସରରେ, ଶୈବପୀଠ ରେ ଦେଖିବାକୁ ମିଳିଛି ଭକ୍ତଙ୍କ ଭିଡ଼ । ଖଲିକୋଟ ଏକାଧାରରେ ଶୈବ,ଶାକ୍ତ ବୈଷ୍ଣବ ଧର୍ମର ଅପୂର୍ବ ମିଳନ ସ୍ଥଳ । ଖଲିକୋଟ ର ବିଭିନ୍ନ ଶିବାଳୟ ମଧ୍ୟରେ ଅଛନ୍ତି,ବାବା ଅମରେଶ୍ୱର, ବାବା ବରାଳ ବାଲୁଙ୍କ ?ଶ୍ୱର, ନୀଳକଣ୍ଠେଶ୍ୱର, ବେଲେଶ୍ୱର, ଏତଦବ୍ୟତୀତ ଝାଡେଶ୍ୱର ସ୍ଥିତ ମୁକ୍ତ ?ଶ୍ୱର, ମଲ୍ଲୀ କେଶ୍ୱର , ଗୋପକୁଦାରେ ଗୁପ୍ତେଶ୍ୱର, ଶ୍ରୀ କୃଷ୍ଣଶରଣ ପୁରରେ ଶ୍ରୀସକଳେଶ୍ୱର,ସାଙ୍କୁଡା ରେ ଧବଳେଶ୍ୱର,କୈରାସି ରେ ନୀଳକଣ୍ଠେଶ୍ୱର , ଲଙ୍ଗଳେଶ୍ୱର ର ଲଙ୍ଗଳେଶ୍ୱର ଆଦି ଶୈବପୀଠ ରେ ଲୋକାରଣ୍ୟ ହୋଇପଡିଛି ।ସକାଳୁ ବଡିଭୋରରୁ ମଂଗଳ ଆଳତୀ ହେବା ପରେ ଲକ୍ଷାର୍ଚ୍ଚନ ,ମହାମୃତ୍ୟୁଞ୍ଜୟ ମନ୍ତ୍ର ବୋଲିବା ସହ ଅନ୍ୟାନ୍ୟ ନିତୀକାନ୍ତି ସମାପନ କରାଯାଇଥିବା ପ୍ରସଙ୍ଗମାନ ଜଣାପଡିଛି । ଆଜିର ଏ ଅବସରରେ ବହୁ ଦୂରଦୂରାନ୍ତରୁ ଆବାଳବୃଦ୍ଧବନିତା ଆସିଥିଲେ । ସନ୍ଧ୍ୟା ବେଳକୁ ଉପାସିଆଳି ମାନେ ଜାଗର ଦୀପ ଜାଳିବା ସହ ଉଜାଗର ରହିଥାନ୍ତି । ତାପରେ ଠାକୁର ପୂଜା ପ୍ରଥମ ପ୍ରହର, ଦ୍ୱିତୀୟ ପ୍ରହର, ତୃତୀୟ ପ୍ରହର , ଚତୁର୍ଥ ପ୍ରହରରେ ମହାଦୀପ ଉଠେ ,ଏ ସମୟରେ ଶିବଭକ୍ତ ଙ୍କ ଭିତରେ ଆନ୍ତରିକତା ଭକ୍ତି ଉଦ୍ରେକ ହୋଇଥାଏ । ଖଲିକୋଟ ରେ ମହାଆଡମ୍ବରରେ ପୋଲିସ୍ ବାହିନୀ ର କଡ଼ା ସୁରକ୍ଷା ବଳୟରେ ମନ୍ଦିର ରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନଜରକୁ ଆସିଥିଲା ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ